

୧୫ ଅଗଷ୍ଟରେ 'ଲଭ୍ ଆଣ୍ଡ ୱାର୍'ର ଫାଷ୍ଟ ଲୁକ୍


▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-48 ◆TUESDAY ◆11 AUGUST 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୪୮ ◆ମଙ୍ଗଳବାର ◆୧୧ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

## ଭୂକମ୍ପରେ ଥରିଲା କଲମ୍ବିଆ; ୮୦ ମୃତ, ଅନେକ ଅଟ୍ଟାଳିକା ଧ୍ୱଂସ

**୭.୪ ତୀବ୍ରତାର ଭୂକମ୍ପ**

■ ବୋଗୋଟା, ୧୦।୮ (ଏଜେନ୍ସି): ଶକ୍ତିଶାଳୀ ଭୂମିକମ୍ପରେ ଥରହର ହୋଇଛି କଲମ୍ବିଆ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୪ ରେକର୍ଡ କରାଯାଇଛି। ଆଜି ସକାାଳେ ହୋଇଥିବା ଏହି ଭୟଙ୍କର ଭୂମିକମ୍ପରେ ଶତାଧିକ ଲୋକ ପ୍ରାଣ ହରାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮୦ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଭୂମିକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ ଶହ ଶହ ଅଟ୍ଟାଳିକା ଭୁଶୁଡ଼ି ପଡ଼ିଛି। ଭଗ୍ନାବଶେଷ ଭିତରେ ଶହ ଶହ ଲୋକ ଚାପି ହୋଇରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଜୋରସୋର ଉଦ୍ୟମ ଚଳାଇଛନ୍ତି ରିଲିଫ ଏବଂ ଉଦ୍ଧାରକାରୀ ଦଳ।

ସ୍ଥାନୀୟ ସମୟ ସକାଳ ପ୍ରାୟ ୭.୩୪ରେ ଭୂକମ୍ପ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ କଲମ୍ବିଆର ଚୋକୋ ବିଭାଗର ସାନ୍ ଜୋସେ ଡେଲ୍ ପାଲମାରଠାରୁ ପ୍ରାୟ ୫ କିଲୋମିଟର ପୂର୍ବରେ ଏବଂ ଭୂପୃଷ୍ଠରୁ ପ୍ରାୟ ୧୦୭ କିଲୋମିଟର ଗଭୀରରେ ରହିଥିଲା। ପେରେଇରା ସହରରେ ସର୍ବାଧିକ ୧୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ମାନିଜାଲେସ ସହରରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। କାଲି ସହରର ମେୟର କହିଛନ୍ତି ଯେ, ସହରରେ ପ୍ରାୟ ୨୦ଟି ଅଟ୍ଟାଳିକା ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିଛି। ଭଗ୍ନାବଶେଷ ତଳେ ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଚୋକୋ ବିଭାଗର ଗଭର୍ଣ୍ଣର କହିଛନ୍ତି ଯେ, କ୍ୱିବଡୋ ସହରରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି ଏବଂ ଅନେକ ଲୋକ ଆହତ ହୋଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ପେରେଇରା, ମାନିଜାଲେସ, କ୍ୱିବଡୋ ଏବଂ ଆର୍ମେନିଆ ସମେତ ଅନେକ ପ୍ରମୁଖ ବିମାନ ବନ୍ଦରରେ ବିମାନ ଚଳାଚଳ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ରାଜଧାନୀ ବୋଗୋଟାରେ ମଧ୍ୟ ତୀବ୍ର ଝଟକା ଅନୁଭୂତ ହୋଇଥିଲା, କିନ୍ତୁ ସେଠାରେ କୌଣସି ବଡ଼ ଧରଣର କ୍ଷୟକ୍ଷତି ହୋଇନଥିବା ମେୟର କହିଛନ୍ତି। ତେବେ ପ୍ରଶାନ୍ତ ମହାସାଗରୀୟ ଉପକୂଳରେ ସୁନାମିର କୌଣସି ବିପଦ ନାହିଁ ବୋଲି ଆମେରିକାର ସୁନାମି ଚେତାବନୀ ବ୍ୟବସ୍ଥା ସ୍ପଷ୍ଟ କରିଛି। ଏହି ଭୂମିକମ୍ପର ଝଟକା ପଡୋଶୀ ଦେଶ ▶ପୃଷ୍ଠା-୭

# ଏଗ୍ରିଷ୍ଟାକ୍ ଛାଟ; ତାତିଲେ ଚାଷୀ

## ଧାନ ନ କିଣିବାକୁ ସରକାରଙ୍କ ଆଇନ ଫନ୍ଦି

**ପଞ୍ଜୀକରଣରୁ ବଞ୍ଚିତ ହେବେ ହଜାର ହଜାର ଚାଷୀ**

■ ଯାଜପୁର/କବାଟବନ୍ଧ, ୧୦।୮ (ସମିସ): ଚଳିତ ବର୍ଷ ଲଗାଣ ବର୍ଷା ଓ ବନ୍ୟା ଯାଜପୁର ଜିଲ୍ଲାର ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ଚାଷୀମାନେ ଏବେ ଅଣ୍ଟା ସଳଖିବାକୁ ଚେଷ୍ଟା ଚଳାଇଛନ୍ତି। ଠିକ୍ ଏହି ସମୟରେ ଖରିଫ ଧାନ ପଞ୍ଜୀକରଣ ପାଇଁ ସରକାରଙ୍କର କିଛି ନୂଆ ନିର୍ଦ୍ଦେଶନାମା ଚାଷୀକୁ ଆହୁରିଅଡୁଆରେ ପକାଇଛି। ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଏଗ୍ରିଷ୍ଟାକ ଆଇଡି ନ ଥିଲେ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ ଏବଂ ଟୋକନ ପାଇବାରୁ ବଞ୍ଚିତ ହେବେ। ମାତ୍ର ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବୟାନ ଚାଷୀମାନଙ୍କୁ ଦ୍ୱନ୍ଦ୍ୱ ଭିତରକୁ ଟାଣି ନେଇଛି। ମନ୍ତ୍ରୀଙ୍କ କହିବା ଅନୁସାରେ, ଜଣେ ଚାଷୀର ଏଗ୍ରିଷ୍ଟାକ ଆଇଡି ନ ଥିଲେ ମଧ୍ୟ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରି ପାରିବ। ମାତ୍ର ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଚାଷୀକୁ ତା'ର ପଞ୍ଜିକୃତ ହୋଇଥିବା ସମସ୍ତ ଜମିକୁ ଏଗ୍ରିଷ୍ଟାକ ଆଇଡି ାରେ ଅପଲୋଡ୍ କରିବାକୁ ପଡ଼ିବ। ନଚେତ ଚାଷୀ ଧାନ ବିକ୍ରି କରିବା ପାଇଁ ଟୋକନ ପାଇବାରୁ ବଞ୍ଚିତ ହେବ। ତେବେ ଏଠି ପ୍ରଶ୍ନ ଉଠେ ନିଜ ନାମରେ ରେକର୍ଡ ଥିଲେ ଉକ୍ତ ଜମି ହିଁ ଏଗ୍ରିଷ୍ଟାକ ଆଇଡିରେ ଅପଲୋଡ୍ ହୋଇପାରିବ। ବାପା, ଅଜା, ଜେଜେବାପା ଇତ୍ୟାଦିଙ୍କ ନାମରେ ଥିବା ବଂଶାନୁକ୍ରମିକ ଜମି ଏଗ୍ରିଷ୍ଟାକ ଆଇଡିରେ ଅପଲୋଡ୍ ହୋଇପାରିବ ନାହିଁ। ଯଦି ଚାଷୀଟି ତାର ବାପା, ଅଜା, ଜେଜେ ବାପା ନାମରେ ଥିବା ଜମିକୁ ପଞ୍ଜୀକରଣ କରିଥାନ୍ତି ତେବେ ଉକ୍ତ ଜମି ଏଗ୍ରିଷ୍ଟାକ ଆଇଡିରେ ଚଢ଼ିବ କେମିତି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଭୂବନ୍ଦୋବସ୍ତ ସରି ନ ଥିବା ମୌଜା ଗୁଡ଼ିକର ଚାଷୀମାନେ ତାଙ୍କର ଧାନ କେମିତି ବିକ୍ରି କରିବେ ବୋଲି ପ୍ରଶ୍ନ ଉଠିଛି। ଭୂବନ୍ଦୋବସ୍ତ କାର୍ଯ୍ୟ ଚାଲୁ ରହିଥିବାରୁ ଜମି ଗୁଡ଼ିକ ପୂର୍ବପରି ବାପା, ଅଜା, ଜେଜେବାପାଙ୍କ ନାମରେ ଏବେ ବି ରହିଛି। ଉକ୍ତ ମୌଜାର ଚାଷୀ ମାନେ ନା ପଞ୍ଜୀକରଣ କରି ପାରିବେ ନା ଧାନ ବିକ୍ରି କରି ପାରିବେ। ସରକାର କହୁଛନ୍ତି ଯଦି ବାପା କିମ୍ବା ଜେଜେବାପା ମୃତ ▶ପୃଷ୍ଠା-୭

## ବରଗଡ଼ରେ ଚାଷୀଙ୍କ ଜେଲ୍‌ଭରୋ ଆନ୍ଦୋଳନ



**ସଂଯୁକ୍ତ କିଶାନ ମୋର୍ଚ୍ଚାର ୩ଶହରୁ ଊର୍ଦ୍ଧ୍ୱ ଗିରଫ**

**୧୪ ଅଗଷ୍ଟରେ ବଡ଼ ଆନ୍ଦୋଳନ ପାଇଁ ନିଷ୍ପତ୍ତି**

■ ବରଗଡ଼, ୧୦।୮ (ସମିସ): ସଂଯୁକ୍ତ କିଶାନ ମୋର୍ଚ୍ଚା ଆହ୍ୱାନ କ୍ରମେ ଦେଶର ୧୦୦୦ଟି ସ୍ଥାନରେ ଜେଲ୍ ଭରୋ ଆନ୍ଦୋଳନ ଡାକରା ଦିଆଯାଇଥିଲା। ବରଗଡ଼ରେ ମଧ୍ୟ ସଂଯୁକ୍ତ କୃଷକ ସଂଗଠନ ସମର୍ଥନ ଜଣାଇ ଆଜି ଗାନ୍ଧୀ ଛକରେ ଶହଶହ ଚାଷୀ ଏକତ୍ରିତ ହୋଇ ଏସ୍‌ପି ଅଫିସ ପର୍ଯ୍ୟନ୍ତ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଭାରେ ସଂଯୁକ୍ତ କିଶାନ ମୋର୍ଚ୍ଚା ▶ପୃଷ୍ଠା-୭

**ସଫେଇ ଦେଲେ ସରକାର**

### ପଞ୍ଜୀକରଣ ପାଇଁ ଏବେ ବାଧ୍ୟତାମୂଳକ ନୁହେଁ ଏଗ୍ରିଷ୍ଟାକ

**ମନ୍ତ୍ରୀଙ୍କୁ ଘେରିଲେ ଦଳୀୟ ବିଧାୟକ**

■ ଭୁବନେଶ୍ୱର, ୧୦।୮ (ସମିସ): ରାଜ୍ୟରେ ଖରିଫ ଋତୁ ପାଇଁ ପଞ୍ଜୀକରଣର ଜଟିଳ ସରକାରୀ ବ୍ୟବସ୍ଥାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବର୍ତ୍ତମାନ ଚାଷୀଙ୍କ ପଞ୍ଜୀକରଣ ପାଇଁ ଏଗ୍ରିଷ୍ଟାକ ଆଇଡି ବାଧ୍ୟତାମୂଳକ କରାଯିବ ନାହିଁ ବୋଲି ସୋମବାର ସଫେଇ ଦେଇଛନ୍ତି। ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ନେଇ ସୋମବାର ଉପ-ମୁଖ୍ୟମନ୍ତ୍ରୀଙ୍କ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ଆସନ୍ତା ଅକ୍ଟୋବର ମାସ ▶ପୃଷ୍ଠା-୭

**ନିଯୁକ୍ତି ପରୀକ୍ଷାରେ ଅନିୟମିତତା: ଝାଡ଼ଖଣ୍ଡରେ ଛାତ୍ର ଆନ୍ଦୋଳନ**

## ରାଞ୍ଚି ପାଲଟିଲା ରଣକ୍ଷେତ୍ର



**ବିଧାନସଭା ସମ୍ମୁଖରେ ବିକ୍ଷୋଭ, ପୁଲିସର ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ**

**ଜେପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ଏଲ୍ ଖିଆଙ୍ଗଟେ ଗିରଫ**

■ ରାଞ୍ଚି, ୧୦।୮ (ଏଜେନ୍ସି): ଝାଡ଼ଖଣ୍ଡର ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଅନିୟମିତତା ଅଭିଯୋଗକୁ ନେଇ ସୋମବାର ରାଞ୍ଚି ରଣକ୍ଷେତ୍ରରେ ପରିଣତ ହୋଇଛି। ବିଧାନସଭା ଘେରଉ କରିବାକୁ ଯାଉଥିବା ହଜାର ହଜାର ଚାକିରି ଆଶାୟୀଙ୍କ ଉପରେ ପୁଲିସ ପକ୍ଷରୁ ଲାଠିଚାର୍ଜ, ପାଣି ମାଡ଼ ଏବଂ ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଇଛି। ସୋମବାର ଜେପିଏସସି-ଜେଏସଏସସି ସଂସ୍କାର ମଞ୍ଚ ନେତୃତ୍ୱରେ ଆନ୍ଦୋଳନକାରୀ ପୁରୁଣା ବିଧାନସଭା ଭବନରୁ ଶୋଭାଯାତ୍ରା ବାହାର କରିଥିଲେ। ବିଧାନସଭାଠାରୁ ମାତ୍ର ୨୦୦ ମିଟର ଦୂରରେ ପ୍ରତିବାଦକାରୀମାନେ ଶେଷ ବ୍ୟାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଫଳରେ ପୁଲିସ ସେମାନଙ୍କୁ ଅଟକାଇବା ପାଇଁ ବଳ ପ୍ରୟୋଗ କରିଥିଲା। ଏହି ସଂଘର୍ଷରେ ଅନେକ ଛାତ୍ରଛାତ୍ରୀ ଆହତ ହୋଇଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ବର୍ତ୍ତମାନ ଝାଡ଼ଖଣ୍ଡରେ ବିଧାନସଭା ଅଧିବେଶନ ଚାଲିଛି। ସେପଟେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ୫୧ତମ ଜନ୍ମଦିନ ମଧ୍ୟ ପାଳନ କରାଯାଉଛି। ଏହି ସମୟରେ ଛାତ୍ରଛାତ୍ରୀ ଆନ୍ଦୋଳନ ଚାଲୁ ରହିବା ସହ ବିଧାନସଭା ଘେରଉ କରାଯାଇଛି। ଛାତ୍ରଛାତ୍ରୀଙ୍କ ପ୍ରମୁଖ ଦାବି ଗୁଡ଼ିକ ହେଉଛି, ୧୪ତମ ଝାଡ଼ଖଣ୍ଡ ▶ପୃଷ୍ଠା-୭

## ବିବାହ ପ୍ରତିଶ୍ରୁତି ଭାଙ୍ଗିବା ପ୍ରତାରଣା ନୁହେଁ: ହାଇକୋର୍ଟ

■ କଟକ,୧୦।୮(ସମିସ): କୌଣସି ସମ୍ପର୍କ ଭାଙ୍ଗିଯିବା ଅବା ବିବାହର ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରିଦେବା ପ୍ରତାରଣା ଅପରାଧ ବୋଲି ଗଣ୍ୟ ହେବନାହିଁ। ବିବାହ ପ୍ରତିଶ୍ରୁତି ଭଙ୍ଗ କରିବା ସେତେବେଳେ ପର୍ଯ୍ୟନ୍ତ ପ୍ରତାରଣା ବୋଲି ବିବେଚନା କରାଯିବ ନାହିଁ, ଯେଉଁ ପର୍ଯ୍ୟନ୍ତ ଏହା ଆରମ୍ଭରୁ ହିଁ ଅସତ୍ ଉଦ୍ଦେଶ୍ୟରେ କରାଯାଇଥିଲା ବୋଲି ପ୍ରମାଣିତ ହୋଇନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଭବାନୀପାଟଣା ଅତିରିକ୍ତ ଦୌରାଜଜ୍ ଫାଷ୍ଟଟ୍ରାକ ଅଦାଲତଙ୍କ ଦଣ୍ଡାଦେଶକୁ ବିରୋଧ କରି ରୁଜୁ ଲମ୍ବୋଦର ସିଂଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶିବ ଶଙ୍କର ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ସମ୍ପର୍କ ଭାଙ୍ଗିଯିବା କିମ୍ବା ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରିବା ଦୁଃଖଦାୟକ ହୋଇପାରେ, କିନ୍ତୁ ଏହା କୌଣସି ଆପରାଧିକ ପ୍ରତାରଣା ନୁହେଁ। ତେଣୁ ଆଇପିସି ଧାରା ୪୧୭ ଅଧୀନରେ ନିମ୍ନ ଅଦାଲତ ପ୍ରଦାନ କରିଥିବା ଦଣ୍ଡାଦେଶକୁ ରଦ୍ଦ କରି ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ, ମାମଲାଟି କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅଞ୍ଚଳର। ବଲାଙ୍ଗୀର ଜିଲ୍ଲାର ଲମ୍ବୋଦର ସିଂ ପ୍ରେମ ସମ୍ପର୍କ ରଖି ବିବାହର ପ୍ରତିଶ୍ରୁତି ଦେଇ ବିବାହ କରିବାକୁ ମନା କରିଦେଇଥିବା ଅଭିଯୋଗ ହୋଇଥିଲା। ୨୦୦୯ ସେପ୍ଟେମ୍ବର ୯ରେ ଭବାନୀପାଟଣା ଅତିରିକ୍ତ ଦୌରାଜଜ୍ ଦଫା ୩୭୬ ଅଭିଯୋଗରୁ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିଲେ। ତେବେ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ବିବାହ ନ କରିବା କାରଣରୁ ତାଙ୍କୁ ଆଇପିସିର ଧାରା ୪୧୭ ଅଧୀନରେ ୧ବର୍ଷର ଜେଲ ଦଣ୍ଡାଦେଶ ଦେଇଥିଲେ। ଏହି ଦଣ୍ଡାଦେଶକୁ ଆବେଦନକାରୀଙ୍କ ତରଫରୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ପ୍ରମାଣରୁ ସ୍ପଷ୍ଟ ହୋଇଥିଲା ଯେ, ପୀଡ଼ିତା ନାବାଳିକା ନ ଥିଲେ ଏବଂ ଉଭୟ ପ୍ରେମ ସମ୍ପର୍କରେ ଥିଲେ। ପୀଡ଼ିତା ନିଜ ଇଚ୍ଛାରେ ଶାରୀରିକ ସମ୍ପର୍କ ରଖିଥିଲେ। ଯେତେବେଳେ ଯୁବତୀଙ୍କ ବିବାହ ଅନ୍ୟତ୍ର ସ୍ଥିର ହୋଇଥିଲା, ଅଭିଯୁକ୍ତ ଜଣକ ପ୍ରସ୍ତାବିତ ବରପକ୍ଷଙ୍କୁ ଫୋନ୍ କରି ସେ ଯୁବତୀଙ୍କୁ ଭଲପାଆନ୍ତି ଓ ବିବାହ କରିବାକୁ ଚାହାନ୍ତି ବୋଲି କହିଥିଲେ।

## ସଞ୍ଜୀବ ପଣ୍ଡା ଓ ଯଶବନ୍ତ ଜେଠୱାଙ୍କୁ ଡିଜି ପାହ୍ୟା

■ ଭୁବନେଶ୍ୱର, ୧୦।୭ (ସମିସ): ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଚୟନକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏଥିପାଇଁ ଏକାଧିକ ବରିଷ୍ଠ ପୁଲିସ ଅଧିକାରୀଙ୍କ ନାମ ସାମ୍ନାକୁ ଆସିଛି। ଡିଜି ଚୟନ ତାରିଖ ଯେତେ ପାଖେଇ ଆସୁଛି ଚର୍ଚ୍ଚା ସେତେ ଜୋର ଧରୁଛି। ଏହି ସମୟରେ ବରିଷ୍ଠ ଆଇପିଏସ୍ ଅଧିକାରୀ ସଞ୍ଜୀବ ପଣ୍ଡା ଏବଂ ଯଶବନ୍ତ କୁମାର ଜେଠୱାଙ୍କୁ ସୋମବାର ଡିଜି ପାହ୍ୟାକୁ ପଦୋନ୍ନତି ମିଳିଛି। ୧୯୯୪ ବ୍ୟାଚ୍‌ର ଏହି ଦୁଇ ଅଫିସର ଏବେ ଏଡିଜି ପାହ୍ୟାରେ କାର୍ଯ୍ୟରତ। ସେମାନଙ୍କ ପଦୋନ୍ନତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ପ୍ରଦାନ କରିଛନ୍ତି। ସଂଜୀବ ପଣ୍ଡା ଏବେ ନକ୍ସଲ ବିରୋଧୀ ଅପରେସନ ଏବଂ ସ୍ୱତନ୍ତ୍ର ଗୁଇନ୍ଦା ଶାଖା ଦାୟିତ୍ୱରେ ଥିବା ବେଳେ ଜେଠୱା ଭିଜିଲାନ୍ସ ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି। ▶ପୃଷ୍ଠା-୭

**ସୃଷ୍ଟି ହେଲା ଘୂର୍ଣ୍ଣିବଳୟ, ୧୨ରେ ଲଘୁଚାପ**

## ୧୫ ପର୍ଯ୍ୟନ୍ତ ପ୍ରବଳ ବର୍ଷା



■ ଭୁବନେଶ୍ୱର, ୧୦।୮ (ସମିସ): ଆସୁଛି ଆଉ ଏକ ଲଘୁଚାପ। ଆସନ୍ତା ୧୨ ତାରିଖ ବେଳକୁ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବ। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳ ଉପରେ ଆଜି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମୁଦ୍ର ପତ୍ତନଠାରୁ ୩.୧ କିମି ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି। ଏହା ପ୍ରଭାବରେ ଆସନ୍ତା ୧୨ ଅଗଷ୍ଟ ସୁଦ୍ଧା ସେହି ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପ୍ରଭାବରେ ଆଗାମୀ ଅଗଷ୍ଟ ୧୫ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନକୁ ପ୍ରବଳ ବର୍ଷା ଜନିତ ଚେତାବନୀ ମଧ୍ୟ ଜାରି ହୋଇଛି।

ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି, ଶନିବାର ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଏବେ ଦକ୍ଷିଣ ପୂର୍ବ ମଧ୍ୟପ୍ରଦେଶ ସଂଲଗ୍ନ ଛତିଶଗଡ଼ରେ ସକ୍ରିୟ ରହିଛି। ବର୍ତ୍ତମାନ ଏହାର ପ୍ରଭାବ ରାଜ୍ୟ ଉପରେ ନାହିଁ। ବର୍ତ୍ତମାନ ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବା ବେଳେ ଅନେକ ସ୍ଥାନରେ ବର୍ଷା ହେଉଛି। ଆଗକୁ ଲଘୁଚାପ ସହ ସକ୍ରିୟ ମୌସୁମୀ ପ୍ରଭାବରେ ପୁଣି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି କ୍ରମରେ ମଙ୍ଗଳବାର ସାରା ରାଜ୍ୟରେ ବର୍ଷା ସହ ଅନେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଖୋର୍ଦ୍ଧା, ପୁରୀ, କଟକ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, ମୟୂରଭଞ୍ଜ, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଓ ଦେବଗଡ଼ ଆଦି ୨୨ଟି ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି।

ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳରେ ଘଣ୍ଟା ପ୍ରତି ପବନର ବେଗ ବୃଦ୍ଧି ପାଇ ୩୫ରୁ ୪୫ କିମି ସର୍ବାଧିକ ୫୫ କିମି ପର୍ଯ୍ୟନ୍ତ ▶ପୃଷ୍ଠା-୭

**କ୍ଷେତରୁ ଫେରିବାବେଳେ ବଜ୍ରପାତ**

## ଟଳିପଡ଼ିଲେ ୫ ଚାଷୀ

■ ବାରିପଦା/ ଚୌଦ୍ୱାର/ଭଦ୍ରେଶ୍ୱର/ଟାଙ୍ଗୀ, ୧୦।୮ (ସମିସ): ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ଚାଷ କାମରେ ବ୍ୟସ୍ତ ଥିବା ୫ ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅଧୀନ କାଶିପାଳ ଗ୍ରାମରେ ବଜ୍ରପାତ ଯୋଗୁଁ ଦୁଇଜଣ ଚାଷୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ।।ହେଲେରାଜାବସାପଞ୍ଚାୟତଅନ୍ତର୍ଗତକାଶିପାଳ ଗ୍ରାମର କାତୁଲ ହାଁସଦା (୪୮) ଓ ସ୍ୱର୍ଗତ ମଙ୍ଗଲ ହାଁସଦାଙ୍କ ସ୍ତ୍ରୀ ଫୁଲମଣି ହାଁସଦା(୪୦)। ସୋମବାର ଗ୍ରାମ ନିକଟସ୍ଥ କ୍ଷେତରେ ଚାଷ କାମ କରୁଥିବା ବେଳେ ହଠାତ୍ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଦୁହେଁ ବିଲରୁ ଘରକୁ ଫେରିବା ବାଟରେ ସେମାନଙ୍କ ଉପରେ ବଜ୍ରପାତ ହେବାରୁ ସେହିଠାରେ ହିଁ ଦୁହେଁ ଟଳି ପଡ଼ିଥିଲେ। ଚେତାଶୂନ୍ୟ ଅବସ୍ଥାରେ ଦୁହିଁଙ୍କୁ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କ ସାହାଯ୍ୟରେ ଆମ୍ବୁଲାନ୍ସରେ ରଙ୍ଗାମାଟିଆସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ବାରିପଦା ସଦର ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇଥିବା ଥାନା ଆଇଆଇସି ସସ୍ମିତା ମହାନ୍ତ ପ୍ରକାଶ କରିଛନ୍ତି।


ସେହିପରି କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଜଳେଶ୍ୱରପୁର ଗ୍ରାମର ଚାଷୀ ବ୍ରଜବନ୍ଧୁ ଖଟୁଆ (୫୯) ବିଲରେ କାମ କରୁଥିବା ବେଳେ ବଜ୍ରାଘାତର ଶିକାର ହୋଇଥିଲେ। ▶ପୃଷ୍ଠା-୭

**ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି**

## ଓଡ଼ିଶାର ଦାବିକୁ ଫାଙ୍କିଦେଲା କେନ୍ଦ୍ର

### ୨୦୨୩ରେ ୬,୨୮୪ କୋଟି ସହାୟତା ପ୍ରସ୍ତାବରୁ ବି ଟଙ୍କାଏ ପାଇନି ଓଡ଼ିଶା

- ୟସ୍ ପରେ ଓଡ଼ିଶା ମାଗିଥିଲା ୧୦ ହଜାର କୋଟିର ବିଦ୍ୟୁତ ଭିତ୍ତିଭୂମି ପ୍ୟାକେଜ୍
- ବିମାନବନ୍ଦରରେ ସମୀକ୍ଷା ସମୟରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି ରଖିଥିଲେ ନବୀନ
- 'ନିତି' ଆୟୋଗ କାର୍ଯ୍ୟନିର୍ବାହୀ ବୈଠକରେ ମଧ୍ୟ ନବୀନ କରିଥିଲେ ଅନୁରୂପ ଦାବି
- ସଂସଦରେ ମନ୍ତ୍ରୀ କହିଲେ ଏପରି କିଛି ଆନୁଷ୍ଠାନିକ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ମିଳିନାହିଁ



■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୦।୮ (ସମିସ): ନିୟମିତ ବ୍ୟବଧାନରେ ଓଡ଼ିଶା ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ବାତ୍ୟା ସମୟରେ ଓଡ଼ିଶାର ବିଦ୍ୟୁତ୍‌ଭିତ୍ତିଭୂମିବିପୁଳମାତ୍ରାରେକ୍ଷତିଗ୍ରସ୍ତହେଉଛି। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗରେ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୨୨ ଅଗଷ୍ଟ ୭ ତାରିଖରେ ନିତିଆୟୋଗ କାର୍ଯ୍ୟନିର୍ବାହୀ ବୈଠକରେ ନବୀନ ଓଡ଼ିଶା ନିୟମିତ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାରୁ ସ୍ୱତନ୍ତ୍ର ଫୋକସ ରାଜ୍ୟ ମାନ୍ୟତା ପାଇଁ ଦାବି କରିବା ସହ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ସହାୟତା ଦାବି କରିଥିଲେ। ଅନୁରୂପ ଭାବରେ କୋଭିଡ଼ ମହାମାରୀ କାଳରେ 'ୟସ' ବାତ୍ୟା ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିକୁ ବ୍ୟାପକ କ୍ଷତିଗ୍ରସ୍ତ କରିଥିଲା। ୨୦୨୧ ମଇ ୨୮ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ବାତ୍ୟା ସମୀକ୍ଷା କାଳରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ଼ ଚାପଗ୍ରସ୍ତ କେନ୍ଦ୍ର ସରକାରଙ୍କ ଉପରେ ଆର୍ଥିକ ଚାପ ଦେବାକୁ ଅସମ୍ମତି ପ୍ରକାଶ କରିଥିଲେ। ମାତ୍ର ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ପାଇଁ ବିପର୍ଯ୍ୟୟ ପ୍ରତିରୋଧୀ ସହାୟତା ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ସବୁ ଦାବି ଓ ଅନୁରୋଧକୁ ବାଏଁବାଏଁ ଉଡ଼ାଇ ଦେଇଛନ୍ତି। ଓଡ଼ିଶା ପାଇଁ ସ୍ୱତନ୍ତ୍ର ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପ୍ୟାକେଜ ଦେବା ପାଇଁ କୌଣସି ପୃଥକ ଯୋଜନା ନାହିଁ ବୋଲି ସ୍ପଷ୍ଟ ଭାଷାରେ କହିଛନ୍ତି। ଏପରିକି ୟସ ବାତ୍ୟା ପରେ ଓଡ଼ିଶା ସରକାର ଦାବି କରିଥିବା ୧୦ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ବିଦ୍ୟୁତ୍ ଭିତ୍ତିଭୂମି ପ୍ୟାକେଜ ନିମନ୍ତେ କୌଣସି ଆନୁଷ୍ଠାନିକ ପ୍ରସ୍ତାବ କେନ୍ଦ୍ର ସରକାର ପାଇ ନ ଥିବା ଲୋକସଭାରେ ସ୍ପଷ୍ଟ କରିଛନ୍ତି କେନ୍ଦ୍ର ▶ପୃଷ୍ଠା-୭

## ସୌରଭ ଗାଙ୍ଗୁଲି ଓ ତାଙ୍କ ପତ୍ନୀ ଡୋନାଙ୍କୁ ହତ୍ୟା ଧମକ



କୋଲକାତା, ୧୦।୮ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ବିସିସିଆଇର ପୂର୍ବତନ ସଭାପତି ସୌରଭ ଗାଙ୍ଗୁଲି ଏବଂ ତାଙ୍କ ପତ୍ନୀ ଡୋନା ଗାଙ୍ଗୁଲିଙ୍କୁ ହତ୍ୟା ଧମକ ମିଳିଛି। ଏହାପରେ କୋଲକାତାର ଠାକୁରପୁକୁର ପୁଲିସ ଷ୍ଟେସନରେ ଏକ ଲିଖିତ ଅଭିଯୋଗ କରାଯାଇଛି। ସୋମବାର ବେଙ୍ଗଲ କ୍ରିକେଟ ଆସୋସିଏସନ କାର୍ଯ୍ୟାଳୟରେ ଏକ ଚିଠି ହସ୍ତଗତ ହୋଇଥିଲା। ସେଥିରେ ଗାଙ୍ଗୁଲି ଓ ତାଙ୍କ ପରିବାରକୁ ନିଶ୍ଚିହ୍ନ କରିଦେବା ପାଇଁ ସ୍ପଷ୍ଟ ଧମକ ଦିଆଯାଇଥିଲା। ଗତ ୬ ମାସ ହେବ ଏଭଳି ଅନେକ ଅପମାନଜନକ ଚିଠି ଆସୁଥିଲା ବୋଲି ଗାଙ୍ଗୁଲିଙ୍କ ପରିବାର ପକ୍ଷରୁ କୁହାଯାଇଛି। ପ୍ରଥମେ ଏହାକୁ ସାଧାରଣ ଭାବି ଏଡାଇ ଦିଆଯାଇଥିଲା। ହେଲେ ବର୍ତ୍ତମାନ ଚିଠିର ଭାଷା ଅତ୍ୟନ୍ତ ଧମକପୂର୍ଣ୍ଣ ହୋଇଥିବାରୁ ପୁଲିସ ନିକଟରେ ଅଭିଯୋଗ ଦାଖଲ ହୋଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ବେଲଘରିଆର ଅରୁଣ କୁମାର ନାମକ ଜଣେ ବ୍ୟକ୍ତି କୋରିୟର ମାଧ୍ୟମରେ ଏହି ଚିଠି ପଠାଇଛନ୍ତି। କୋଲକାତା ପୁଲିସ ବର୍ତ୍ତମାନ ମୋବାଇଲ୍ ନମ୍ବର ଏବଂ କୋରିୟର ଟ୍ରେଲ୍ ମାଧ୍ୟମରେ ଅଧିକ ତଦନ୍ତ ଜାରି ରଖିଛି।

## ସ୍ଲୋଭେନିଆରେ ଭାରତୀୟ ଦୂତାବାସ ବିକୃତ

ନୂଆଦିଲ୍ଲୀ/ଲୁବ୍ଲିଆନା, ୧୦।୮ (ଏଜେନ୍ସି): ସ୍ଲୋଭେନିଆର ରାଜଧାନୀରେ ଅବସ୍ଥିତ ଭାରତୀୟ ଦୂତାବାସ ପରିସରକୁ ବିକୃତ କରାଯିବା ଘଟଣାକୁ ନେଇ ଭାରତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏହି ଘଟଣା ସ୍ଲୋଭେନିଆର ରାଜଧାନୀରେ ଘଟିଛି। ଭାରତୀୟ




**କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଭାରତର ଦାବି**

ଦୂତାବାସର କାନ୍ଥରେ ବିଭିନ୍ନ ଭାରତ ବିରୋଧୀ ସ୍ଲୋଗାନ ଲେଖାଯାଇଛି। ଏହି ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ଜବାବଦେହି କରିବାକୁ ଭାରତ ସରକାର ଦାବି କରିଛନ୍ତି। ଭାରତ ପକ୍ଷରୁ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ଅନ୍ତର୍ଜାତୀୟ ପ୍ରୋଟୋକଲ୍ ଅନୁଯାୟୀ ଦୂତାବାସ ପରିସରଗୁଡ଼ିକ ସମ୍ପୂର୍ଣ୍ଣ ଅଲଙ୍ଘନୀୟ। ଏହି ପରିସର ମଧ୍ୟରେ କୌଣସି ପ୍ରକାରର କ୍ଷତି ପହଞ୍ଚାଇବା ଏକ ଗୁରୁତର ବିଷୟ। ସୂଚନା ଅନୁଯାୟୀ, କିଛି ଭାରତ-ବିରୋଧୀ ତତ୍ତ୍ୱ ଏହି କାର୍ଯ୍ୟ ପଛରେ ରହିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏବଂ ସ୍ଥାନୀୟ ଦୂତାବାସ କର୍ତ୍ତୃପକ୍ଷ ସତର୍କ ରହିବା ସହ ସ୍ଥାନୀୟ ପ୍ରଶାସନର ସହଯୋଗ ଲୋଡ଼ିଛନ୍ତି।

## ଉଈ ଖାଇଗଲେ ରାଜସ୍ଥାନ ଚାଷୀଙ୍କ ୫ ଲକ୍ଷ ଟଙ୍କା



ରାଜସ୍ଥାନ, ୧୦।୮ (ଏଜେନ୍ସି): ରାଜସ୍ଥାନର ଜଣେ ଚାଷୀଙ୍କ ଜମି ତଳେ ପୋତିଥିବା ୫ ଲକ୍ଷ ଟଙ୍କାକୁ ଉଈ ଖାଇ ନଷ୍ଟ କରିଦେବା ଭଳି ଏକ ଦୁଃଖଦାୟକ ଘଟଣା ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ଚାଷୀ ଜଣକ ପ୍ରାୟ ବର୍ଷକ ତଳେ ଏକ ଜମି ବିକ୍ରି କରି ୫ ଲକ୍ଷ ଟଙ୍କା ପାଇଥିଲେ। ଘର ତିଆରି କରିବା ପାଇଁ ସେ ଏହି ଅର୍ଥକୁ ସାଇତି ରଖିବାକୁ ଚାହୁଁଥିଲେ। ଟଙ୍କା ଚୋରି ହେବା କିମ୍ବା ଅନାବଶ୍ୟକ ଭାବେ ଖର୍ଚ୍ଚ ହୋଇଯିବା ଭୟରେ ସେ ଏକ ପଲିଥିନ ବ୍ୟାଗରେ ନୋଟଗୁଡ଼ିକୁ ଭରି ନିଜ ବିଲରେ ଗାତ ଖୋଳି ପୋତି ଦେଇଥିଲେ। ତେବେ ମଦ୍ୟପାନ କରିବା ଅଭ୍ୟାସ ଓ ଭୁଲିଯିବା ଗୁଣ ତାଙ୍କର ପୂର୍ବରୁ ରହିଥିଲା। ତେଣୁ ସେହି ଅର୍ଥକୁ ସେ ଠିକ୍ କେଉଁ ସ୍ଥାନରେ ଟଙ୍କା ପୋତିଥିଲେ, ତାହା ମନେ ରଖିପାରିନଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ଟଙ୍କା ନମିଳିବାରୁ ସେ ନିଜ ପରିବାରକୁ ଏ ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ବିଲର ବିଭିନ୍ନ ସ୍ଥାନ ଖୋଳିଥିଲେ ମଧ୍ୟ ସଫଳ ହୋଇନଥିଲେ। ପ୍ରାୟ ବର୍ଷକ ପରେ, ମୌସୁମୀ ଋତୁ ପାଇଁ ଜମି ପ୍ରସ୍ତୁତି ଚାଲିଥିବା ବେଳେ ଗୋଟିଏ ରାତିରେ ସେହି ପଲିଥିନ ବ୍ୟାଗଟି ମାଟି ଉପରକୁ ଆସିଯାଇଥିଲା। ପରଦିନ ସକାଳେ ଚାଷୀଙ୍କ ପତ୍ନୀ ଓ ପୁଅ ବାଡ଼ ମରାମତି କରୁଥିବା ସମୟରେ ଏହି ବ୍ୟାଗଟିକୁ ପାଇଥିଲେ। ବ୍ୟାଗ ଖୋଲିବା ପରେ ସେମାନେ ସ୍ତବ୍ଧ ହୋଇଯାଇଥିଲେ। ସେଥିରେ ଥିବା ୫ ଲକ୍ଷ ଟଙ୍କାର ନୋଟଗୁଡ଼ିକୁ ଉଈ ସମ୍ପୂର୍ଣ୍ଣ ଭାବେ କାଟି ଖଣ୍ଡଖଣ୍ଡ କରି ଦେଇଥିଲେ। କ୍ଷତିଗ୍ରସ୍ତ ପରିବାର ଲୋକେ ଉଦ୍ଧାର ହୋଇଥିବା ନଷ୍ଟ ନୋଟକୁ ଧରି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍ଥାନୀୟ ଶାଖା ଓ ପରେ ଜିଲ୍ଲା ମୁଖ୍ୟ ଶାଖାକୁ ଯାଇଥିଲେ। କିନ୍ତୁ ନୋଟଗୁଡ଼ିକର ଅତି ଶୋଚନୀୟ ଅବସ୍ଥା ଦେଖି ବ୍ୟାଙ୍କ କର୍ତ୍ତୃପକ୍ଷ ତାହାକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ପୁଲିସ ବର୍ବରତା ଆଲୋଚନା ପାଇଁ ସରକାର ରାଜି

## ରାମ ମନ୍ଦିର ଉପରେ ବି ଆଲୋଚନା ହେଉ: କଂଗ୍ରେସ

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ବିରୋଧରେଦିଲ୍ଲୀରେଆନ୍ଦୋଳନଚଳାଇଥିବାଛାତ୍ରଛାତ୍ରୀଙ୍କ ଉପରେ ଜୁଲାଇ ୨୦ରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ସଂସଦରେ ଅଚଳାବସ୍ଥା ଲାଗିରହିଛି। ଶେଷରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ପ୍ରସଙ୍ଗରେ ଗୃହରେ ନିଜର ପକ୍ଷ ରଖିବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଲୋକସଭାରେ ସୂଚନା ଦେଇଛନ୍ତି। ସରକାର ଛାତ୍ରଛାତ୍ରୀଙ୍କ ସହ ଜଡ଼ିତ ସମସ୍ତ ପ୍ରସଙ୍ଗରେ ଏକ ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ବିରୋଧୀ ଦଳ ଦ୍ୱାରା ଉଠାଯାଇଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୃହମନ୍ତ୍ରୀ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ପୁଲିସ କାର୍ଯ୍ୟାନୁଷ୍ଠାନ ସହିତ ରାମ ମନ୍ଦର ଚାନ୍ଦା ଚୋରି ଉପରେ ମଧ୍ୟ ଆଲୋଚନା କରିବାକୁ ବିରୋଧୀ ଦାବି କରିଛନ୍ତି। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ଉପରେ ପେଲେଟ୍ ଗନ୍ ମାଡ଼ କରିବାକୁ କିଏ ଓ କାହିଁକି ନିର୍ଦ୍ଦେଶ ଦେଇଥିଲା, ସେସଂପର୍କରେ ଅମିତ ଶାହଙ୍କୁ ନିର୍ଦ୍ଦିଷ୍ଟ ଭାବେ ଜବାବ ଦେବାକୁ ପଡ଼ିବ।

ସେପଟେ ରାଜ୍ୟସଭାରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ କେବଳ ପୁଲିସ କାର୍ଯ୍ୟାନୁଷ୍ଠାନ ନୁହେଁ, ଏହାସିତ ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ମଧ୍ୟ ବିତର୍କ ହେବା ଜରୁରୀ। ପ୍ରଧାନମନ୍ତ୍ରୀ ମୋଦୀ ଗୃହରେ ଉପସ୍ଥିତ ରହି ଏହାର ଜବାବ ଦିଅନ୍ତୁ ବୋଲି

**ସରକାର-ବିରୋଧୀ ମୁହାଁମୁହିଁ**

ସେ ଦାବି କରିଛନ୍ତି। ଏହି ଦୁଇଟି ପ୍ରସଙ୍ଗରେ ଆଲୋଚନା ନହେବା ପର୍ଯ୍ୟନ୍ତ ସଂସଦକୁ ଚଳିବାକୁ ଦିଆଯିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ ଆଜି ସ୍ପଷ୍ଟ କରାଯାଇଛି। କଂଗ୍ରେସର ଏଭଳି ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି ରିଜିଜୁ। ସେ କହିଛନ୍ତି ଯେ ବିରୋଧୀଙ୍କ ଦାବି କ୍ରମେ ପୁଲିସ କାର୍ଯ୍ୟାନୁଷ୍ଠାନ ଉପରେ ବିତର୍କ ପାଇଁ ସରକାର ପ୍ରସ୍ତୁତ ଥିବା ବେଳେ ଆଲୋଚନାରୁ ଦୂରେଇ ଯିବାକୁ ଚେଷ୍ଟା କରୁଛି କଂଗ୍ରେସ।

ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୨୦ରେ କଂ।କ୍ରୋଚ ଜନତା ପାର୍ଟ (ସିଜେପି) ନେତୃତ୍ୱରେ ବିକ୍ଷୋଭ କରୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ପୁଲିସ ପେଲେଟ୍ ଗନ୍ ଏବଂ ଅତ୍ୟଧିକ ବଳ ପ୍ରୟୋଗ କରିଥିଲା। ରାହୁଲ ଅଭିଯୋଗ କରିଛନ୍ତି ଯେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଗତ ଜୁଲାଇ ୨୦ରୁ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନରେ ଏହି ପ୍ରସଙ୍ଗକୁ ନେଇ କ୍ରମାଗତ ବିଭ୍ରାଟ ଦେଖାଦେଇଛି। ବିରୋଧୀ ସାଂସଦମାନେ ଗୃହମନ୍ତ୍ରୀଙ୍କ ବିବୃତି ଦାବି କରି ସଂସଦର ଉଭୟ ଗୃହରେ ନାରାବାଜି କରିବା ସହ ସଂସଦ ଭବନର ଦ୍ୱାର ନିକଟରେ ପ୍ରତିଦିନ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏହି ଅଚଳାବସ୍ଥା କାରଣରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବି।।ଧେୟକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ମୌସୁମୀ ଅଧିବେଶନ ଶେଷ ହେବାକୁ ଆଉ ମାତ୍ର ୪ ଦିନ ବାକି ଅଛି। ଏଭଳି ହଟ୍ଟଗୋଳ ମଧ୍ୟରେ ସରକାର ମହିଳା ସଂରକ୍ଷଣ, ସୀମା ନିର୍ଦ୍ଧାରଣ ଏବଂ ଏଫ୍‌ସିଆର୍‌ଏ ଭଳି କେତେକ କେତେକ ବିବାଦୀୟ ବିଲ୍ ଆଣିପାରନ୍ତି ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ, କଂଗ୍ରେସ ନିଜର ସାଂସଦମାନଙ୍କୁ ଅଗଷ୍ଟ ୧୦, ୧୧ ଏବଂ ୧୨ ତାରିଖରେ ଗୃହରେ ଉପସ୍ଥିତ ରହିବାକୁ ହ୍ୱିପ୍ ଜାରି କରିଛି। କାରଣ ଏହି ବିଲଗୁଡ଼ିକୁ କଂଗ୍ରେସ ବିରୋଧ କରିଆସୁଛି।



(ଫାଇଲ ଫଟୋ)




ଉତ୍ତରାଖଣ୍ଡ ବନ୍ୟାରେ ଭାସିଗଲା ପୋଲ

## ୟୁପି, ମଧ୍ୟପ୍ରଦେଶ, ରାଜସ୍ଥାନରେ ହାଇଆଲର୍ଟ

**ବିପଦ ସଙ୍କେତ ଉପରେ ଗଙ୍ଗା ଓ ଯମୁନା**

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ମୌସୁମୀ ବର୍ଷା ଯୋଗୁଁ ସମଗ୍ର ଉତ୍ତର ଭାରତରେ ବନ୍ୟା ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି। ପ୍ରବଳ ବର୍ଷା ଯୋଗୁଁ ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଉତ୍ତର ପ୍ରଦେଶରେ ଗଙ୍ଗା ଓ ଯମୁନା ସମେତ ୧୦ଟି ମୁଖ୍ୟ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବାରାଣସୀର ସମସ୍ତ ୮୪ଟି ଘାଟକୁ ସଂଯୋଗ କରୁଥିବା ରାସ୍ତା ଜଳମଗ୍ନ ହୋଇଥିବାବେଳେ ମଣିକର୍ଣ୍ଣିକା ଘାଟରେ ମଧ୍ୟ ବନ୍ୟା ଜଳ ପ୍ରବେଶ କରିଛି। ଫାରୁଖାବାଦ ଏବଂ ବିଜନୋରରେ ଗଙ୍ଗା ନଦୀର ପାଣି ଜାତୀୟ ରାଜପଥ ଉପରେ ପ୍ରବାହିତ ହେଉଛି। ରାଜ୍ୟର ପ୍ରାୟ ୪୦ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଲୋକମାନେ ରାସ୍ତା କଡ଼ରେ ତମ୍ବୁ ପକାଇ ରହିବାକୁ ବାଧ୍ୟ ହେଉଛନ୍ତି। ମଧ୍ୟପ୍ରଦେଶର ୧୫ରୁ ଅଧିକ ସହରରେ ପ୍ରବଳ ବର୍ଷା ଜାରି ରହିଛି। ଭୋପାଳ, ରାଇସେନ, ଉଜ୍ଜୟିନୀ ଏବଂ ଦେୱାସରେ ରବିବାର ରାତିରୁ ଅବିଶ୍ରାନ୍ତ ବର୍ଷା ହେଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଭୋପାଳର ସମସ୍ତ ସ୍କୁଲ ବନ୍ଦ ଘୋଷଣା କରାଯାଇଛି। ରାଜସ୍ଥାନରେ ମଧ୍ୟ ବର୍ଷା ତାଣ୍ଡବ ରଚିଛି। ଜୟପୁରର କାନୋଟା ଡ୍ୟାମ୍ ଏବଂ ଝାଲାୱାରର କାଳିଖାଡ୍ ଡ୍ୟାମ୍ ପୂର୍ଣ୍ଣ ହୋଇ ବାହାରକୁ ପାଣି ବୋହୁଛି। ବିକାନେରର ଶ୍ରୀ ଦୁଙ୍ଗରଗଡ଼ରେ ରାସ୍ତାଗୁଡ଼ିକ ୨-୩ ଫୁଟ୍ ପାଣିରେ ବୁଡ଼ି ରହିଥିବା ବେଳେ ବାଡମେରର ରେଳ ଷ୍ଟେସନ ଏବଂ ହସ୍ପିଟାଲ୍ ରୋଡରେ ୨-୪ ଫୁଟ୍ ପର୍ଯ୍ୟନ୍ତ ପାଣି ଜମି ରହିଛି। ଅନେକ ଦୋକାନ ଏବଂ ଘରେ ବନ୍ୟା ଜଳ ପ୍ରବେଶ କରିଛି। ବର୍ତ୍ତମାନ ସୁଦ୍ଧା ଉତ୍ତର ପ୍ରଦେଶର ୭୫ଟି ଜିଲ୍ଲା ଏବଂ ରାଜସ୍ଥାନର ୩୦ଟି ଜିଲ୍ଲାରେ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବା ପାଇଁ ପରାମର୍ଶ ଦିଆଯାଉଛି।

## ଦାନ ଚୋରି: କୋର୍ଟ ତତ୍ତ୍ୱାବଧାନରେ ହୋଇପାରେ ଏସ୍‌ଆଇଟି ତଦନ୍ତ



ନୂଆଦିଲ୍ଲୀ/ଅଯୋଧ୍ୟା, ୧୦।୮ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲା ତଦନ୍ତ ଏସ୍‌ଆଇଟି କରିବ, କିନ୍ତୁ ସୁପ୍ରିମକୋର୍ଟ ଏହାର ତତ୍ତ୍ୱାବଧାନ କରିପାରନ୍ତି। ଏସଂକ୍ରାନ୍ତ ପିଟିସନକୁ ବିଚାର ପାଇଁ ସୁପ୍ରିମକୋର୍ଟ ଆଜି ଗ୍ରହଣ କରିଛନ୍ତି। ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ବେଞ୍ଚ ଏହି ମାମଲାର ଶୁଣାଣି କରୁଛନ୍ତି। ତେବେ ସଲିସିଟର ଜେନେରାଲ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ବିଦେଶ ଯାଇଥିବାରୁ ସରକାରଙ୍କ ଅନୁରୋଧ କ୍ରମେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖରେ ହେବ।

ଇତିମଧ୍ୟରେ ଖବର ମିଳିଛି ଯେ ରାମ ମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିବା ଚମ୍ପତ ରାୟ ପୁଣି ଥରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ଫେରିବା ନେଇ ଚର୍ଚ୍ଚା ଜୋର ଧରିଛି। ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ତାଙ୍କୁ କ୍ଲିନଚିଟ୍ ପ୍ରଦାନ କରାଯିବା ଏବଂ ଅଯୋଧ୍ୟାର ପ୍ରମୁଖ ସାଧୁସନ୍ଥମାନେ ତାଙ୍କ ସମର୍ଥନରେ ବାହାରିବା ପରେ ଏହି ସମ୍ଭାବନା ଅଧିକ ଦୃଢ଼ ହୋଇଛି। ଗତ ଜୁଲାଇ ୨୨ରେ ଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ହିନ୍ଦୁ ପରିଷଦର ଜାତୀୟ ବୈଠକରେ ଚମ୍ପତ ରାୟଙ୍କୁ ନିର୍ଦ୍ଦୋଷ ବୋଲି ଦର୍ଶାଯାଇଥିଲା। ଏହାର ପରଦିନ ଅଯୋଧ୍ୟାରେ ମହନ୍ତ କମଳ ନୟନ ଦାସ, ସ୍ୱାମୀ ରାଜକୁମାର ଦାସ ଏବଂ ମହନ୍ତ ସଞ୍ଜୟ ଦାସଙ୍କ ସମେତ ଅନେକ ପ୍ରତିଷ୍ଠିତ ସନ୍ଥମାନେ ଏକ ବୈଠକ କରିଥିଲେ। ଏହି ବୈଠକରେ ରାୟଙ୍କୁ ପୁଣି ଥରେ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେବାକୁ ଦାବି କରାଯାଇଥିଲା। ସନ୍ଥମାନଙ୍କ ମତରେ, ଯଦି ତଦନ୍ତରେ ରାୟ ନିର୍ଦ୍ଦୋଷ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କର ପ୍ରତ୍ୟାବର୍ତ୍ତନ ରାମ ମନ୍ଦିର ପରିଚାଳନାକୁ ଅଧିକ ସୁଦୃଢ଼ କରିବ। ସୂଚନାଯୋଗ୍ୟ, ଗତ ଜୁନ୍ ୨୫ରେ ଦାନ ଚୋରି ମାମଲାରେ ୮ ଜଣଙ୍କୁ ଗିରଫ କରାଯାଇଛି। ଏହାପରେ ଜୁନ୍ ୨୬ ରେ ଚମ୍ପତ ରାୟ ଇସ୍ତଫା ଦେଇଥିଲେ। ବର୍ତ୍ତମାନ ଏହି ଘଟଣାରେ ଏସଆଇଟି ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ, ରାୟଙ୍କ ସମର୍ଥକମାନେ ତାଙ୍କର ବୟସ, ତାଙ୍କର କୌଣସି ବ୍ୟାଙ୍କ ଆକାଉଣ୍ଟ ନଥିବା ଏବଂ ସେ ନିଜର ପୈତୃକ ସମ୍ପତ୍ତି କରିଥିବା କଥା ଉପସ୍ଥାପନ କରି ତାଙ୍କୁ ନିଷ୍ଠାବାନ ମାନୁଛନ୍ତି।

## ପଦାର୍ଥ ବିଜ୍ଞାନୀ ପ୍ରଫେସର ଦୀପକ ଧରଙ୍କୁ 'ଡିରାକ ମେଡାଲ' ସମ୍ମାନ




**ଷ୍ଟିଫେନ ହକିଙ୍ଗଙ୍କ ପରି ବିଶିଷ୍ଟ ବୈଜ୍ଞାନିକଙ୍କ ତାଲିକାରେ ସାମିଲ**

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ବିଶିଷ୍ଟ ଥିଓରିଟିକାଲ ପଦାର୍ଥ ବିଜ୍ଞାନୀ ପ୍ରଫେସର ଦୀପକ ଧରଙ୍କୁ ୨୦୨୬ ପାଇଁ ପ୍ରତିଷ୍ଠିତ 'ଡିରାକ ମେଡାଲ' ପ୍ରଦାନ କରାଯାଇଛି। ଇଣ୍ଟରନ୍ୟାସନାଲ ସେଣ୍ଟର ଫର ଥିଓରିଟିକାଲ ଫିଜିକ୍ସ (ଆଇସିଟିପି) ପକ୍ଷରୁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପଦକକୁ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ଅନ୍ୟତମ ସର୍ବୋଚ୍ଚ ସମ୍ମାନ ଭାବେ ବିବେଚନା କରାଯାଏ। ଏହି ସଫଳତା ସହ ସେ ଷ୍ଟିଫେନ ହକିଙ୍ଗଙ୍କ ଭଳି ବିଶ୍ୱପ୍ରସିଦ୍ଧ ବିଜ୍ଞାନୀଙ୍କ ତାଲିକାରେ ସାମିଲ ହୋଇଛନ୍ତି। ପ୍ରଫେସର ଧରଙ୍କୁ 'ଷ୍ଟାଟିଷ୍ଟିକାଲ ମେକାନିକ୍ସ' କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଏହି ପୁରସ୍କାର ମିଳିଛି। ପଦାର୍ଥ ବିଜ୍ଞାନର ଏହି ଶାଖାଟି ଅଗଣିତ କ୍ଷୁଦ୍ର କଣିକାମାନେ ଏକତ୍ରିତ ହୋଇ କିପରି ବ୍ୟବହାର କରନ୍ତି, ସେ ବିଷୟରେ ଅନୁଧ୍ୟାନ କରେ। ବୈଜ୍ଞାନିକମାନଙ୍କ ମତରେ, ତାଙ୍କର ଏହି ଗବେଷଣା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ), ଜଟିଳ ନେଟୱର୍କ ଏବଂ ଆର୍ଥିକ ବଜାରକୁ ବୁଝିବାରେ ମଧ୍ୟ ସହାୟକ ହେବ। ତାଙ୍କ ଦ୍ୱାରା ବିକଶିତ 'ବର୍ଣ୍ଣ ଆଲଗୋରିଦମ' ଜଟିଳ ଭୌତିକ ପ୍ରଣାଳୀକୁ ବୁଝିବାରେ ଏକ ପ୍ରଭାବଶାଳୀ ମାଧ୍ୟମ ସାଜିଛି।

ବୈଜ୍ଞାନିକ ଦୀପକ ଧର ୧୯୫୧ ମସିହାରେ ଉତ୍ତର ପ୍ରଦେଶର ପ୍ରତାପଗଡ଼ରେ ଜନ୍ମଗ୍ରହଣ କରିଥିଲେ। ସେ ଆଲାହାବାଦ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ଆଇଆଇଟି କାନପୁରରୁ ଏମଏସସି ଡିଗ୍ରୀ ହାସଲ କରିଥିଲେ। ପରେ ସେ ଆମେରିକାର ପ୍ରସିଦ୍ଧ କାଲିଫର୍ନିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ପିଏଚଡି ହାସଲ କରିଥିଲେ। ଆମେରିକାରେ କ୍ୟାରିୟର ଗଢ଼ିବାର ସମସ୍ତ ସୁଯୋଗ ଥିଲେ ମଧ୍ୟ ପ୍ରଫେସର ଧର ନିଜ ଦେଶକୁ ଫେରି ଆସିବାକୁ ଶ୍ରେୟସ୍କର ମଣିଥିଲେ। ସେ ମୁମ୍ବାଇର ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚରେ ଯୋଗ ଦେଇ ଚାରି ଦଶନ୍ଧି ଧରି ଗବେଷଣା ଜାରି ରଖିଥିଲେ। ଏହା ବ୍ୟତୀତ ସେ ଆଇଆଇଏସଇଆର ପୁଣେରେ ପ୍ରଫେସର ଭାବେ ଶହ ଶହ ଛାତ୍ରଙ୍କୁ ଶିକ୍ଷାଦାନ କରିଛନ୍ତି। ବର୍ତ୍ତମାନ ସେ ବେଙ୍ଗାଲୁରୁର ଇଣ୍ଟରନ୍ୟାସନାଲ ସେଣ୍ଟର ଫର ଥିଓରିଟିକାଲ ସାଇନ୍ସ ସହ ଜଡ଼ିତ ଅଛନ୍ତି।

## ଆଖି ଚିକିତ୍ସା ପାଇଁ ବିଦେଶ ଯିବାକୁ ଅଭିଷେକଙ୍କୁ ସୁପ୍ରିମକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସାଧାରଣ ସମ୍ପାଦକ ତଥା ଲୋକସଭା ସାଂସଦ ଅଭିଷେକ ବାନାର୍ଜୀଙ୍କୁ ଚିକିତ୍ସା ପାଇଁ ବିଦେଶ ଯିବାକୁ ଅନୁମତି ମିଳିଛି। ସୋମବାର ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରି ଅଭିଷେକଙ୍କୁ ତିନି ସପ୍ତାହ ପାଇଁ ଆଖିର ଚିକିତ୍ସା ନିମନ୍ତେ ବିଦେଶ ଯିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏହା ସହିତ ପୂର୍ବରୁ କଲିକତା ହାଇକୋର୍ଟଙ୍କ ଦ୍ୱାରା ତାଙ୍କ ବିଦେଶ ଯାତ୍ରା ଉପରେ ଲଗାଯାଇଥିବା କଟକଣାକୁ ସର୍ବୋଚ୍ଚ ନ୍ୟାୟାଳୟ ରଦ୍ଦ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଜାରି କରିଛନ୍ତି। ପୂର୍ବରୁ କଲିକତା ହାଇକୋର୍ଟ ଅଭିଷେକଙ୍କ ବିଦେଶ ଯିବା ଆବେଦନକୁ ଖାରଜ କରିଥିଲେ। ସରକାରୀ ହସ୍ପିଟାଲର ମେଡିକାଲ ବୋର୍ଡ ଅଭିଷେକ ହାଜର ହେବାକୁ ଚାହୁଁନାହାଁନ୍ତି। ଚିକିତ୍ସକଙ୍କ ମତ ଆଧାରରେ ତାଙ୍କର ବିଦେଶରେ ଚିକିତ୍ସା ଆବଶ୍ୟକ କି ନାହିଁ, ତାହା କୋର୍ଟ ସ୍ଥିର କରିଥାନ୍ତେ ବୋଲି କୋର୍ଟ କହିଥିଲେ। ଉଲ୍ଲେଖଯୋଗ୍ୟ, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ଏକ ଜନସଭାରେ ଅଭିଷେକ ଦେଇଥିବା ବିବାଦୀୟ ମନ୍ତବ୍ୟ ମାମଲାରେ ତାଙ୍କ ବିରୋଧରେ କେତେକ କଟକଣା ଲଗାଯାଇଥିଲା। ଏଥିରେ ତଦନ୍ତରେ ସହଯୋଗ କରିବା ଏବଂ କୋର୍ଟଙ୍କ ବିନା ଅନୁମତିରେ ବିଦେଶ ନ ଯିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ରହିଥିଲା।



## ସାଉଦି ତୈଳ ବିଶୋଧନାଗାର ଉପରେ ହୁତି ବିଦ୍ରୋହୀଙ୍କ ଆକ୍ରମଣ

ରିୟାଦ, ୧୦।୮ (ଏଜେନ୍ସି): ୟେମେନର ଇରାନ-ସମର୍ଥିତ ହୁତି ବିଦ୍ରୋହୀମାନେ ସାଉଦି ଆରମକୋର ଜାଜାନ ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଛନ୍ତି। ସାଉଦି ଆରବ, ପାକିସ୍ତାନ ଏବଂ ତୁର୍କୀ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହେବାର ମାତ୍ର ଦୁଇ ଦିନ ପରେ ଏହି ଘଟଣା ଘଟିଛି। ସାଉଦି ଶକ୍ତି ମନ୍ତ୍ରଣାଳୟ ସୂଚନା ଦେଇଛି ଯେ, ଏହି ଆକ୍ରମଣ ଫଳରେ ବିଶୋଧନାଗାରରେ ନିଆଁ ଲାଗିଯାଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ଆୟତ୍ତ କରାଯାଇଛି। ଏହି ଘଟଣାରେ କୌଣସି ବ୍ୟକ୍ତି ମୃତାହତ ହୋଇନଥିବା ବେଳେ କର୍ତ୍ତୃପକ୍ଷ ବର୍ତ୍ତମାନ ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି। ହୁତି ସାମରିକ ପ୍ରବକ୍ତା ୟାହୟା ସରି ଜଣାଇଛନ୍ତି ଯେ, ଏହି ଆକ୍ରମଣ ପାଇଁ ସେମାନେ ଡ୍ରୋନ ବ୍ୟବହାର କରିଥିଲେ। ଆଞ୍ଚଳିକ ଅସ୍ଥିରତା ଏବଂ ଇରାନ ଉପରେ ଆମେରିକା-ଇସ୍ରାଏଲ ଯୁଦ୍ଧ ପରିପ୍ରେକ୍ଷୀରେ ସାଉଦି ଆରବ, ତୁର୍କୀ ଏବଂ ପାକିସ୍ତାନ ମଧ୍ୟରେ ଏକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି

**ପାକିସ୍ତାନ ଓ ତୁର୍କୀ ସହ ପ୍ରତିରକ୍ଷା ଚୁକ୍ତିର କିଛି ଦିନ ପରେ ବଢ଼ିଲା ଉତ୍ତେଜନା**

ଅନୁଯାୟୀ, ଯଦି କୌଣସି ଏକ ଦେଶ ଉପରେ ସାମରିକ ଆକ୍ରମଣ ହୁଏ, ତେବେ ତାହାକୁ ତିନୋଟି ଯାକ ଦେଶ ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ। ତେବେ ଏହି ଆକ୍ରମଣର ପ୍ରତିବାଦରେ ପାକିସ୍ତାନ କିମ୍ବା ତୁର୍କୀ ସାଉଦି ଆରବ ସହ ମିଶି କିପରି ପ୍ରତିକ୍ରିୟା ପ୍ରକାଶ କରିବେ, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ବିଶୋଧନାଗାର ବ୍ୟତୀତ ହୁତିମାନେ ୟେମେନର ରେଡ୍ ସି ସ୍ଥିତ ମୋଚା ବନ୍ଦର ସହର ଉପରେ ମଧ୍ୟ ମିସାଇଲ ଓ ଡ୍ରୋନ ଆକ୍ରମଣ କରିଛନ୍ତି। ଫଳରେ ୭ ଜଣଙ୍କର ମୃତ୍ୟୁ ଘଟିଛି। ମୋଚା ବନ୍ଦର ରଣନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ବାବ୍ ଏଲ-ମାଣ୍ଡେବ ପ୍ରଣାଳୀ ନିକଟରେ ଅବସ୍ଥିତ। ୟେମେନର ସାଉଦି-ସମର୍ଥିତ ରାଷ୍ଟ୍ରପତି ପରିଷଦର ମୁଖ୍ୟ ରସାଦ ଅଲ-ଅଲିମି ଏହି ଘଟଣା ପାଇଁ ଅନ୍ତର୍ଜାତୀୟ ସମୁଦାୟ, ବିଶେଷ କରି ଆମେରିକାକୁ ହୁତି ବିଦ୍ରୋହୀଙ୍କ ମୂଳୋତ୍ପାଟନ କରିବାକୁ ଆହ୍ୱାନ ଦେଇଛନ୍ତି।







■ ଚିଟ୍‌ଫଣ୍ଡ ସ୍କାମ୍‌ରେ ଆନ୍ଧ୍ରର ପୂର୍ବତନ ବିଧାୟକଙ୍କ ଘରେ ଇଡି ଚଢ଼ଉ

# ନଗଦ କୋଟିଏ ଟଙ୍କା, ୬ ବିଳାସପୂର୍ଣ୍ଣ କାର୍ ଜବତ

ଭୁବନେଶ୍ୱର ୧୦।୮ (ସମିସ): କୋଟି କୋଟି ଟଙ୍କାର ଚିଟ୍‌ଫଣ୍ଡ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର ପକ୍ଷରୁ ବଡ଼ଧରଣର ଚଢ଼ଉ କରାଯାଇଛି। ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ)-୨୦୦୨ର ଧାରା ୧୭ ଅନୁଯାୟୀ ଗତ ୫ ତାରିଖରେ ମେସର୍ସ ୱେଲଫେୟାର ବିଲ୍ଡିଂସ୍ ଆଣ୍ଡ ଏଷ୍ଟେଟ୍‌ସ ପ୍ରାଇଭେଟ୍ ଲିମିଟେଡ୍ (ଡବ୍ଲୁବିଇପିଏଲ୍) ଏବଂ ସଂସ୍ଥାର ନିର୍ଦ୍ଦେଶକ ମାଲା ବିଜୟ ପ୍ରସାଦ ଓ ବରାହ ରାମକୃଷ୍ଣ ସତ୍ୟ ଶ୍ରୀନିବାସ ରାଓଙ୍କ ସହ ସଂଶ୍ଳିଷ୍ଟ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ଉ କରିଛି ଇଡି।

■ ଦୁଇ ହଜାର କୋଟିର ହେର୍‌ଫେର୍
■ ୧୮୨ଟି ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍

ବିଶାଖାପାଟଣା ଓ ହାଇଦ୍ରାବାଦରେ ୫ଟି ଆବାସିକ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଏହି ଚଢ଼ଉ ହୋଇଥିଲା। ଚଢ଼ଉ ବେଳେ ୧ କୋଟି ୧ ଲକ୍ଷ ଟଙ୍କା ନଗଦ ସମେତ ବିଭିନ୍ନ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ଦସ୍ତାବିଜ, ଡିଜିଟାଲ ଡିଭାଇସ୍ ଓ ଅନ୍ୟାନ୍ୟ ଆପତ୍ତିଜନକ କାଗଜପତ୍ର ଜବତ କରାଯାଇଛି। ଡବ୍ଲୁବିଇପିଏଲ୍ ଓ ଏହାର ନିର୍ଦ୍ଦେଶକମାନଙ୍କ ସହ ସମ୍ପୃକ୍ତ ୧୮୨ଟି ବ୍ୟାଙ୍କ ଖାତା ଫ୍ରିଜ୍ କରାଯାଇଥିବା ବେଳେ ୬ଟି ଦାମୀ ବିଳାସପୂର୍ଣ୍ଣ ଗାଡ଼ି ଉପରେ ମଧ୍ୟ ଫ୍ରିଜିଂ ଅର୍ଡର ଜାରି କରିଛି ଇଡି।

ଇଡି ସୂଚନା ଅନୁଯାୟୀ, ଡବ୍ଲୁବିଇପିଏଲ୍ ଓ ଏହାର ନିର୍ଦ୍ଦେଶକମାନଙ୍କ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ), ସିବିଆଇ ଭୁବନେଶ୍ୱର, ଧାନବାଦ ଏବଂ ଓଡ଼ିଶା ପୁଲିସରେ ରୁଜୁ ହୋଇଥିବା ଏକାଧିକ ଏଫ୍‌ଆଇଆର୍ ଓ ପରବର୍ତ୍ତୀ ଚାର୍ଜସିଟ୍ ଆଧାରରେ ତଦନ୍ତ ଆରମ୍ଭ କରାଯାଇଥିଲା। ଇଡିର ପ୍ରାଥମିକ ତଦନ୍ତ ଅନୁଯାୟୀ, ରିଅଲ୍ ଇଷ୍ଟେଟ୍ ବ୍ୟବସାୟ ଆଳରେ କମ୍ପାନୀ ପକ୍ଷରୁ ବଡ଼ଧରଣର ଡିପୋଜିଟ୍ ମୋବିଲାଇଜେସନ୍ ସ୍କିମ୍ ଅପରେଟ୍ କରାଯାଉଥିଲା। ବିଭିନ୍ନ ଯୋଜନା ମାଧ୍ୟମରେ ହଜାର ହଜାର ନିବେଶକଙ୍କ ଠାରୁ ୨ ହଜାର କୋଟିରୁ ଅଧିକ ଟଙ୍କା ସଂଗ୍ରହ କରାଯାଇଥିଲା। ନୂଆ ନିବେଶକଙ୍କ ଠାରୁ ଆସୁଥିବା ଟଙ୍କାରେ ପୁରୁଣା ନିବେଶକଙ୍କୁ ଟଙ୍କା ଫେରସ୍ତ କରାଯାଉଥିଲା। ଏହାସହିତ ନିବେଶକଙ୍କ ଟଙ୍କାକୁ ଅନ୍ୟ କାର୍ଯ୍ୟ ଓ ବ୍ୟକ୍ତିଗତ ଲାଭରେ ବ୍ୟବହାର, ଆର୍ଥିକ କାରବାର ବିବରଣୀ ହେରଫେର ଓ ଜମି କାରବାରରେ ଅନିୟମିତତା କରାଯାଇଥିବା ଇଡି ହାତରେ ପ୍ରମାଣ ଲାଗିଛି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶର ହଜାର ହଜାର ନିବେଶକ ଏହି ଯୋଜନାରେ ଟଙ୍କା ଲଗାଇଥିବା ଇଡି କହିଛି।

ସୂଚନାଯୋଗ୍ୟ ଯେ, ବିଶାଖାପାଟଣାର ପୂର୍ବତନ ବିଧାୟକ ମାଲା ବିଜୟ ପ୍ରସାଦଙ୍କୁ ପୂର୍ବରୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଥିଲା। ୨୦୨୧ ମସିହାରେ ଇଓଡବ୍ଲୁ ବିଜୟଙ୍କୁ ଗିରଫ କରିଥିବା ବେଳେ ପରବର୍ତ୍ତୀ ସମୟରେ ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

## ପିଏସି ପରେ ବିଧାନସଭା ଏଷ୍ଟିମେଟ କମିଟିର ମଧ୍ୟ ଉଦ୍‌ବେଗ

# ବଜେଟ ଅର୍ଥ ଖର୍ଚ୍ଚ ମନ୍ଥର

ଭୁବନେଶ୍ୱର,୧୦।୮ (ସମିସ): ରାଜ୍ୟରେ ବିଭିନ୍ନ ବିଭାଗ ପାଇଁ ବଜେଟ୍‌ରେ ବରାଦ ହୋଇଥିବା ଅର୍ଥ ସମୟ ମଧ୍ୟରେ ଖର୍ଚ୍ଚ ହୋଇପାରୁ ନ ଥିବାରୁ ବିକାଶମୂଳକ କାର୍ଯ୍ୟ ପ୍ରଭାବିତ ହେଉଛି। ଏନେଇ ବିରୋଧୀ ଦଳ ବିଭିନ୍ନ ସମୟରେ ଅଭିଯୋଗ କରୁଥିଲେ ହେଁ ସରକାରଙ୍କ ପକ୍ଷରୁ ଏହାକୁ ବାଏଁ ବାଏଁ ଉଡ଼ାଇ ଦିଆଯାଉଛି। ତେବେ ଗତ ସପ୍ତାହେ ମଧ୍ୟରେ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ପିଏସି କମିଟି ଏବଂ ଏଷ୍ଟିମେଟ କମିଟିର ଦୁଇଟି ବୈଠକରେ ବିରୋଧୀଙ୍କର ଏହି ଅଭିଯୋଗର ସତ୍ୟାସତ୍ୟ ସାମ୍ନାକୁ ଆସିଛି। ଗତ ୫ ତାରିଖରେ ଅନୁଷ୍ଠିତ ପିଏସି ବୈଠକରେ ଏନେଇ କ୍ଷୋଭ ପ୍ରକାଶ ପାଇଥିବା ବେଳେ ସୋମବାର ଅନୁଷ୍ଠିତ ଏଷ୍ଟିମେଟ କମିଟି ବୈଠକରେ ମଧ୍ୟ ସମାନ ଭାବେ ଚିନ୍ତାପ୍ରକାଶ ପାଇଛି। ଏପରିକି କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ଏନେଇ ମତ ରଖିଛନ୍ତି। ଏପରିକି ପଞ୍ଚାୟତିରାଜ ବିଭାଗର ପ୍ରଦର୍ଶନ ଚିନ୍ତାଜନକ ବୋଲି ସେ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି।

ନିକଟରେ ଅନୁଷ୍ଠିତ ପିଏସି ବୈଠକ ପରି ସୋମବାର ଏଷ୍ଟିମେଟ କମିଟି ବୈଠକରେ ମଧ୍ୟ ବିଭିନ୍ନ ବିଭାଗର ବଜେଟ୍ ବ୍ୟୟ ସ୍ଥିତିକୁ ନେଇ ସମୀକ୍ଷା କରାଯାଇଛି। କେତେକ କ୍ଷେତ୍ରରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ ହୋଇନଥିବାରୁ ଅନେକ ବିକାଶମୂଳକ ପ୍ରକଳ୍ପ ଆଗକୁ ବଢ଼ିପାରୁ ନ ଥିବା ନେଇ ଚିନ୍ତା ପ୍ରକାଶ ପାଇଥିଲା। ବିଭାଗଗୁଡ଼ିକୁ ବାରମ୍ବାର ତାଗିଦ କରାଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରିତାରେ ଆଶାନୁରୂପ ଅଗ୍ରଗତି ଦେଖାଯାଇନଥିବାରୁ କମିଟି ଅସନ୍ତୋଷ ପ୍ରକାଶ କରିଥିବା ସୂଚନା ମିଳିଛି। ତେବେ ବୈଠକରେ କ୍ରୀଡ଼ା ଓ ପଞ୍ଚାୟତିରାଜ ବିଭାଗର ପ୍ରଦର୍ଶନ ନେଇ ବ୍ୟାପକ ଆଲୋଚନା ହୋଇଥିଲା। ଏନେଇ ଗଣମାଧ୍ୟମ ସାମ୍ନାରେ ପ୍ରତିକ୍ରିୟା ରଖି ବରିଷ୍ଠ ବିଜେପି ବିଧାୟକ ତଥା କମିଟି ଅଧ୍ୟକ୍ଷ ଜୟ ନାରାୟଣ ମିଶ୍ର କହିଥିଲେ ଯେ ବଜେଟ ଅର୍ଥ ଖର୍ଚ୍ଚ ମନ୍ଥର କାରଣ ସ୍ୱରୂପ କ୍ରୀଡ଼ା ବିଭାଗ ପାଖରେ ନିଜସ୍ୱ ଏଜେନ୍ସି ନଥିବା ଦର୍ଶାଉଛି। ମାତ୍ର ପଞ୍ଚାୟତିରାଜ ବିଭାଗର ପ୍ରଦର୍ଶନ ଚିନ୍ତାଜନକ। ବିଶେଷକରି ମେଗା ପାନୀୟ ଜଳ ପ୍ରକଳ୍ପରେ ଅର୍ଥ ସଠିକ୍ ଭାବେ ଖର୍ଚ୍ଚ ହୋଇପାରି ନାହିଁ। ଏନେଇ ଉଭୟ ବିଭାଗ ଏହା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଶ୍ରୀ ମିଶ୍ର ଦର୍ଶାଇଥିଲେ। ଏହାକୁ ନେଇ ବିରୋଧୀ ବିଜେଡି ମଧ୍ୟ ନିଜର ପ୍ରତିକ୍ରିୟା ରଖିଛି। ଦଳର ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି ଯେ ବଜେଟ ଅର୍ଥକୁ ନେଇ ବିରୋଧୀ ଦଳ ମିଛ ପ୍ରଚାର କରୁଛନ୍ତି ବୋଲି ଶାସକ ଦଳ କହି ଆସୁଥିଲେ। ମାତ୍ର ଆଜି ବିରୋଧୀ ଦଳର କଥା ସତରେ ପ୍ରମାଣିତ ହୋଇଛି। ଶାସକ ଦଳର ବରିଷ୍ଠ ବିଧାୟକମାନେ ମଧ୍ୟ କହୁଛନ୍ତି ଯେ ରାଜ୍ୟ ସରକାର ବଜେଟ ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି। ଏ ସରକାର କାମ କରି ଜାଣିନାହାନ୍ତି। ଏ ସଂକ୍ରାନ୍ତରେ ସରକାର ସ୍ପଷ୍ଟ ଉତ୍ତର ରଖିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ ଉପରୋକ୍ତ ଦୁଇ ବିଭାଗ ସହ ଜଙ୍ଗଲ ଓ ପରିବେଶ, ଗ୍ରାମ୍ୟ ଉନ୍ନୟନ, ଏସସି ଓ ଏସଟି ଉନ୍ନୟନ, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ପରି ବିଭାଗର ବଜେଟ ଅର୍ଥ ଖର୍ଚ୍ଚର ଗତି ଅତ୍ୟନ୍ତ ମନ୍ଥର ପରିଲକ୍ଷିତ ହୋଇଛି। ରାଜ୍ୟ ସରକାରଙ୍କ ୨୦୨୬-୨୭ ବଜେଟ୍‌ରେ ବିଭିନ୍ନ କ୍ଷେତ୍ର ପାଇଁ ବ୍ୟାପକ ବ୍ୟୟ ବ୍ୟବସ୍ଥା କରାଯାଇଥିବାବେଳେ ସମୟ ମଧ୍ୟରେ ଅର୍ଥ ବ୍ୟୟ ଏବଂ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଏବେ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି।

■ ଖର୍ଚ୍ଚ ନ ହେବାର ବିଭିନ୍ନ ଆଳ ଦେଖାଉଛନ୍ତି ବିଭାଗ
■ ସ୍ୱୀକାର କଲେ ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ
■ ପଞ୍ଚାୟତିରାଜ ବିଭାଗର ପ୍ରଦର୍ଶନ ସବୁଠୁ ଚିନ୍ତାଜନକ
■ ଏ ସରକାର କାମ କରି ଜାଣିନାହାନ୍ତି: ବିଜେଡି

## ଟୋଲ୍‌ଗେଟ୍‌ରେ ହେବ କଡ଼ାକଡ଼ି ଯାଞ୍ଚ

# ବୈଧ ବୀମା ନ ଥିଲେ ଗାଡ଼ି ଜବତ

ଭୁବନେଶ୍ୱର, ୧୦।୮ (ସମିସ): ରାଜ୍ୟରେ ଚଳାଚଳ କରୁଥିବା ବହୁ ସଂଖ୍ୟକ ଯାନବାହନର ବୈଧ ବୀମା ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମୋଟର ଯାନ ନିୟମାବଳୀର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ପ୍ରଦର୍ଶନ ପାଇଁ ବିଭାଗୀୟ ମନ୍ତ୍ରୀ ବିଭୁତି ଜେନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇ-ଡିଟେକ୍ସନ ମାଧ୍ୟମରେ ରାଜ୍ୟର ସମସ୍ତ ଟୋଲଗେଟ୍ ଦେଇ ଯାତାୟାତ କରୁଥିବା ଯାନବାହନର ବୈଧ ବୀମା, ଫିଟନେସ, ପ୍ରଦୂଷଣ ପ୍ରମାଣପତ୍ର ଇତ୍ୟାଦି କାଗଜପତ୍ର ସ୍ୱୟଂକ୍ରିୟ ପଦ୍ଧତିରେ ଯାଞ୍ଚ କରାଯିବାକୁ ନିଷ୍ପତ୍ତି ହୋଇଛି। ଯେଉଁ ଗାଡ଼ିଗୁଡ଼ିକର ବୈଧ କାଗଜପତ୍ର ନ ଥିବ, ସେଗୁଡ଼ିକ ବିରୋଧରେ ସଙ୍ଗେ ସଙ୍ଗେ ଇ-ଚାଲାଣ ଜାରି କରାଯିବ ଏବଂ ଅଭ୍ୟାସଗତ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ସ୍ୱରୂପ ପଞ୍ଜିକରଣ ପ୍ରମାଣପତ୍ର ରଦ୍ଦ ସହ ଗାଡ଼ିଗୁଡ଼ିକୁ ଜବତ କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଏବେ ମୋଟ ୧,୦୧,୪୧,୯୫୧ ଟି ଯାନବାହନ ରହିଛି। ସେଥିମଧ୍ୟରୁ ମାତ୍ର ୩୫,୬୮,୩୧୮ ଟି ଗାଡ଼ିର ବୈଧ ବୀମା ରହିଥିବା ବେଳେ ୬୫,୭୩,୬୩୩ଟି ଗାଡ଼ିର ବୀମା ବୈଧ ନାହିଁ। ଏହାକୁ ଦୃଷ୍ଟିରେ ରଖି ଆରଟିଓ ସ୍ତରରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ସହ ଏନଫୋର୍ସମେଣ୍ଟ ବୃଦ୍ଧି କରିବାକୁ କୁହାଯାଇଛି। ଯେଉଁ ଗାଡ଼ିର ବୈଧ ବୀମା ନଥିବ, ତାକୁ ପେଟ୍ରୋଲ/ଡିଜେଲ ଦିଆଯିବ ନାହିଁ ନିକଟରେ ସୁପ୍ରିମକୋର୍ଟ କହିଥିଲେ। ଏହି ନିୟମକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ କରିବା ପାଇଁ ମଧ୍ୟ ସୁପ୍ରିମକୋର୍ଟ କହିଛନ୍ତି। ତେଣୁ ସମସ୍ତ ଗାଡ଼ି ମାଲିକ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବଞ୍ଚିବା ସହ ସମାଜ ପ୍ରତି ନିଜର ଦାୟିତ୍ୱ ବୁଝି ତୁରନ୍ତ ନିଜ ଯାନର ବୈଧ ବୀମା, ପ୍ରଦୂଷଣ ପ୍ରମାଣପତ୍ର ଇତ୍ୟାଦି ନବୀକରଣ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଦଳଡିଆଁ ଏବେ ବିଜେପିରେ ଅଲୋଡ଼ା

ଶେରଗଡ଼, ୧୦।୮ (ସମିସ): ଗଞ୍ଜାମ ଜିଲ୍ଲା ଏବଂ ହିଞ୍ଜିଳି ବିଜେପିରେ ହଜିଗଲେଣି ବହୁ ବିଜେଡି ନେତା। ଗତ ସାଧାରଣ ନିର୍ବାଚନ ପୂର୍ବରୁ ହେଉ କି ନିର୍ବାଚନ ପରେ ବିଜେପିରେ ସାମିଲ ହୋଇ ଦଳର ଅଧିକାଂଶ ବିଜେଡି ନେତା ନିଜର ସତ୍ତା ହରାଇ ବସିଛନ୍ତି। କ୍ଷମତା ଲୋଭରେ ହେଉ କିମ୍ବା ରାଜନୈତିକ ଥଇଥାନ ଆଶାରେ ହେଉ ବିଜେଡି ଛାଡି ବିଜେପିରେ ମିଶିଥିବା ଅଧିକାଂଶ ବିଜେପି ନେତା ନୂତନ ଦଳରେ ସେମାନଙ୍କ ପରିଚୟ ଖୋଜୁଛନ୍ତି। ବିଜେପିରେ ମିଶ୍ରଣ ବେଳେ ବିଜେଡି ନେତାଙ୍କ ମଧ୍ୟରେ ଯେଉଁ ଆଗ୍ରହ ଦେଖିବାକୁ ମିଳିଥିଲା, ସମୟ ଚକ୍ରରେ ବିଜେଡି ନେତାଙ୍କ ମଧ୍ୟରେ ତାହା ଧୀରେ ଧୀରେ ଉଭାନ ହୋଇ ଯାଇଥିବା ବେଳେ ନୂଆ ଦଳରେ ସେମାନେ ଅଲୋଡା ହୋଇ ଯାଉଛନ୍ତି। କିଛି ନେତା ନୂଆ ଦଳରେ ତିଷ୍ଠି ରହିବାକୁ ଦଳୀୟ ଶୀର୍ଷ ନେତାଙ୍କ ସହ ପେଲିଠେଲି ସମ୍ପର୍କ ଯୋଡିବାକୁ ଅଥବା ଦଳୀୟ କାର୍ଯ୍ୟକ୍ରମରେ ନିଜ ଆଡୁ ଅର୍ଥ ବ୍ୟୟ କରି ଶୀର୍ଷ ନେତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରୟାସ କରୁଥିବା ବେଳେ ଆଉ କିଛି ସେମାନଙ୍କ ନିଷ୍ପତ୍ତିର ଯଥାର୍ଥତା ନେଇ ସମୀକ୍ଷା କରୁଛନ୍ତି। ଦଳର କ୍ଷମତା କୈନ୍ଦ୍ରିକ କୌଣସି ଶକ୍ତିଶାଳୀ ପଦପଦବୀ ଦୂରକୁ ଥାଉ, ସାଙ୍ଗଠନିକ ପଦପଦବୀରେ ସ୍ଥାନିତ କରାଯାଇନାହିଁ। ବିଜେଡିର କିଛି ରାଜନେତା ଅଛନ୍ତି, ନିଜ ଦଳରେ ନିଜର ସ୍ଥିତି ଜାହିର କରି ନପାରି ଅନ୍ୟ ଦଳକୁ ଯିବା ଲାଗି ଅପେକ୍ଷା କରି ରହିଥିବା ବେଳେ ଅନ୍ୟ ଦଳରେ ସ୍ଥିତି କ'ଣ ରହିବ ବୋଲି ଭାବି ଦ୍ୱନ୍ଦ୍ୱରେ କିଛି ନିଷ୍ପତ୍ତି ନେଇପାରୁ ନାହାନ୍ତି। ଯାତ୍ରା ମଞ୍ଚରେ ନେପଥ୍ୟ କୋଳାହଳ କରୁଥିବା କଳାକାରଙ୍କ ଭଳି ପରଦା ଆଢୁଆଳରେ ରହି ଏହି ନେତାମାନେ ରହିଯାଇଥିବା ବେଳେ ଆଉ କିଛି ସେମାନଙ୍କ ତ୍ରୁଟି ବୁଝିପାରି ମିଶ୍ରଣ ପରେ ଦଳକୁ ପୁନଃ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିଭଳି ନିର୍ବାଚନ ପରେ ଦଳ କ୍ଷମତାକୁ ଆସିବା ପରେ ବହୁ ବିଜେଡି ନେତା ବିଜେପିରେ ମିଶିଛନ୍ତି ଏବଂ ମିଶିବାକୁ ବ୍ୟଗ୍ରତା ପ୍ରକାଶ କରିଆସୁଛନ୍ତି। ଗତବର୍ଷ ଗଞ୍ଜାମ ଜିଲ୍ଲା ବିଜେଡି ରାଜନୀତିରେ ଧମାକା ସୃଷ୍ଟି କରି ବହୁ ବିଜେଡି ଆଗଧାଡିର ନେତା, ଚେୟାରମ୍ୟାନ, ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଥିଲେ। ଏହି ନେତା ମାନଙ୍କ ମିଶ୍ରଣରେ ବେଶ କିଛି ଦିନ ଗଞ୍ଜାମ ତଥା ହିଞ୍ଜିଳି ବିଜେପି ରାଜନୀତି ସରଗରମ ରହିଥିଲା। ହେଲେ ଗଞ୍ଜାମ ତଥା ହିଞ୍ଜିଳି ରାଜନୀତିରେ ସେମାନଙ୍କ ଭୂମିକା କ୍ରମଶଃ ନଗଣ୍ୟ ସାବ୍ୟସ୍ତ ହୋଇଛି। କ୍ଷମତା କରିଡରରେ ସାମିଲ ହୋଇ ଏହି ନେତାମାନେ ହୁଏତ କିଛି ଫାଇଦା ହାସଲ କରିପାରିଥାନ୍ତି ହେଲେ ଗଞ୍ଜାମ ଅବା ହିଞ୍ଜିଳି ବିଜେପି ରେ ସେମାନେ ଯେ ଗୌଣ ହୋଇ ଯାଇଛନ୍ତି, ତାହା କେହି ଅସ୍ୱୀକାର କରିପାରିବେ ନାହିଁ। ଦୀର୍ଘ ଦିନ ଧରି ଦଳକୁ ଯାଇ ମଧ୍ୟ ସେମାନଙ୍କୁ ଦଳରେ ସେଭଳି କ୍ଷମତା ଅଥବା ସାଙ୍ଗଠନିକ ପଦପଦବୀରେ ଅବସ୍ଥାପିତ କରାଯାଇପାରିନାହିଁ। ବିଜେପିରେ ସେମାନଙ୍କ ପରିଚୟ କେବଳ ଜଣେ ଦଳୀୟ କର୍ମୀ ଭାବେ ସାବ୍ୟସ୍ତ ହୋଇଛନ୍ତି। ବିଜେଡିରେ ସେମାନଙ୍କୁ ମିଳୁଥିବା ସମ୍ମାନ ପଦପଦବୀ ଏବଂ ମର୍ଯ୍ୟାଦା ସବୁ କିଛି ବିଜେପିରେ ଲୀନ ହୋଇ ଯାଇଛି। ଅପରପକ୍ଷେ ସେମାନଙ୍କ ମଧ୍ୟରୁ ଅନେକ ଏବେ ବିଜେଡିକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ଫେରିବାର ବାଟ ପାଉ ନାହାନ୍ତି।

# ୯ ବିଭାଗରେ ନିଯୁକ୍ତି ପାଇଲେ ୧୩୨୬

ଭୁବନେଶ୍ୱର, ୧୦।୮ (ସମିସ): ରାଜ୍ୟ ସରକାରଙ୍କ ୯ଟି ବିଭାଗରେ ନୂତନ ଭାବେ ନିଯୁକ୍ତି ପାଇଥିବା ୧୩୨୬ ଜଣ ପ୍ରାର୍ଥୀଙ୍କୁ ଆଜି ମଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ବାଣ୍ଟିଛନ୍ତି। ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିଅମରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୩୬୪ ଓ ପଞ୍ଚାୟତିରାଜ ବିଭାଗରେ ୩୬୧ ଜଣ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ପତ୍ର ପାଇଛନ୍ତି। ସେହିପରି ଶକ୍ତି ବିଭାଗ ଓ ଓଏଚ୍‌ପିସିରେ

ସାଧାରଣ ଲୋକଙ୍କ ସମସ୍ୟାକୁ ସମ୍ମାନର ସହ ଶୁଣି ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ




୧୨ ଜଣ କନିଷ୍ଠ ଯନ୍ତ୍ରୀ ଓ ୨୨୮ ଟ୍ରେନି, କୃଷି ବିଭାଗରେ ୧୧୮ ଜଣ ସହକାରୀ କୃଷି ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗରେ ୧୧୧ ଜଣ ସହକାରୀ ପ୍ରାଧ୍ୟାପକ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗରେ ୧୫ ଜଣ କନିଷ୍ଠ ଯନ୍ତ୍ରୀ ଓ ୭୧ ଜଣ ପ୍ରାଣିଧନ ନିରୀକ୍ଷକ, କ୍ରୀଡା ବିଭାଗରେ ୨୬ ଜଣ ଜୁନିଅର କୋଚ୍, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୦ ଜଣ ପ୍ରଶିକ୍ଷକ ଏବଂ ଅବକାରୀ ବିଭାଗରେ ୧୦ ଜଣ ଉପ-ନିରୀକ୍ଷକଙ୍କୁ ନିଯୁକ୍ତି ମିଳିଛି।


ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜନସେବା ହେଉଛି ସରକାରୀ ଚାକିରିର ମୂଳ ଲକ୍ଷ୍ୟ। ଲୋକଙ୍କ ସମସ୍ୟା ଓ ଅଭିଯୋଗର ସମୟବଦ୍ଧ ସମାଧାନ କରିବା ନୈତିକ କର୍ତ୍ତବ୍ୟ ହେବା ଉଚିତ। ସମାଜର ଶେଷ ଧାଡିର ଲୋକଙ୍କ ପାଖରେ ସରକାରୀ ସୁବିଧା ପହଞ୍ଚାଇବାକୁ କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ସ୍ୱଚ୍ଛ ଓ ସୁଦୃଢ଼ ପ୍ରଶାସନର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଏଥିରେ ସମସ୍ତେ ଯୋଗଦାନ ରଖିବାକୁ ଆହ୍ୱାନ ଦେବା ସହ ଦୁର୍ନୀତିରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ ନିଷ୍ଠା ଓ ସଚ୍ଚୋଟତାର ସହ କାମ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ଗିରୀଶ ଏସ୍.ଏନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିଙ୍ଗୁଡ଼ି ଘେରି ଉଜାଡୁଛି ଫସଲ

# ବିଷ ବୋତଲ ଧରି ଜନଶୁଣାଣି ଶିବିରରେ ପହଞ୍ଚିଲେ ଦୁଇଚାଷୀ

ରାଜନଗର, ୧୦।୮ (ସମିସ): ରାଜନଗର ଅଞ୍ଚଳରେ ହଜାର ହଜାର ବେଆଇନ ଚିଙ୍ଗୁଡ଼ି ଘେରି ଗଢ଼ିଉଠିଛି। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଉନି। ଚିଙ୍ଗୁଡ଼ି ଘେରି ବିଷାକ୍ତ ଲୁଣି ପାଣି ଫସଲ ଉଜାଡୁଥିବା ନେଇ ବାରମ୍ବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ ପରେ ବି ଫଳ ଶୂନ୍। ନ୍ୟାୟ ପାଇବାରେ ବିଫଳ ହେବା ପରେ ଆଜି ୨ ଜଣ ଚାଷୀ ବିଷ ବୋତଲ ଧରି ଜନଶୁଣାଣି ଶିବିରରେ ପହଞ୍ଚିବା ଓ ପୁଲିସ ଚାଷୀଙ୍କଠାରୁ ବିଷ ବୋତଲ ଛଡାଇବା ନେଇଥିଲେ। ପରେ ତହସିଲଦାର ବୁଝାସୁଝା ଓ ନିଶ୍ଚିନ୍ତ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ବିଷ ନ ପିଇବା ସହିତ ଆଶା ନେଇ ଘରକୁ ଫେରିଛନ୍ତି। ଏଭଳି ଅଭାବନୀୟ ଘଟଣା ଆଜି ଏଠାରେ ଆୟୋଜିତ ଜନଶୁଣାଣି ଶିବିରରେ ଦେଖିବାକୁ ମିଳିଛି।

ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ବୀରଭଞ୍ଜପୁର ଗାଁର ରାମକୃଷ୍ଣ ମଣ୍ଡଳଙ୍କ ଅଭିଯୋଗ ମୁତାବକ ତାଙ୍କର ଜ୍ୟୋତିପ୍ରସାଦ ମୌଜାରେ ୭୫ ଡେସିମିଲ ଚାଷଜମି ରହିଛି। ତାଙ୍କ ଚାଷଜମି ନିକଟରେ ବେଆଇନ ଚିଙ୍ଗୁଡ଼ି ଘେରି ରହିଛି। ଲବ କୁମାର ମାଇତି ତାଙ୍କ ଚିଙ୍ଗୁଡ଼ି ଘେରିର ବିଷାକ୍ତ ଓ ଲୁଣୀ ପାଣିକୁ ବର୍ଷା ସମୟରେ ତାଙ୍କ ଚାଷଜମିକୁ ଛାଡୁଛନ୍ତି। ଫଳରେ ୨୦୧୮ରୁ ୮ ବର୍ଷ ହେଲା ତାଙ୍କ ଜମିରେ ଫସଲ ହେଉନାହିଁ। ସେ ଏନେଇ ରେଞ୍ଜ ଅଫିସର, ଡିଏଫଓ ଓ ତହସିଲଦାରଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ଫଳ ମିଳୁନି। ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୬ ଥର ଅଭିଯୋଗ କରି ସାରିଲିଣି। ପ୍ରତିଥର ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ହେବ ବୋଲି ପ୍ରତିଶ୍ରୁତି ମିଳୁଛି। ମାତ୍ର କୌଣସି ପଦକ୍ଷେପ ନିଆଯାଉନାହିଁ। ଆଜି ଅଭିଯୋଗ ସହିତ ବିଷ ଧରି ଆସିଛି। ଏଠି ସମାଧାନ ନ କଲେ ବିଷ ପିଇଥା'ନ୍ତି। ତହସିଲଦାର ସାର ୩ ଦିନ ଭିତରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବାରୁ ବିଷ ନ ପିଇ ଫେରିଯାଉଛି



ବୋଲି କହିଛନ୍ତି। ସେହିପରି ଢୋଳମରା ଗାଁର ଗଣେଶ ଚନ୍ଦ୍ର ମହାନ୍ତିଙ୍କ ଅଭିଯୋଗ ମୁତାବକ ସେ ଜଣେ ଗରିବ ଚାଷୀ। ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଙ୍କର ପୀତଣ୍ଡା ମୌଜାରେ ୫ ଏକର ୨୮ ଡେସିମିଲ ଜମି ରହିଛି। ଜମି ନିକଟରେ ଥିବା ସରକାରୀ ଜମି ଓ ପାଣି ନାଳକୁ ଅବରୋଧ କରି ମଧୁସୂଦନ ଜେନା ଚିଙ୍ଗୁଡ଼ି ଘେରି କରି ଲୁଣିପାଣି ଚାଷଜମିକୁ ଛାଡୁଛନ୍ତି। ଫଳରେ ତାଙ୍କ ଜମିରେ ଫସଲ ହେଉନାହିଁ। ଏପରିକି ସରକାରୀ ଜମି ଓ ପାଣି ନାଳ ଅବରୋଧ ଯୋଗୁ ତାଙ୍କ ଜମି ନିକଟକୁ ହଳ ପାଇଁ ବଳଦ ମଧ୍ୟ ଛାଡୁନାହାନ୍ତି। ବାରମ୍ବାର ଅଭିଯୋଗ ପରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଆଜି ଜନଶୁଣାଣି ଶିବିରରେ ବିଷ ପିଇବାକୁ ନିଷ୍ପତ୍ତି ନେଇଥିଲି। ତହସିଲଦାର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ବିଷ ନ ପିଇ ଫେରିଯାଉଛି ବୋଲି କହିଛନ୍ତି।

# ପାଳନ ଦିବସ ତାଲିକାରୁ ବାଦ୍ ପଡ଼ିଲା 'ଗୁରୁ ଦିବସ'

ଭୁବନେଶ୍ୱର, ୧୦।୮ (ସମିସ): ରାଜ୍ୟ ସରକାର 'ଗୁରୁ ଦିବସ' କୁ ପାଳନ ଦିବସରୁ ବାଦ୍ ଦେଇଛନ୍ତି। ଶୈକ୍ଷିକ କ୍ୟାଲେଣ୍ଡରରେ ସ୍ଥାନ ପାଇ ନଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁଶିଷ୍ୟ ପରମ୍ପରାରେ ସରକାର ବାଧକ ସାଜିବା ସହ ଗୁରୁଙ୍କୁ ଏହା ଅପମାନ ବୋଲି ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ (ୟୁଟିଆ) ପକ୍ଷରୁ କୁହାଯାଇଛି। ସଂଘର ସଭାପତି ଉପେନ୍ଦ୍ର ସାହୁ ଏବଂ ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟ କହିଛନ୍ତି ଯେ ପୂର୍ବରୁ ସେପ୍ଟେମ୍ବର ମାସ ୫ କୁ ଗୁରୁଦିବସ ଭାବେ ଜାତୀୟ ସ୍ତରରେ ପାଳନ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ବାର୍ଷିକ କ୍ୟାଲେଣ୍ଡରରୁ ଏହାକୁ ବାଦ୍ ଦିଆଯାଇଛି। ଗୁରୁ ଦିବସକୁ ପାଳନ ଦିବସ ଭାବେ ପୁନଃ କ୍ୟାଲେଣ୍ଡରରେ ସ୍ଥାନିତ କରିବାକୁ ସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବାର୍ଷିକ କ୍ୟାଲେଣ୍ଡରରେ ପୁନଃ ସାମିଲ କରିବାକୁ 'ୟୁଟିଆ'ର ଦାବି

## କର୍ଣ୍ଣପାଳରେ ବିଜେଡିର ସାଙ୍ଗଠନିକ ବୈଠକ




କଣିହାଁ/ପବିତ୍ରନଗର,୧୦।୮ (ସମିସ): ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣିହାଁ ବ୍ଲକ କର୍ଣ୍ଣପାଳ ପଞ୍ଚାୟତରେ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। କର୍ଣ୍ଣପାଳ ପଞ୍ଚାୟତ ବିଜେଡି ସଭାପତି ଦେବରାଜ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ବୈଠକରେ ବୁଥ୍‌ସ୍ତରୀୟ ଏଜେଣ୍ଟ (ବିଏଲ୍‌ଏ) ୱାର୍ଡ ପ୍ରମୁଖମାନେ ଯୋଗଦେଇ ଭୋଟର ତାଲିକାରେ ନୂତନ ଭୋଟରଙ୍କ ନାମ ସଂଯୋଗ, ତ୍ରୁଟି ସଂଶୋଧନ ଓ ଅନ୍ୟ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ କର୍ଣ୍ଣପାଳ ପଞ୍ଚାୟତ ପର୍ଯ୍ୟବେକ୍ଷକ ବିରଞ୍ଚି ନାରାୟଣ ସାହୁଙ୍କ ସମେତ ସୁବାସ ମହାନ୍ତି, ବୁଲୁ ମହାନ୍ତି, ଗୋକୁଳ ପ୍ରଧାନ, ଗୋପାଳ ପ୍ରଧାନ, ରମେଶ ପ୍ରଧାନ, ଶିବ ପ୍ରଧାନ, ଅଜିତ ସାମଲ, ଦୁର୍ଯ୍ୟୋଧନ ସାମଲ ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତର ବହୁ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।

## ନାଳରେ ଭାସିଗଲେ ଦୁଇ କାଉଡ଼ିଆ

**ଜଣେ ନିଖୋଜ**

ଅନୁଗୋଳ,୧୦।୮ (ସମିସ): ଶ୍ରାବଣ ସୋମବାରରେ ଅଘଟଣ। ପାଣିର ପ୍ରଖର ସ୍ରୋତରେ ଭାସିଗଲେ ଦୁଇ କାଉଡ଼ିଆ। ଜଣେ ନିଖୋଜ ଥିବାବେଳେ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନୁଗୋଳ ଟିପିରିସିଂହା ନିକଟ ଲିଙ୍ଗରା ନାଳରେ ପାଣି ଉଠାଉଥିବା ବେଳେ ଏହି ଅଘଟଣ ଘଟିଛି। ସୂଚନା ଅନୁସାରେ, ଟିପିରିସିଂହା ମନ୍ଦିରରେ ଜଳାଭିଷେକ କରିବା ପାଇଁ ବେନ୍ତପୁର ଗ୍ରାମର ରୁଜୁ ଏବଂ ସ୍ମୃତି ସୌରଭ ରଥ ଲିଙ୍ଗରା ନାଳରୁ ପାଣି ଉଠାଉଥିଲେ। ଏହି ସମୟରେ ହଠାତ୍ ପ୍ରଖର ସ୍ରୋତରେ ଦୁହେଁ ଭାସିଯାଇଥିଲେ। ଘଟଣାସ୍ଥଳରେ ଥିବା ଲୋକେ ରୁଜୁଙ୍କୁ ଉଦ୍ଧାର କରିଥିବା ବେଳେ ସ୍ମୃତି ସୌରଭଙ୍କ ପତ୍ତା ମିଳିନାହିଁ। ଅନୁଗୋଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ବର୍ଷା ଯୋଗୁଁ ନାଳରେ ପାଣି ବଢ଼ିବା ସହ ସ୍ରୋତ ମଧ୍ୟ ତୀବ୍ର ରହିଛି। ଏଭଳି ସମୟରେ ନଦୀ, ନାଳ ଓ ଜଳାଶୟକୁ ଯିବାବେଳେ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି।

■ ଓପି ଜିନ୍ଦଲ ସ୍ମାରକୀ ଫୁଟବଲ

## ଝାରସୁଗୁଡ଼ାକୁ ହରାଇଲା ବରଗଡ଼



ଅନୁଗୋଳ,୧୦।୮ (ସମିସ): କଦମ ପଡ଼ିଆରେ ଚାଲିଥିବା ଓପି ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ବରଗଡ଼ ୟୁନାଇଟେଡ୍ ଓ ଝାରସୁଗୁଡ଼ା ଆଦର୍ଶ କ୍ଲବ୍ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ବରଗଡ଼ ୪-୧ ଗୋଲରେ ବିଜୟୀ ହୋଇଛି। ବରଗଡ଼ର ଲେନ୍ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି। ଅନୁଗୋଳ ସିଡିଏମଓ ଡା. ମଦନ ମୋହନ ପ୍ରଧାନ ମୁଖ୍ୟଅତିଥି ଏବଂ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ପୂର୍ବତନ ନଗରପାଳ ପୂର୍ଣ୍ଣଚନ୍ଦ୍ର ରାଉତ, କ୍ରୀଡ଼ା ସଂସଦ ସଭ୍ୟ ରମେଶ ସାହୁ ଓ ଜିନ୍ଦଲ ଇଭିପି ସିଆରଏମ ପ୍ରୋଜେକ୍ଟ କମଲ ହାସନ ଖାନ୍ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦିଲୀପ ରାଉତ ଖେଳ ପରିଚାଳନା କରିଥିଲେ। ଆଲୋକ ଦେହୁରୀ ଓ ବଳରାମ ସାୟ ଲାଇନ୍‌ରେ ସହାୟତା କରିଥିଲେ। ଜିନ୍ଦଲ କ୍ରୀଡ଼ା ଅଧିକାରୀ ତାପସ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ମଙ୍ଗଳବାର ବରଗଡ଼ ଓ ରାଉରକେଲା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରତିଯୋଗିତା

କିଶୋରନଗର,୧୦।୮ (ସମିସ): ୮୦ ତମ ସ୍ୱାଧୀନତା ଦିବସ ଉପଲକ୍ଷେ କିଶୋର ଗର ପଞ୍ଚାୟତ ସମିତି ତରଫରୁ କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଉପକନିଷ୍ଠ, କନିଷ୍ଠ, ଉପବରିଷ୍ଠ, ବରିଷ୍ଠ ଆଦି ଚାରିଟି ବିଭାଗରେ ବକ୍ତୃତା, ସଙ୍ଗୀତ, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ତରଣୀସେନ ସାହୁ, ବୀଣାପାଣି ସାହୁ, ପ୍ରଧାନଶିକ୍ଷକ ରଞ୍ଜିତ ସାହୁ, ସହକାରୀ ଶିକ୍ଷକ ପବିତ୍ରମୋହନ ପ୍ରଧାନ,



ଉତ୍କଳ କେଶରୀ ସାହୁ, ଅଖିଳ କୁମାର ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ଚିନ୍ମୟୀ ମହାପାତ୍ର, ସୁନେଲିକା ଖମାରି, ମମିତା ସାହୁ, ରୋଜାଲିନ ପ୍ରଧାନ, ଅଶୋକ କୁମାର ପ୍ରଧାନ, ଅଜିତ କୁମାର ବିଶ୍ୱାଳ, ମହେଶ୍ୱର ମେହେର, ସ୍ୱାଗତ ଜ୍ୟୋତିଷ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୧୫ ତାରିଖ ବରପଡ଼ିଆରେ ହେବାକୁ ଥିବା ସ୍ୱାଧୀନତା ଦିବସ ପାଳନ ସମାରୋହରେ ବିଜେତାମାନଙ୍କୁ ପୁରସ୍କୃତ କରାଯିବ। ଏହାସହ ମାଟ୍ରିକ, ଯୁକ୍ତ ଦୁଇ ଓ ଯୁକ୍ତ ତିନିରେ ବ୍ଲକରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସଦାଶିବ ଦେହୁରୀ ମେଧାବୃତ୍ତି ପ୍ରଦାନ କରାଯିବ। ଏବିଇଓ ରମଣୀ ରଞ୍ଜନ ସାହୁ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

**କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର ପ୍ରତିବାଦ**

# ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ

ଅନୁଗୋଳ,୧୦।୮ (ସମିସ):




କେନ୍ଦ୍ର ବିଜେପି ସରକାରଙ୍କ ଶ୍ରମିକ-କୃଷକ ମାରଣ ନୀତି ଏବଂ ଜନବିରୋଧୀ ପଦକ୍ଷେପ ବିରୋଧରେ ସୋମବାର କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ମିଳିତ ମଞ୍ଚ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ମିଳିତ ଭାବେ ଦେଶବ୍ୟାପୀ ପ୍ରତିବାଦ ଆନ୍ଦୋଳନ ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଶତାଧିକ ଆନ୍ଦୋଳନକାରୀ ସ୍ଥାନୀୟ ଗୋପବନ୍ଧୁ ପାର୍କଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସିର ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଆଇଏନ୍‌ଟିୟୁସିର ଜିଲ୍ଲା ସଭାପତି ଦିଗମ୍ବର ଗଡ଼ନାୟକ, ସିଆଇଟିୟୁ ଜିଲ୍ଲା ସାଧାରଣ ସମ୍ପାଦକ ଡ. ଉପେନ୍ଦ୍ର ଶର୍ମା, ଏଆଇୟୁଟିୟୁସି ଜିଲ୍ଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ, ତୀର୍ଥବାସୀ ଭୋଇ, ଏଆଇପିଏଫ୍‌ର ରାଜ୍ୟ ସମ୍ପାଦକ ଦୁଃଖିଶ୍ୟାମ ମଲ୍ଲିକ, ଏଆଇକେକେଏମ୍‌ଏସ୍‌ର ଜିଲ୍ଲା ସଭାପତି ସୁବାସ ପ୍ରଧାନ, ସମ୍ପାଦକ ରଣଜିତ୍ ପ୍ରଧାନ, ବିଦ୍ୟୁତ୍ କର୍ମଚାରୀ ସଂଘ କାର୍ଯ୍ୟକାରୀ ସଭାପତି ମାନସ ପାଳ, ପ୍ରସନ୍ନ ସେନାପତି ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ପୁଞ୍ଜିପତି ତୋଷଣ ନୀତି ଏବଂ ଜନବିରୋଧୀ ପଦକ୍ଷେପ ଫଳରେ ଶ୍ରମିକ, କୃଷକ ସମେତ ଖଟିଖିଆ ଜନସାଧାରଣ ଡବଲ ଶୋଷଣର ଶିକାର ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ପୁଞ୍ଜିପତି ଶ୍ରେଣୀ ସ୍ୱାର୍ଥରେ ଲାଗୁ କରାଯାଇଥିବା ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ୍ ତୁରନ୍ତ ପ୍ରତ୍ୟାହାର, ଶ୍ରମିକମାନଙ୍କ ସର୍ବନିମ୍ନ ମାସିକ ମଜୁରି ୪୨ ହଜାର ଟଙ୍କା ପ୍ରଦାନ, ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୫କୁ ସମ୍ପୂର୍ଣ୍ଣ ବାତିଲ, ସ୍ମାର୍ଟ ମିଟର ପ୍ରଚଳନ ବାତିଲ, ସମସ୍ତ କୃଷି ଉତ୍ପାଦିତ ଦ୍ରବ୍ୟର ଏମ୍‌ଏସ୍‌ପିକୁ ଆଇନତଃ ମାନ୍ୟତା ଦେବା ପାଇଁ ସେମାନେ ଦୃଢ଼ ଦାବି କରିଥିଲେ। ସେହିପରି ଦୈନିକ ଶ୍ରମ ନିର୍ଘଣ୍ଟ ୮ଘଣ୍ଟାରୁ ୧୨ଘଣ୍ଟାକୁ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହାର, ଭିବି-ଜୀ-ରାମ-ଜୀ ବାତିଲ କରି ଏମ୍‌ଜିଏନ୍‌ଆର୍‌ଜିଏସ୍ ପୁନଃ ପ୍ରଚଳନ, ଆଶା, ମଧ୍ୟାହ୍ନଭୋଜନ ପାଚିକା, ଅଙ୍ଗନବାଡ଼ି କର୍ମୀ ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ଏନ୍‌ପିଏସ୍ ବଦଳରେ ପୁରୁଣା ପେନ୍‌ସନ୍ ସ୍କିମ୍ ଲାଗୁ, ଇ-ବିଲ୍ ବଦଳରେ ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଆଞ୍ଚଳିକ ଭାଷାରେ ମୁଦ୍ରିତ ବିଲ୍ ପ୍ରଦାନ, ସାମ୍ରାଜ୍ୟବାଦୀ ଆମେରିକା, ଇଂଲଣ୍ଡ ସ୍ୱାର୍ଥରେ କରାଯାଇଥିବା ବାଣିଜ୍ୟ ଚୁକ୍ତି ପ୍ରତ୍ୟାହାର, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ୍ ସମେତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ବନ୍ଦ, ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ବନ୍ଦ କରିବା ପ୍ରଭୃତି ୨୮ଦଫା ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ତାଳଚେର,୧୦।୮ (ସମିସ): ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ




ତାଳଚେର ସିମିଟି ସଭାଗୃହ ଠାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ସମୁଦାୟ ୫୯ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୪୨ଟି ବ୍ୟକ୍ତିଗତ ଓ ୧୭ଟି ଗ୍ରାମ୍ୟଭିତିକ ଅଭିଯୋଗ ଶୁଣାଣି ହୋଇଥିବା ବେଳେ ୩ଟିର ତୁରନ୍ତ ଫଇସଲା କରାଯାଇଥିଲା। ୩ଜଣଙ୍କୁ ରେ?କ୍ରସ ପାଣ୍ଠିରୁ ୩୦ହଜର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ, ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ ମହନ୍ତ, ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମଦନମୋହନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜୀବ ଲୋଚନ ପଣ୍ଡା, ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ ବରାଳ, ତହସିଲଦାର ଆଲଫାଜେନା, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀଣି, ମଧୁସ୍ମିତାନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ ମିଶ୍ର. ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ସମାଜମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳୀ ଶତପଥୀ, ଉପନିର୍ଦ୍ଦେଶକ ଉଦ୍ୟାନ ଅମ୍ବିଲ ଲୁଗୁନ, ମୁଖ୍ୟ ପ୍ରାଣିଚିକିତ୍ସକ ସତ୍ୟନାରାୟଣ ସାହୁ, ସାମାଜିକ ସୁରକ୍ଷାଅଧିକାରୀ ମନୁଷ ଏକାଙ୍କ ସହ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ଦାଖଲ କରିଥିଲେ।

## ନୂତନ ଡିଗ୍ରୀ କଲେଜ ସ୍ଥାପନ ପାଇଁ ସାଧାରଣ ସଭା



ଅନୁଗୋଳ,୧୦।୮ (ସମିସ): ବଡ଼କେରାଠାରେ ନୂତନ ଡିଗ୍ରୀ କଲେଜ ସ୍ଥାପନ ପାଇଁ ବଡ଼କେରା ପଞ୍ଚାୟତ ସଂଲଗ୍ନ ୧୧ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତ ଓ ବିଭିନ୍ନ ଗ୍ରାମର ସଭାପତିଙ୍କୁ ନେଇ ଏକ ସାଧାରଣ ସଭା ବଡ଼କେରା +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ ଉଦୟନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବଡ଼କେରା, ଧୁକୁଟା, ନନ୍ଦପୁର ନୂଆଗାଁ, ରନ୍ତଲେଇ, ତୁବେ, ବଡ଼ହଂସର, ସାନ୍ତରାପୁର, ମାଟିଆସାହି, ଶରଧାପୁର, ମାଣିକଯୋଡ଼ି ପଞ୍ଚାୟତର ସରପଞ୍ଚ, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇ ଆଲୋଚନାର ଅଂଶଗ୍ରହଣ କରିଥିଲେ। ବଡ଼କେରା +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପ୍ରତିବର୍ଷ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଥିଲେ ସୁଦ୍ଧା ସେମାନଙ୍କ ଆର୍ଥିକ ପରିସ୍ଥିତି, ଗମନାଗମନ ଅସୁବିଧା ପାଇଁ +୩ କଲେଜରେ ନାମ ଲେଖାଇ ନ ପାରି ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏଠାରେ ଡିଗ୍ରୀ କଲେଜ ସ୍ଥାପନ ପାଇଁ ଆବଶ୍ୟକ ଭିତ୍ତିଭୂମି ଥିଲେ ସୁଦ୍ଧା ଅଦ୍ୟାବଧି ସ୍ଥାପନ ହୋଇପାରି ନ ଥିବାରୁ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଇତିମଧ୍ୟରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏଠାରେ ଡିଗ୍ରୀ କଲେଜ ସ୍ଥାପନ ନିମନ୍ତେ ସମସ୍ତ ସହଯୋଗ ଯୋଗାଇଦେବା ସହ ତାଙ୍କ ପ୍ରଚେଷ୍ଟାରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସହଯୋଗ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପ୍ରସ୍ତାବିତ ଡିଗ୍ରୀ କଲେଜକୁ ଶ୍ରୀ ଶ୍ରୀ ଜଗନ୍ନାଥ +୩ ଡିଗ୍ରୀ ମହାବିଦ୍ୟାଳୟ ନାମରେ ନାମିତ କରାଯାଇ ଏହାର ସୁପରିଚାଳନା ପାଇଁ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏଥିରେ ଅଞ୍ଚଳର ଶିକ୍ଷାବିତ୍ ନାରାୟଣ ଚୌଧୁରୀଙ୍କୁ ସଭାପତି, ସୁବୋଧ କୁମାର ସିଂ ଉପସଭାପତି, ଅଚ୍ୟୁତାନନ୍ଦ ମିଶ୍ର ସମ୍ପାଦକ, ପ୍ରଶାନ୍ତ କୁମାର ମିଶ୍ର ସହସମ୍ପାଦକ, ପ୍ରକାଶ ଚନ୍ଦ୍ର ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଏତଦବ୍ୟତୀତ ଉଦୟନାଥ ପଟ୍ଟନାୟକ, ଅନିଲ କୁମାର ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ପୃଷ୍ଟି, ହାଡ଼ିବନ୍ଧୁ ବେହେରା, ସୁରେଶନ ପ୍ରଧାନ, ସତ୍ୟାନନ୍ଦ ସାହୁଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ପ୍ରଦୀପ ମିଶ୍ର, ସୁଶାନ୍ତ ମହାକୁଡ଼, ସନାତନ ସାହୁ, ଶ୍ରୀକାନ୍ତ ମିଶ୍ର, ସୁନୀଲ ମିଶ୍ର, ପ୍ରବୀଣ ମହାନ୍ତି, ଅରୁଣ ଦଳବେହେରା, ପ୍ରକାଶଚନ୍ଦ୍ର ଦାଶ, ମନୋରଞ୍ଜନ ସାହୁ, ବନମାଳୀ ନାଏକ, ଅକ୍ଷୟ ପୃଷ୍ଟି, ଦିଲୀପ ସାହୁ, ବିନୋଦ ବେହେରା, ରଞ୍ଜନ ଆଚାର୍ଯ୍ୟ, ସନ୍ତୋଷ ପୃଷ୍ଟି, ବରୁଣ ଗଡ଼ନାୟକ, ବସନ୍ତ ଗଡ଼ନାୟକ, ଅଟଳ ବିହାରୀ ଖୁଣ୍ଟିଆ, ପ୍ରଫୁଲ୍ଲ ପ୍ରଧାନ, ବସନ୍ତ ନାଏକ, ସନ୍ତୋଷ ସେଠୀ, ପ୍ରଭାତ ବେହେରା, ଆଦିକନ୍ଦ ପ୍ରଧାନ, ଶିବରାମ ମହାଳିକ, ଲମ୍ବୋଦର ଦେହୁରୀ, ଜିତେନ୍ଦ୍ର ପ୍ରଧାନ, ଝୁନୁଲତା ପ୍ରଧାନ, ସହଦେବ ବେହେରା, ସତ୍ୟବ୍ରତ ବେହେରା, ଶେଷଦେବ ସାହୁ, ବିକାଶରଞ୍ଜନ ପ୍ରଧାନ, ଶମ୍ଭୁନାଥ ନାଏକ, ଦିଲୀପ ପ୍ରଧାନ, ଭାଗୀରଥି ସାହୁ, ଭୀମସେନ ମହାପାତ୍ର କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି।

● ଅନୁଗୋଳ ପଞ୍ଚାୟତ ସମିତି ସଭାଗୃହରେ ବିଶ୍ୱ ଆଦିବାସୀ ଦିବସ ପାଳିତ

## ଆଦିବାସୀଙ୍କ ଅଧିକାର ଓ ସାଂସ୍କୃତିକ ପରମ୍ପରା ସୁରକ୍ଷାକୁ ଗୁରୁତ୍ୱ

ଅନୁଗୋଳ,୧୦।୮ (ସମିସ): ଅନୁସୂଚିତ ଜାତି ଓ ଜନଜାତି ସରକାରୀ କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ପକ୍ଷରୁ ଅନୁଗୋଳ ପଞ୍ଚାୟତ ସମିତି ସଭାଗୃହରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଜିଲ୍ଲା ସଭାପତି ଲଳିତ ମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ



ସଂଗଠନ ଅତିରିକ୍ତ ସମ୍ପାଦକ ଅସିତ କୁମାର ନାୟକ ଯୋଗଦେଇ ନିଜ ବକ୍ତବ୍ୟରେ ଆଦିବାସୀ ସମାଜର ସ୍ୱତନ୍ତ୍ର ପରିଚୟ ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖିବା ସହ ଯୁବପିଢ଼ିଙ୍କୁ ନିଜ ପରମ୍ପରା ସହ ଯୋଡ଼ି ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ସମାଜର ଉନ୍ନତି ପାଇଁ ଶିକ୍ଷା ଓ ସଚେତନତାକୁ ଅଧିକ ବ୍ୟାପକ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଅନୁଗୋଳ ଜିଲ୍ଲା ଶାଖା ସାଧାରଣ ସମ୍ପାଦକ ଡିଲେଶ୍ୱର ନାଏକ, ସାଗଠନିକ ସମ୍ପାଦକ ରମେଶ ଚନ୍ଦ୍ର ନାଏକ, ଜଳଧର ବାଗ, ସୁବ୍ରତ ଭୋଇ, ଧନଞ୍ଜୟ ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ଆଦିବାସୀ ସମାଜର ଭାଷା, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ସୁରକ୍ଷା ସହ ସେମାନଙ୍କ ଅଧିକାର ଓ ସାମାଜିକ ନ୍ୟାୟ ଉପରେ ଆଲୋଚନା ହୋଇଥିଲା। ଆଦିବାସୀ ସମାଜର ସାମଗ୍ରିକ ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସଶକ୍ତୀକରଣକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

## ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ଅନୁଗୋଳ,୧୦।୮ (ସମିସ): ସ୍ଥାନୀୟ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ମେଳାରେ ଅନୁଗୋଳ, ବନ୍ତଲା, ବାରଗୌଣିଆ, ତଳମୂଳ, ନାଲକୋନଗର, ବଅଁରପାଳ, ମହୀଧରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତିଭାଗୀମାନେ ଅଂଶଗ୍ରହଣ କରିଥିଲେ। ଅନୁଗୋଳ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ ମିଶ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଡ. ପ୍ରଫୁଲ୍ଲ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ବିଜ୍ଞାନର ଉପଯୁକ୍ତ ବ୍ୟବହାର ସହ ବିନାଶକାରୀ ବିଜ୍ଞାନଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ସଙ୍କୁଳ ପ୍ରମୁଖ କାଶୀନାଥ ବେହେରା ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ଡା. ସୁଧାକର ପାଲ, ସଙ୍କୁଳ ସଂଯୋଜକ ଆଲୋକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସହପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ, ବାଲ, କିଶୋର ବର୍ଗର ୨୮ଟି ଗଣିତ ଓ ୫୬ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଶ୍ନମଞ୍ଚ, ନୃତ୍ୟକଳା, ମୂର୍ତ୍ତିକଳା, ପତ୍ରବାଚନ ଓ ତତ୍କାଳୀନ ଭାଷଣ ପ୍ରତିଯୋଗିତା ହୋଇଥିଲା। ପ୍ରତେକ୍ୟ ବିଭାଗର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ଆଗାମୀ ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବା ପାଇଁ ଚୟନ କରାଯାଇଥିଲା। ମେଳାର ପ୍ରମୁଖ ଗିରୀଶଚନ୍ଦ୍ର ସାହୁ ତଥା ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

● ଦ୍ୱିତୀୟ ଥର ଖୋଲିଲା ରେଙ୍ଗାଳି ଡ୍ୟାମ୍

## ୮ ନମ୍ବର ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ତଳମୁଣ୍ଡବାସୀ ସତର୍କ ରହିବାକୁ ପରାମର୍ଶ**

କଣିହାଁ,୧୦।୮ (ସମିସ): ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକସ୍ଥିତ ରେଙ୍ଗାଳି ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଇଛି। ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବା ପରେ ୮ ନମ୍ବର ଗେଟ୍ ଖୋଲାଯାଇଛି। ଗୋଟିଏ ସ୍ପିଲ୍‌ୱେ ଗେଟ୍ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡ ୨,୦୦୦ ଘନମିଟର ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୧୨୨.୧୪ ମିଟରରେ ପହଞ୍ଚିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡ ୨,୫୦୦ ଘନମିଟର ଜଳ ପ୍ରବେଶ କରୁଛି। ଜଳ ନିଷ୍କାସନ ଯୋଗୁଁ ତଳମୁଣ୍ଡରେ ନଦୀ ଜଳସ୍ତର ବୃଦ୍ଧି ପାଇବା ଆଶଙ୍କା ରହିଛି। ଏଥିପାଇଁ ତଳମୁଣ୍ଡବାସୀ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। କୌଣସି ବ୍ୟକ୍ତି ନଦୀକୂଳକୁ ନ ଯିବା ଏବଂ ନଦୀରେ ଗାଧୋଇବା କିମ୍ବା ଅନ୍ୟ କୌଣସି କାର୍ଯ୍ୟ ନ କରିବାକୁ କୁହାଯାଇଛି।



## ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଳିତ



ଅନୁଗୋଳ,୧୦।୮ (ସମିସ): ସୋମବାର ପୂର୍ବାହ୍ନରେ ସ୍ଥାନୀୟ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କୃମିନାଶକ ବଟିକା ଖୁଆଇଥିଲେ। ପିଲାମାନେ ସଚେତନ ହେବା ସହିତ ପରିବାର, ସାଙ୍ଗସାଥୀ ଓ ସାହିପଡ଼ିଶାଙ୍କୁ ସଚେତନ କରି କୃମିମୁକ୍ତ ଅନୁଗୋଳ ଗଢ଼ିବାରେ ସାହାଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡ଼. ମଦନ ମୋହନ ପ୍ରଧାନ କୃମି ଦ୍ୱାରା ହେଉଥିବା ବିଭିନ୍ନ ପ୍ରକାରର ରୋଗ ବିଷୟରେ ବୁଝାଇଥିଲେ ଏବଂ ଏହାର ନିରାକରଣ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। କୃମି ବଟିକା ଆଲ୍ବେଣ୍ଡାଜୋଲ୍ ୪୦୦ ଏମ୍.ଜିର ୧ଟି ବଟିକା (୨-୧୯) ବର୍ଷର ପିଲାମାନେ ସମସ୍ତେ ଖାଇବେ ଏବଂ (୧-୨) ବର୍ଷର ପିଲା ଆଲ୍ବେଣ୍ଡାଜୋଲ୍ ସିରପ୍ ଖାଇବେ। ତତ୍ ସହିତ ହାତ ଧୋଇବା ପ୍ରଣାଳୀ, ଖୋଲା ପଡ଼ିଆରେ ଶୌଚ ନ ହେବା, ଖାଲି ପାଦରେ ନଚାଲିବା, ତଟକା ପନିପରିବା ଭଲ ଭାବରେ ଧୋଇ ଶିଝାଇ ଖାଇଲେ ଏହି ରୋଗରୁ ରକ୍ଷା ପାଇପାରିବା ବୋଲି ବିଭାଗୀୟ ଅଧିକାରୀମାନେ ବୁଝାଇଥିଲେ। ଏହି ସଚେତନତା ସଭାରେ କାଉନସିଲର ଶ୍ରୀମତୀ ସରିତା ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼. କୃଷ୍ଣଚନ୍ଦ୍ର ପାଲ, ଡି.ପି.ଏମ୍ ସୌମ୍ୟାରାଣୀ ଗୌଡଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଅପେକ୍ଷାରେ ଗଙ୍ଗାଧାମ ଆଶ୍ରମ

● ପାହାଡ଼ ପାଦଦେଶରେ ଟିକିରାର କୁଳୁକୁଳୁ ନାଦ

● ପ୍ରକୃତି କୋଳରେ ଆଧ୍ୟାତ୍ମିକତାର ଅନନ୍ୟ ସମାହାର

କଣିହାଁ,୧୦।୮ (ସମିସ):



ପାହାଡ଼ର ସବୁଜିମା, ଟିକିରା ନଦୀର କୁଳୁକୁଳୁ ନାଦ ଓ ନିର୍ଜନ ପ୍ରକୃତି ମଧ୍ୟରେ ଆଧ୍ୟାତ୍ମିକ ପରିବେଶ। ଏଭଳି ମନୋରମ ପରିବେଶରେ ଅବସ୍ଥିତ ଗଙ୍ଗାଧାମ ଆଶ୍ରମ ଏବେ କଣିହାଁ ଓ ଛେଣ୍ଡିପଦା ଅଞ୍ଚଳର ଆକର୍ଷଣୀୟ ଆଧ୍ୟାତ୍ମିକସ୍ଥଳ ଭାବେ ପରିଚିତ ହେବାରେ ଲାଗିଛି। ଛେଣ୍ଡିପଦା ବ୍ଲକ ମଣ୍ଡୁଆ ଘାଟି ଓ କଣିହାଁ ବ୍ଲକ ତାଳବାହାଳୀ ଆଶ୍ରମ ଅଞ୍ଚଳ ନିକଟ ହନୁମାନପୁର ପଞ୍ଚାୟତ ସାପକଟା ନିକଟ ମଣ୍ଡୁଆ ଗ୍ରାମ ପାହାଡ଼ ନିକଟରେ ଟିକିରା ନଦୀକୂଳକୁ ଲାଗି ଏହି ଆଶ୍ରମ ଗଢ଼ିଉଠିଛି। ଏଠାରେ ପ୍ରଭୁ ଶ୍ରୀରାମ, ଶ୍ରୀହନୁମାନ, ମହାଦେବ ଓ ମା' ଦୁର୍ଗାଙ୍କ ମନ୍ଦିର ନିର୍ମାଣ ଚାଲିଛି। ବିଗ୍ରହ ସ୍ଥାପନ ସହ ମନ୍ଦିର ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଥିବା ବେଳେ ଏହା ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ଦୁଇ ବର୍ଷ ସମୟ ଲାଗିବ ବୋଲି ଆଶା କରାଯାଉଛି। ଆଶ୍ରମ ମୁଖ୍ୟ ବ୍ରହ୍ମଚାରୀ ବାବା ଚିତ୍ରସେନ ଦାସ ମହାରାଜଙ୍କ ନିଷ୍ଠା, ସାଧନା ଓ ଉଦ୍ୟମରେ ଏହି ସ୍ଥାନ ଧୀରେଧୀରେ ଏକ ଆଧ୍ୟାତ୍ମିକ ପରିବେଶର ରୂପ ନେଉଛି। ବିଭିନ୍ନ ପର୍ବପର୍ବାଣିରେ ଏଠାରେ ହୋମଯଜ୍ଞ ଓ ଧାର୍ମିକ କାର୍ଯ୍ୟକ୍ରମ ହୋଇଥାଏ। ଦୂରଦୂରାନ୍ତରୁ ସାଧୁସନ୍ଥ ଓ ଭକ୍ତମାନଙ୍କ ଆଗମନ ମଧ୍ୟ ଲାଗି ରହିଥାଏ। ଭକ୍ତମାନଙ୍କ ମଧ୍ୟରେ ଏହି ସ୍ଥାନକୁ ନେଇ ଗଭୀର ଆସ୍ଥା ରହିଥିବା ବେଳେ ମନସ୍କାମନା ପୂରଣ ପାଇଁ ଅନେକ ଶ୍ରଦ୍ଧାଳୁ ଏଠାକୁ ଆସନ୍ତି। ବିଶେଷକରି ଶୀତଋତୁରେ ଏହି ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଅଧିକ ମନୋରମ ହୋଇଉଠେ। ନଭେମ୍ବରରୁ ଜାନୁଆରୀ ମଧ୍ୟରେ ଶୀତୁଆ ସକାଳରେ ପାହାଡ଼ ଓ ନଦୀକୂଳର ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ବେଳେ ବିଭିନ୍ନ ସ୍ଥାନରୁ ଲୋକେ ଏଠାକୁ ଆସି ବଣଭୋଜି କରିବା ସହ ପ୍ରକୃତିର ମଜା ନେଇଥାନ୍ତି। ଗ୍ରୀଷ୍ମ, ବର୍ଷା ଓ ଶୀତ ତିନି ଋତୁରେ ଏହି ସ୍ଥାନର ଭିନ୍ନ ଭିନ୍ନ ପ୍ରାକୃତିକ ରୂପ ଦେଖିବାକୁ ମିଳେ। ପ୍ରକୃତି ଓ ଆଧ୍ୟାତ୍ମିକତାର ଏହି ଅନନ୍ୟ ସମାହାରକୁ ଦୃଷ୍ଟିରେ ରଖି ଗଙ୍ଗାଧାମ ଆଶ୍ରମକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମହଲରୁ ଦାବି ଉଠିଛି। ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଏହି ସ୍ଥାନର ସମ୍ଭାବନାକୁ ଗୁରୁତ୍ୱର ସହ ବିଚାର କରି ଆବଶ୍ୟକ ଭିତ୍ତିଭୂମିର ବିକାଶ କଲେ, ଆଗାମୀ ଦିନରେ ଏହା କଣିହାଁ-ଛେଣ୍ଡିପଦା ଅଞ୍ଚଳର ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ଗଙ୍ଗା ଧାମ ଆଶ୍ରମରେ ମଣ୍ଡୁଆ ଗ୍ରାମର ଯୁବ ସାମାଜିକ କର୍ମୀ ହିମାଂଶୁ ରାଉତ, ଇନ୍ଦ୍ରମଣି ସାହୁ, ସୁନୀଲ ସାହୁ, ମାନସ ରାଉତ, ଦିଲୀପ ବେହେରା, ରଞ୍ଜନ ରାଉତ ସମେତ ଗ୍ରାମର ଅନେକ ଯୁବକଙ୍କ ସହଯୋଗରେ ଆଶ୍ରମ କାର୍ଯ୍ୟ ଆଗେଇ ଚିଲିଥିବା ଜଣାପଡ଼ିଛି।

# ସଂରକ୍ଷିତ ଜଙ୍ଗଲରୁ ହାତୀ କଙ୍କାଳ ଉଦ୍ଧାର

■ ମୃତ୍ୟୁର କାରଣ ଅସ୍ପଷ୍ଟ; ବ୍ୟବଚ୍ଛେଦ ପରେ ନମୁନା ସଂଗ୍ରହ

କାମାକ୍ଷାନଗର/ପରଜଙ୍ଗ,୧୦।୮ (ସମିସ): କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ୍ ରେଞ୍ଜ ଅନନ୍ତପୁର ସଂରକ୍ଷିତ ଜଙ୍ଗଲରୁ ସୋମବାର ଏକ ହାତୀ କଙ୍କାଳ ଉଦ୍ଧାର ହୋଇଛି। ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଏ ନେଇ ବନ ବିଭାଗ ତଦନ୍ତ ଆରମ୍ଭ କରିଛି। ଅନୁଗୁଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୟ କୁମାର ସ୍ୱାଇଁ ଓ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପରେ କଙ୍କଡ଼ାହାଡ଼ ପ୍ରାଣୀ ଚିକିତ୍ସା ବିଭାଗର ଏକ ଟିମ୍ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ବ୍ୟବଚ୍ଛେଦ ସମୟରେ ଆବଶ୍ୟକ ନମୁନା ସଂଗ୍ରହ କରାଯାଇଛି। ସେଗୁଡ଼ିକୁ ପରୀକ୍ଷା ପାଇଁ ପଠାଯିବ। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରେ ବୋଲି କୁହାଯାଇଛି। ବ୍ୟବଚ୍ଛେଦ ପରେ କଙ୍କାଳକୁ ପୋତି ଦିଆଯାଇଛି। ମୃତ ହାତୀର ବୟସ ଆନୁମାନିକ ୬ରୁ ୭ ବର୍ଷ ବୋଲି ଅନୁମାନ କରାଯାଇଛି। ତେବେ ହାତୀଟି ପୁରୁଷ କି ମାଈ ତାହା ତୁରନ୍ତ ଜଣାପଡ଼ିନାହିଁ। ଏ ସଂକ୍ରାନ୍ତରେ ଶ୍ରୀ ବନ ସଂରକ୍ଷକ ସ୍ୱାଇଁ କହିଛନ୍ତି ହାତୀ ମୃତର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବନ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛି। କୌଣସି ବ୍ୟକ୍ତି ଯଦି ହାତୀ ମୃତ୍ୟୁ ମାମଲାରେ ସମ୍ପୃକ୍ତ ଥିବେ ତେବେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହାତୀ ମୃତ୍ୟୁ ସମ୍ବନ୍ଧରେ କୌଣସି ବ୍ୟକ୍ତି ତଥ୍ୟ ଦେଲେ ବିଭାଗ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି।

# କନ୍ଧରା ଆଦର୍ଶ ବିଦ୍ୟାଳୟରେ ପୁଣି ଛାତ୍ର ଆନ୍ଦୋଳନ

● ପ୍ରିନ୍ସିପାଲଙ୍କ ବଦଳି ଦାବିରେ ଧାରଣା

କଙ୍କଡ଼ାହାଡ,୧୦।୮ (ସମିସ): କଙ୍କଡ଼ାହାଡ଼ ବ୍ଲକ କନ୍ଧରା ଆଦର୍ଶ ବିଦ୍ୟାଳୟରେ ପୁଣି ଛାତ୍ର ଆନ୍ଦୋଳନ। ବିଦ୍ୟାଳୟରେ ଅନିୟମିତତା ଓ ବିଭିନ୍ନ ସମସ୍ୟା ନେଇ ପ୍ରିନ୍ସିପାଲ ବଦଳି ଦାବିରେ ଛାତ୍ରଛାତ୍ରୀ ଧାରଣା ଦେଇଛନ୍ତି। ଘଟଣାସ୍ଥଳରେ ବିଡିଓ ଓ ତହସିଲଦାର ପହଞ୍ଚି ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ସମସ୍ୟା ସମାଧାନ ନେଇ ବୁଝାସୁଝା କରାଯାଇଥିଲେ ମଧ୍ୟ କିଛି ଛାତ୍ରଛାତ୍ରୀ ଦାବିରେ ଅଡ଼ି ରହି ଧାରଣା ଜାରି ରଖିଛନ୍ତି। ଛାତ୍ରଛାତ୍ରୀଙ୍କ ମୁଖ୍ୟ ଦାବି ହେଉଛି ବିଦ୍ୟାଳୟରେ ଥିବା ସମସ୍ୟା ଓ ଅନିୟମିତତାର ସମାଧାନ କରାଯାଉ ଏବଂ ପ୍ରିନ୍ସିପାଲଙ୍କ ବଦଳି କରାଯାଉ। ଏହି ଘଟଣାକୁ ନେଇ ପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ ଅଭିଭାବକମାନଙ୍କୁ ଡାକି ଏକ ଆଲୋଚନା ବୈଠକ କରାଯିବ। ସେଠାରେ ବିଦ୍ୟାଳୟର ସମସ୍ୟା, ଛାତ୍ରଛାତ୍ରୀଙ୍କ ଅଭିଯୋଗ ଓ ଅଭିଭାବକଙ୍କ ମତାମତ ଉପରେ ଆଲୋଚନା କରାଯିବ। ତେବେ ପ୍ରଶ୍ନ ଉଠୁଛି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅଭିଯୋଗର ସମାଧାନ କେବେ, ପ୍ରିନ୍ସିପାଲଙ୍କ ବଦଳି ଦାବି ଉପରେ ପ୍ରଶାସନ କି ପଦକ୍ଷେପ ଓ ଆଲୋଚନା ପରେ ସମସ୍ୟାର ସ୍ଥାୟୀ ସମାଧାନ ବାହାରିବ କି ନାହିଁ ବୋଲି ପ୍ରଶ୍ନ କରିଛନ୍ତି।

# ଟ୍ରେନ୍‌ରୁ ପଡ଼ି ଯୁବ ଇଞ୍ଜିନିୟର ମୃତ



ହିନ୍ଦୋଳ,୧୦।୮ (ସମିସ): ଟ୍ରେନ୍‌ରୁ ଖସିପଡ଼ି ଜଣେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଉଁଶପୋଖରୀ ପଞ୍ଚାୟତ ଡିହସାହି ଗ୍ରାମର ଜିତେନ୍ଦ୍ର ବେହେରାଙ୍କ ପୁଅ ଶକ୍ତିପ୍ରସାଦ ବେହେରା (୨୧)। ଶକ୍ତିପ୍ରସାଦ ଚେନ୍ନଇରୁ ଗ୍ରାମକୁ ଅମୃତଭାରତ ଟ୍ରେନ ଯୋଗେ ଫେରୁଥିବା ବେଳେ ବ୍ରହ୍ମପୁର ରେଳ ଷ୍ଟେସନ ନିକଟରେ ଟ୍ରେନରୁ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ନିଜ ଗ୍ରାମ ଡିହସାହିରେ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବଜ୍ରପାତରେ ଦୁଇ ଭଉଣୀ ଗୁରୁତର

ପରଜଙ୍ଗ,୧୦।୮ (ସମିସ): ପରଜଙ୍ଗ ବ୍ଲକ କୁମୁସୀ ଗ୍ରାମରେ ସୋମବାର ବଜ୍ରପାତରେ ସମ୍ପର୍କୀୟ ଦୁଇ ଭଉଣୀ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଗ୍ରାମର ଗୋକୁଳାନନ୍ଦ ଦେହୁରୀଙ୍କ ଝିଅ କାଜଲ ଦେହୁରୀ (୧୯) ଏବଂ ତ୍ରିଲୋଚନ ଦେହୁରୀଙ୍କ ଝିଅ ରୀନା ଦେହୁରୀ (୨୦)। ଜେଜେମାଙ୍କ ମୃତ୍ୟୁଭୋଜି ଚାଲିଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ଉଭୟ ଗୁରୁତତ ହୋଇଥିଲେ। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ଅଟୋ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ଗଁଦିଆରେ କାୟା ମେଲାଉଛି କାମଳ ରୋଗ

ଗଁଦିଆ,୧୦।୮ (ସମିସ): ଗଁଦିଆ ବ୍ଲକରେ ବର୍ତ୍ତମାନ କାୟା ମେଲାଉଛି କାମଳ (ଜଣ୍ଡିସ) ରୋଗ। ବିଶେଷ କରି ଛୋଟ ପିଲାଙ୍କଠାରେ ଏହାର ଲକ୍ଷଣ ଦେଖିବାକୁ ମିଳୁଛି। ୩ରୁ ୧୦ବର୍ଷ ପର୍ଯ୍ୟନ୍ତ ପିଲାଙ୍କଠାରେ ଏହି ରୋଗ ଦେଖିବାକୁ ମିଳୁଛି। ବ୍ଲକର ୨୭ ପଞ୍ଚାୟତ ସମେତ ଗଁଦିଆ ଏନ୍‌ଏସିର ବିଭଇନ୍ନ ଗ୍ରାମ ଓ ୱାର୍ଡରେ ଏହି ରୋଗ ବ୍ୟାପିବାରେ ଲାଗିଛି। ପ୍ରତିଦିନ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆକ୍ରାନ୍ତଙ୍କ ଲମ୍ବାଧାଡ଼ି ଲାଗୁଛି। ଏହି ରୋଗ ବ୍ୟାପିବାର ମୁଖ୍ୟ କାରଣ ହେଉଛି ସ୍ୱାସ୍ଥ୍ୟ ସଚେତନତା ଅଭାବ। ଗ୍ରାମାଞ୍ଚଳରୁ ଆରମ୍ଭ କରି ନିପଟ ମଫସଲ ଅଞ୍ଚଳଗୁଡ଼ିକରେ ଯେପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ସଚେତନତା ବ୍ୟାପକ ହୋଇପାରିବ ସେଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଆରୋଗ୍ୟ କେନ୍ଦ୍ର ଖୋଲିବା ସହ ପ୍ରତି ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ଓ ଆଶାକର୍ମୀ ନିଯୁକ୍ତ କରିଥିଲେ ସୁଦ୍ଧା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏପରି ଅବହେଳା କର୍ମଚାରୀମାନଙ୍କ କାର୍ଯ୍ୟ କରିବାର ଇଚ୍ଛାଶକ୍ତି ଅଭାବକୁ ଦର୍ଶାଉଛି।

## କୂଳ ଖାଉଛି ରାମିଆଳ

# ବିପଦରେ ନଦୀକୂଳିଆ ଗାଁ, ମନ୍ଦିର ଓ ଚାଷଜମି

କାମାକ୍ଷାନଗର,୧୦।୮ (ସମିସ)



ବର୍ଷାଦିନ ଆସିଲେ ରାମିଆଳ ନଦୀକୂଳରେ ଅବସ୍ଥିତ ଗ୍ରାମବାସୀ ଭୟରେ କାଳାତିପାତ କରୁଛନ୍ତି। ଲଗାଣ ବର୍ଷା ସହ ବୃଦ୍ଧି ପାଉଥିବା ନଦୀର ଜଳସ୍ତରକୁ ଦେଖିଲେ ଗାଁ ଲୋକଙ୍କ ଛାତିରେ ପଶୁଛି ଛନକା। ଆଉ ଏହି ଭୟର କାରଣ ସାଜିଛି ରାମିଆଳ ନଦୀର କରାଳ ରୂପ। ଲଗାଣ ବର୍ଷାରେ ନଦୀର ଉଭୟ ପାର୍ଶ୍ୱର୍ରେ ନଦୀ କୂଳ ଖାଉଥିବାରୁ ବିପଦରେ ନଦୀକୂଳିଆ ଗାଁ ଲୋକେ।

କାମାକ୍ଷାନଗର ଉପଖଣ୍ଡର ଜନସାଧାରଣଙ୍କ ଲାଇଫ ଲାଇନ ହେଉଛି ରାମିଆଳ ନଦୀ। ଦଣ୍ଡାଧର ଡ୍ୟାମରୁ ବାହାରି ଭୁବନ ବ୍ଲକ ମାର୍ଥାପୁର ନିକଟରେ ବ୍ରାହ୍ମଣୀନଦୀରେ ମିଶିଥିବା ଏହି ନଦୀ ଉପରେ ଉପଖଣ୍ଡର ଅନେକ ଅଞ୍ଚଳ ନିର୍ଭରଶୀଳ। କିନ୍ତୁ ଏବେ ପ୍ରାକୃତିକ ଅସନ୍ତୁଳନ ଓ ପ୍ରତ୍ୟେକ ବର୍ଷ ନଦୀରେ ବନ୍ୟାଜଳ ଆସିବାରୁ କୂଳ ଖାଉଛି ରାମିଆଳ। ଯାହାକୁ ନେଇ ନଦୀ ଅବବାହିକାରେ ବାସ କରୁଥିବା ବହୁ ଗ୍ରାମର ଲୋକେ ଏବେ ଭୟଭୀତ। ଚଳିତ ଲଘୁଚାପ ଜନିତ ଲଗାଣ ବର୍ଷାରେ ରାମିଆଳ ନଦୀକୂଳରେ ଥିବା କାମାକ୍ଷାନଗର ବ୍ଲକର ରେକୁଳା, କନ୍ଦରସିଙ୍ଗା, ସାରୁଆଳି, ଜଗନ୍ନାଥପୁର, ବାଇସିଙ୍ଗା, ବାଲିଗୋରଡ଼, ଇନ୍ଦିପୁର ପ୍ରଭୃତି ଗ୍ରାମ ନିକଟରେ ନଦୀ କୂଳ ଖାଉଛି। ଫଳରେ ନଦୀର ଉଭୟ ପାର୍ଶ୍ୱର୍ରେ ପ୍ରାୟ ୫୦ ଫୁଟ ଲେଖାଏଁ ଅତଡ଼ା ଖସିବା ସହ ନଦୀପଠାରେ ଥିବା ଚାଷଜମିକୁ ମାଡ଼ିଗଲାଣି ନଦୀ। ବନ୍ୟା ଆସିଲେ ନଦୀ ଜଳସ୍ତର ବୃଦ୍ଧି ପାଉଥିବା ବେଳେ କୂଳଲଙ୍ଘିବା ଯୋଗୁଁ ଏହିସବୁ ଗ୍ରାମର ଏକର ଏକର ଚାଷଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହେବାରେ ଲାଗିଛି। ଯାହାକୁ ନେଇ ନଦୀକୂଳିଆ ଗାଁ ଲୋକେ ଏବେ ଭୟ ଓ ଆଶଙ୍କାରେ କାଳାତିପାତ କରୁଛନ୍ତି। ଲଗାଣବର୍ଷା ଫଳରେ ପ୍ରଖର ସ୍ରୋତ ଓ ନଦୀକୂଳର ମାଟି ଦୁର୍ବଳ ହୋଇ ପ୍ରତ୍ୟେକ ବର୍ଷ କୂଳ ଖାଇଚାଲିଛି ରାମିଆଳ ନଦୀ। ତେବେ ନଦୀର ଏହି କୁଳ କ୍ଷୟ କେବଳ ଚାଷଜମିକୁ ଗିଳୁନାହିଁ, ବରଂ ଅନେକ ନଦୀକୁଳିଆ ଗ୍ରାମର ଅସ୍ତିତ୍ୱକୁ ମଧ୍ୟ ବିପଦରେ ପକାଇଛି। ରାମିଆଳ ନଦୀ କୁଳରେ ଥିବା ବହୁ ପୁରାତନ ରାମେଶ୍ୱର ମନ୍ଦିର ମଧ୍ୟ ଏବେ କୁଳକ୍ଷୟ ଯୋଗୁ ନଦୀ ଗର୍ଭରେ ଲୀନ ହୋଇଯିବା ପରିସ୍ଥିତିରେ। ମନ୍ଦିର ଠାରୁ ନଦୀର ଦୂରତା ମାତ୍ର କୋଡିଏ ମିଟର ଥିବାବେଳେ ବର୍ଷା ଦିନେ ନଦୀର ଏପରି ସ୍ଥିତିକୁ ନେଇ ମନ୍ଦିରର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଆଗାମୀ ସମୟରେ ନଦୀ ଏଭଳି କୁଳ ଖାଇଚାଲେ ତେବେ ଦିନେ ନା ଦିନେ ନଦୀକୁଳରେ ଥିବା ଗାଁ, ଚାଷଜମି, ଓ ବହୁ ପୁରାତନ ରାମେଶ୍ୱର ମନ୍ଦିର ନଦୀ ଗର୍ଭରେ ଲୀନ ହୋଇଯିବା ନେଇ ସ୍ଥାନୀୟ ବାସିନ୍ଦା ଆଶଙ୍କା କରିଛନ୍ତି। ତେବେ ଏହି ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ସରକାର ତଥା ସ୍ଥାନୀୟ ପ୍ରଶାସନ ତୁରନ୍ତ ନଦୀବନ୍ଧର ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ହିନ୍ଦୋଳରେ ଜିଲ୍ଲାପାଳଙ୍କ ଜନଶୁଣାଣି



ଖଜୁରିଆକଟା,୧୦।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ବ୍ଲକ ପ୍ରଶାସନ ତତ୍ତ୍ୱାବଧାନରେ ବିଜୁ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣୀ ଶିବିରରେ ସର୍ବମୋଟ ୫୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୪୬ଟି,ଗ୍ରାମସମସ୍ୟା ଜନିତ ୫ଟି,ମୁଖ୍ୟମନ୍ତ୍ରୀ ରିଲିଫଫଣ୍ଡ ୪ଟି,ରେଡ଼କ୍ରସ ୧ଟି ହୋଇଥିବାବେଳେ ତୁରନ୍ତ ୧୨ଟି ଅଭିଯୋଗ ସମାଧାନ କରାଯାଇଥିଲା। ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନାକର, ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠି, ବିଡ଼ିଓ କଲ୍ୟାଣ ସୌରଭ ଦାସ, ଜିଲ୍ଲା ଡ଼ିଏଫଓ, ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ସମସ୍ତ ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ତେବେ ପୂର୍ବରୁ ଡାକବାଜି ଯନ୍ତ୍ରଦ୍ୱାରା ଜନସାଧାରଣଙ୍କୁ ଅବଗତ କରାଯାଉଥିବା ବେଳେ ବର୍ତ୍ତମାନ ସେସବୁ ବନ୍ଦ ହେବା,ପ୍ରଶାସନ ପକ୍ଷରୁ ଗଣମାଧ୍ୟମ କିମ୍ବା ଜନସାଧାରଣଙ୍କୁ ସଠିକ ସୂଚନା ପ୍ରଦାନ କରାଯାଉନଥିବାରୁ ଗ୍ରାମାଞ୍ଚଳ ସହିତ ଅନେକ ଜନସାଧାରଣ ଏହି ଶିବିର ସମ୍ପର୍କରେ ଜାଣି ନପାରି ଶିବିରକୁ ଆସି ପାରୁନଥିବା କାରଣରୁ ଅଭିଯୋଗ ସଂଖ୍ୟା ସୀମିତ ରହୁଥିବା ଦେଖାଯାଉଛି ଯାହାକୁ ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ଓ ନୈରାଶ୍ୟ ସୃଷ୍ଟି କରୁଛି। ସେଥିପାଇଁ ପ୍ରଶାସନ ପକ୍ଷରୁ ସଠିକ ସୂଚନା ପ୍ରଦାନପାଇଁ ଜନସାଧାରଣ ଅନୁରୋଧ କରିଛନ୍ତି।

# ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ କମିଟିର ନୂତନ କର୍ମକର୍ତ୍ତା



ଢେଙ୍କାନାଳ,୧୦।୮ (ସମିସ): ସ୍ଥାନୀୟ ମୀନାବଜାର ଶ୍ରୀଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ବାର୍ଷିକ ଅଧିବେଶନ ଅଧ୍ୟକ୍ଷ ଲଳିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପୂଜା ପ୍ରତିଷ୍ଠାନର ମନ୍ଦିର ନିର୍ମାଣ ଅଗ୍ରଗତି, ଟ୍ରଷ୍ଟ ଓ କମିଟିର ଆୟବ୍ୟୟ ତଥା ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଅଧ୍ୟକ୍ଷଙ୍କ ବ୍ୟତୀତ ଉକ୍ତ ସଭାରେ ଟ୍ରଷ୍ଟ ବୋର୍ଡ ସଂପାଦକ ପ୍ରଫୁଲ୍ଲ କୁମାର ବେହେରା, କୋଷାଧ୍ୟକ୍ଷ ଲୋକନାଥ ମହାପାତ୍ର, ଟ୍ରଷ୍ଟି କୃଷ୍ଣଚନ୍ଦ୍ର ଦେବତା, ପୂଜା କମିଟି ଉପଦେଷ୍ଟା କେଶପର ରାଓ ତଥା ପ୍ରତିଷ୍ଠାର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ଲକ୍ଷ୍ମୀପୂଜା ପାଳନ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇ ୨୫ ଲକ୍ଷ ଟଙ୍କାର ଏକ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା। ଚଳିତ ବର୍ଷ ନିମନ୍ତେ ପୂଜା ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉପଦେଷ୍ଟା କମିଟିରେ ସୂର୍ଯ୍ୟନାରାୟଣ ଦେବତା, ଅଶୋକ କୁମାର ଦାଶ, କେଶପର ରାଓ ଓ ଆଇନ୍ ପରାମର୍ଶଦାତା ଭାବେ ବେଣୁଧର ସାହୁ ରହିଛନ୍ତି। ସଭାପତି ଭାବେ ରବିନାରାୟଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ନିରୋଦ କୁମାର ସାହୁ, ସଂପାଦକ ପିତବାସ ସାହୁ, କୋଷାଧ୍ୟକ୍ଷ ଦୟାନିଧି ବେହେରା, ସହ-କୋଷାଧ୍ୟକ୍ଷ ଭାବେ ବିରଞ୍ଚି ରଣାଙ୍କୁ ଚୟନ କରାଯାଇଥିଲା। ଉପସଭାପତି ଭାବେ ଉଦୟ ନାଥ ବେହେରା, ସୁଧାଂଶୁ ସାହୁ, ସାଇ ପ୍ରସାଦ, ଛବିନାରାୟଣ ରାଉତ, ପ୍ରଶାନ୍ତ ମିଶ୍ର, ବିରବର ସାହୁ, ପ୍ରଫୁଲ୍ଲ ସାହୁ, ରିୟାଜ ଅଲ୍ଲୀ, ଶ୍ରୀକାନ୍ତ ମହାପାତ୍ର, ପ୍ରଦୀପ ସାହୁ ଓ ଜିତେନ୍ଦ୍ର ମହାପାତ୍ରଙ୍କୁ ଚୟନ କରାଯାଇଥିଲା। ସହ-ସମ୍ପାଦକ ଭାବେ ଦିଲ୍ଲୀପ କୁମାର ସାହୁ, ଅନିଲ୍ ମହାପାତ୍ର, ପ୍ରଭାତ ଦଲେଇ, ଦୀପକ ରଣା, ରାଜେଶ ବେହେରା, ଚିନ୍ମୟ ବେହେରା, ତୁଷାର ମହାପାତ୍ର, ସମୀର ପଟ୍ଟନାୟକ, ରବିନ୍ଦ୍ର ରାଉଳ, ପ୍ରକାଶ ମହାନ୍ତି, ଚନ୍ଦନ ପାତ୍ର, ବରକତ୍ ଅଲ୍ଲୀ, ମନୋରଞ୍ଜନ ମହାରଣାଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକାରୀ କମିଟିରେ ତାପସ ପାତ୍ର, ସମରଜିତ୍, ଆୟୁଷ ଦେବତା, ଇଗୁଲ୍, ଟିଲ୍ଲା, ମିଲା, ବିଲା ଓ ଆୟୁଷ୍ମାନ୍ ପ୍ରମୁଖ ସ୍ଥାନ ପାଇଛନ୍ତି।

# ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚାର ବିକ୍ଷୋଭ

ଢେଙ୍କାନାଳ,୧୦।୮ (ସମିସ): ସ୍ଥାନୀୟ ଟାଉନ୍‌ହଲ୍‌ଠାରୁ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ୍ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ପ୍ରତିବାଦ ସଭାରେ ସର୍ବଜ୍ଞ ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଏଆଇଟିୟୁସି ଜିଲ୍ଲା ସଭାପତି ରବି ରଥ, ହରପ୍ରିୟା ସ୍ୱାଇଁ, ଶିବରାମ ସାହୁ ଶ୍ରୀଧର ମଲ୍ଲିକ, ଅଯୋଧ୍ୟା ସାହୁ, ସରୋଜ ଶତପଥୀ, ବିପ୍ରବର ସାହୁ, ପ୍ରଫୁଲ୍ଲ କୁମାର ନାଏକ, ସୁଜାତା ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଉପରେ ବକ୍ତବ୍ୟ ରଖି ନୂତନ ଶ୍ରମକୋର୍ଡ ବାତିଲ, ଦୈନିକ ୮ଘଣ୍ଟା କାର୍ଯ୍ୟ ଦିବସ, ସ୍କିମ୍ ୱାର୍ଡର ଯଥା-ଅଙ୍ଗନୱାଡି, ଆଶା ପାଚିକାମାନଙ୍କୁ ୱାର୍ଡର ମାନ୍ୟତା ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ମାସିକ ପେନ୍‌ସନ୍ ୧୦ ହଜାର ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ, ବୈଦେଶିକ ଚୁକ୍ତି ପ୍ରତ୍ୟାହର, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ, ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ମନରେଗା ଯୋଜନାରେ ଦୈନିକ ମଜୁରୀ ୭୦୦ ଟଙ୍କା, ଦର୍‌ଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପ୍ରଭୃତି ପ୍ରତି ବିଭିନ୍ନ ଦାବୀ ଉପସ୍ଥାପନ କରାଯାଇଥିଲା। କେନ୍ଦ୍ର ସରକାର ଯଦି ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି, ତେବେ ଆଗାମୀ ଦିନରେ ବ୍ୟାପକ ଭାବେ ଆନ୍ଦୋଳନ ସଂଗଠିତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।



# ଦ୍ୱିତୀୟ ଦିନରେ ଛ'ଦେଶ ବିକାଶ ପରିଷଦର ଧାରଣା



ଢେଙ୍କାନାଳ,୧୦।୮ (ସମିସ): ଢେଙ୍କାନାଳ ଜିଲ୍ଲା ଭାପୁରଠାରେ ଛଦେଶ ବିକାଶ ପରିଷଦ ପକ୍ଷରୁ ୧୦ ଦଫା ଦାବି ନେଇ ଅହୋରାତ୍ର ଧାରଣାର ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଛଦେଶ ଅଞ୍ଚଳଟି ସଦର ବ୍ଲକର ୮ ଗୋଟି ପଞ୍ଚାୟତ ସେଗୁଡ଼ିକ ହେଲା - ଭାପୁର, କାକୁଡିଭାଗ, ମଧୁସାହୁପାଟଣା, ଚନ୍ଦ୍ରଶେଖରପ୍ରସାଦ, ବାଲ୍ୟାମ୍ବା, ଧୀରପାଟଣା, ଶଙ୍କରପୁର,ଭାଲିଆ ବୋଲକାଟେଣୀ ଏବଂ ଓଡାପଡା ବ୍ଲକର ୪ଗୋଟି ପଞ୍ଚାୟତ ଘଟିପିରି, କଳାଙ୍ଗ, କୋତମ,ଗୋବିନ୍ଦପ୍ରସାଦକୁ ନେଇ ଛଦେଶ ଅଞ୍ଚଳ ଗଠିତ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବିଦ୍ୟୁତ ଆଦି ସବୁ କ୍ଷେତ୍ରରେ ଅବହେଳିତ ହୋଇ ପଡ଼ିଛି, ବହୁବାର ଅଞ୍ଚଳବାସୀଙ୍କ ପକ୍ଷରୁ ନ୍ୟାର୍ଯ୍ୟ ଦାବୀଗୁଡ଼ିକ ପ୍ରଶାସନିକ, ନେତା, ମନ୍ତ୍ରୀ ପର୍ଯ୍ୟନ୍ତ ପହଞ୍ଚିଛି। କିନ୍ତୁ କେହି ଭ୍ରୂକ୍ଷେପ କରିନାହାନ୍ତି। ଗତ ଫେବୃଆରୀ ୧୮ ତାରିଖରେ ଗଣତାନ୍ତ୍ରିକ ଭାବେ ଶାନ୍ତିପୂର୍ଣ୍ଣ ସମ୍ପୂର୍ଣ୍ଣ ଛଦେଶ ବନ୍ଦ ଡାକରା ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ପ୍ରତିଶୃତି ଦେଇଥିଲେ। ଏହା ମଧ୍ୟରେ ୬ମାସ ବିତି ଯାଇଥିଲେ ମଧ୍ୟ ଗୋଟିଏ ହେଲେ ଦାବୀ ପୂରଣ ହୋଇ ପାରିଲାନାହିଁ। ଏହା ମଧ୍ୟରେ ସାପୁଆ ନଦୀରେ ଭୟଙ୍କର ବନ୍ୟା ଆସି ପୂରା ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ କରିଦେଇ ଛଦେଶ ଅଞ୍ଚଳର ବହୁ କ୍ଷୟକ୍ଷତି ହୋଇଥିଲା ବେଳେ ଆବଶ୍ୟକ କ୍ଷତିପୂରଣ ମିଳିପାରି ନାହିଁ। ଦାବିଗୁଡ଼ିକ ମଧ୍ୟରେ ଛଦେଶ ବ୍ଲକ ଗଠନ, ବିଜୁଳି ସମସ୍ୟାର ସ୍ଥାୟୀ ସମାଧାନ , ଭାପୁର ତଥା ଅନ୍ୟ ମେଡିକାଲ ଗୁଡ଼ିକରେ ଡାକ୍ତର ଷ୍ଟାଫ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ, ଭାପୁର ଫାଣ୍ଡିକୁ ଥାନା, ସାପୁଆ ନଦୀର ପୁରୁଦ୍ଧାର ,ଶଙ୍କରପୁର କୋତମ ରାସ୍ତା ମରାମତି , ଭତାଧାରୀଙ୍କ ଭତା ଟଙ୍କା ତୁରନ୍ତ ଯୋଗାଣ, ଉପଯୁକ୍ତ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଣ ,ଦମକଳ କେନ୍ଦ୍ର , ଭାପୁରରେ ଏକ ବାଳିକା ଉଚ୍ଚ ବିଦ୍ୟାଳୟ ପାଇଁ ଦାବୀ କରାଯାଇଛି। ଏହି ୧୦ ଦଫା ଦାବିରେ ଛଦେଶ ବିକାଶ ପରିଷଦ ପକ୍ଷରୁ କ୍ରାନ୍ତି ଦିବସ ଠାରୁ ଅହୋରାତ୍ର ଧାରଣା ଦିଆଯାଇଛି। ଧାରଣାର ଦ୍ୱିତୀୟ ଦିନରେ ଭାପୁର ଛଦେଶ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।


● ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

# ୧୫ ୱାର୍ଡରେ ୩ହଜାର ତ୍ରିରଙ୍ଗା ବଣ୍ଟନ



ଭୁବନ,୧୦।୮ (ସମିସ): ଭୁବନରେ ଏନଏସିରେ ସ୍ୱାଧିନତା ଦିବସକୁ ଆଡମ୍ବର ସହକାରେ ପାଳନ କରିବା ନିମନ୍ତେ ଏନଏସି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଶୁଭେନ୍ଦୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭୁବନ ଶିକ୍ଷକ ପରିଷଦର କର୍ମକର୍ତ୍ତାଙ୍କ ସହ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଭୁବନ ଥାନାଧିକାରୀ ଉପସ୍ଥିତ ରହି ନିଜ ନିଜର ମତ ପ୍ରକାଶ କରିଥିଲେ। ଆସନ୍ତା ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ'ହର ଘର ତିରଙ୍ଗା' ଅଭିଯାନ ଓ ସ୍ୱାଧିନତା ଦିବସ' ପାଳନ ଉପଲକ୍ଷେ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଏବଂ ସାଧାରଣ ଜନତାଙ୍କୁ ଏହି ଅଭିଯାନରେ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଦେବା ସହ ଭାରତୀୟ ଜାତୀୟ ପତାକା ସଂହିତା ଅନୁଯାୟୀ ସମସ୍ତେ ନିଜ ନିଜ ଘର, କାର୍ଯ୍ୟାଳୟ, ବସଷ୍ଟାଣ୍ଡ, ଦୋକାନ ବଜାର, ସରକାରୀ ଭବନ ତଥା ସହରର ପ୍ରମୁଖ ସ୍ଥାନଗୁଡ଼ିକୁ ତ୍ରିରଙ୍ଗା ପତାକା ଉତୋଳନ ଏବଂ ଆଲୋକମାଳରେ ସଜାଇବା ସହ 'ହର ଘର ତିରଙ୍ଗା'ର ସରକାରୀ ଜାତୀୟ ପତାକା ସହ କରିବା ପାଇଁ ଅନୁରୋଧ କରିଛନ୍ତି। ୧୫ ଅଗଷ୍ଟ ପୂର୍ବାହ୍ନ ୮ ଟା୩୦ ରେ ହାଇସ୍କୁଲ ଖେଳ ପଡିଆ ନିକଟ ପ୍ୟାରେଡ ପ୍ରାଙ୍ଗଣରେ ମୁଖ୍ୟ ଅତିଥଙ୍କ ଦ୍ୱାରା ତ୍ରିରଙ୍ଗା ପତାକା ଉତୋଳନ ପରେ ପ୍ୟାରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ରାଲି ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏତଦ ବ୍ୟତୀତ ସମସ୍ତ ଜନସାଧାରଣଙ୍କୁ ନେଇ ତ୍ରିରଙ୍ଗା ରାଲି ଆୟୋଜନ କରାଯିବ। ସେହିପରି ଏନଏସି ଅନ୍ତର୍ଗତ ୧୫ଟି ୱାର୍ଡରେ ୩ହଜାର ତ୍ରିରଙ୍ଗା ପତାକା ବଣ୍ଟନ କରାଯିବ ବୋଲି କାଉନସିଲ ବୈଠକରେ ପ୍ରକାଶ କହିଥିଲେ।

# ଖଙ୍କିରା ଗ୍ରାମରେ ବୁଲୁଛି ଦନ୍ତା, ଲୋକେ ଆତଙ୍କିତ



ଗଁଦିଆ,୧୦।୮ (ସମିସ): ଷଡଙ୍ଗୀ ରେଞ୍ଜ ଅନ୍ତର୍ଗତ ଖଙ୍କିରା ଗ୍ରାମରେ ଦିନ ୪ଟା ବେଳେ ଏକଦନ୍ତାହାତୀ ଆସି ଗ୍ରାମାଭିମୁଖି ହେଉଥିବା ବେଳେ ଗ୍ରାମବାସୀମାନେ ପାଟିତୁଣ୍ଡ କରିବାରୁ ତାରେଣୀ ମନ୍ଦିର ନିକଟସ୍ଥ ବିଲରେ ହାତୀଟି ପଶି ଧାନ ଗଛକୁ ନଷ୍ଟ କରିବାରେ ଲାଗିଛି। ବ୍ରାହ୍ମଣ ତଇଲା ନିକଟରେ ବନବିଭାଗ ତରଫରୁ ଛଡାଯାଇଥିବା ବାଟ ଦେଇ ଏହି ହାତୀ ଟି ପ୍ରବେଶ କରି ଏଭଳି ଭୟର ବାତାବରଣ ସୃଷ୍ଟି କରାଇ ଅଛି ବାରମ୍ବାର ଏହି ଟ୍ରେଞ୍ଚ ବ୍ରାହ୍ମଣ ତଇଲା ଅଞ୍ଚଳରେ ଖୋଳା ହୋଇ ନ ଥିବାରୁ ବାରମ୍ବାର ବର୍ଷସାରା ବିଭିନ୍ନ ସମୟରେ ନାନାଦି ଜିବଜନ୍ତୁ ପ୍ରବେଶ କରି ଚାଷୀଙ୍କ ନିଦ ହଜାଇ ଦେଉଛନ୍ତି। ଏଦିଗରେ ବହୁବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା ଯଥା ପୂର୍ବ ତଥା ପର ନ୍ୟାୟରେ ଶୁନ ଫଳ ମିଳିଛି। ଧାନ ସଂପ୍ରତି ଚାଷୀଙ୍କ କାହିଁ କେତେ କଷ୍ଟରେ ରୁଆ ହୋଇଥିବା ବେଳେ ଯଦି ଆଜିଠାରୁ ଧାନ ଏହିଭଳି ହାତୀ ମୁହଁରେ ଯିବ ତେବେ ଚାଷୀର ଆହାର ପାଇଁ କିଏ ଦାୟୀ ରହିବ। ଏ ନ୍ୟାୟରେ ଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀ ଚାଷୀଙ୍କ ସୁରକ୍ଷା ଓ ଲୋକଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

# କପିଳାସରେ ଲକ୍ଷାଧିକ କାଉଡ଼ିଆଙ୍କ ଜଳଲାଗି



ଗଁଦିଆ,୧୦।୮ (ସମିସ)

ପବିତ୍ର ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଉପଲକ୍ଷେ ଗଁଦିଆ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ତଥା 'ଓଡ଼ିଶାର କୈଳାସ' ଭାବେ ପରିଚିତ କପିଳାସରେ ଶିବଭକ୍ତଙ୍କ ଅପାର ଭିଡ଼ ଦେଖିବାକୁ ମିଳିଛି। ବାବା ଚନ୍ଦ୍ରଶେଖରଙ୍କ ଠାରେ ପବିତ୍ର ଜଳ ଲାଗି କରି ନିଜର ମାନସିକ ପୂରଣ କରିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ କାଉଡ଼ିଆଙ୍କ ସମାଗମ ହୋଇଥିଲା। ଶନିବାର ଠାରୁ ଆରମ୍ଭ କରି ରବିବାର ରାତି ପର୍ଯ୍ୟନ୍ତ କାଉଡ଼ିଆମାନେ କାନ୍ଧରେ ପାଣିଭାର ଧରି କପିଳାସ ଅଭିମୁଖେ ପଦଯାତ୍ରା କରିଥିଲେ। ଏହି ଯାତ୍ରାରେ ପୁରୁଷ ଓ ମହିଳାଙ୍କ ସମେତ ଛୋଟ ଛୋଟ ପିଲାମାନେ ମଧ୍ୟ ଅତ୍ୟନ୍ତ ଉତ୍ସାହର ସହିତ ସାମିଲ ଥିବା ଦେଖିବାକୁ ମିଳିଥିଲା। ରାସ୍ତାସାରା 'ହରେ ହରେ ବମ୍' ଓ 'ବୋଲ ବମ୍' ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କେବଳ ସ୍ଥାନୀୟ ଗଁଦିଆ, ଭୁବନ, କାମାକ୍ଷାନଗର, ଓଡାପଡ଼ା ଏବଂ ଢେଙ୍କାନାଳ ସଦର ଅଞ୍ଚଳରୁ ନୁହେଁ, ବରଂ ପଡୋଶୀ ଜିଲ୍ଲା ଯାଜପୁର, କଟକ, କେନ୍ଦୁଝର, ଅନୁଗୋଳ, କେନ୍ଦ୍ରାପଡ଼ା ଏବଂ ରାଜଧାନୀ ଭୁବନେଶ୍ୱରରୁ ଅଗଣିତ ଶ୍ରଦ୍ଧାଳୁ ଆସିଥିଲେ। ବିଶେଷକରି ରବିବାର ସକାଳଠାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଗଁଦିଆ-ଭୁବନ, ଗଁଦିଆ-ଚଡେଇଧରା, କପିଳାସ-ଟାଙ୍ଗୀ ଏବଂ ଢେଙ୍କାନାଳ-କପିଳାସ ରାସ୍ତାରେ କାଉଡ଼ିଆଙ୍କର ନାହିଁ ନଥିବା ଗହଳି ଲାଗି ରହିଥିଲା। ଦ୍ୱିତୀୟ ପାଳିର ଅତ୍ୟଧିକ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ଭୋର ୩:୩୦ ମିନିଟରୁ ମନ୍ଦିର ଦ୍ୱାର ଖୋଲାଯାଇ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଭକ୍ତମାନେ ଯେପରି ଶାନ୍ତିଶୃଙ୍ଖଳାର ସହ ବାବାଙ୍କ ଦର୍ଶନ ଏବଂ ଜଳ ଲାଗି କରିପାରିବେ। ସେଥିପାଇଁ ଦେବୋତର ବିଭାଗ ପକ୍ଷରୁ ସିଂହଦ୍ୱାରଠାରୁ ଲମ୍ବା ବ୍ୟାରିକେଡ୍ କରାଯାଇ ଧାଡ଼ି ଦର୍ଶନର ବ୍ୟବସ୍ଥା କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଭକ୍ତଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ମନ୍ଦିର ପରିସରରେ ଭକ୍ତଙ୍କର ପ୍ରବଳ ଭିଡ଼ ଲାଗି ରହିଥିଲା। ଦେବୋତର ବିଭାଗ ଓ ପୋଲିସର ମିଳିତ ଉଦ୍ୟମ ଯୋଗୁଁ ଲକ୍ଷାଧିକ ଭକ୍ତ ବିନା କୌଣସି ବାଧା ବିଘ୍ନରେ ବାବା ଚନ୍ଦ୍ରଶେଖରଙ୍କ ଦର୍ଶନ ଲାଭ କରିପାରିଛନ୍ତି।

# ସମ୍ପାଦକୀୟ



ଯେତେବେଳ ପର୍ଯ୍ୟନ୍ତ ତୁମ ନିଜ ଉପରେ ବିଶ୍ୱାସ ଆସିନାହିଁ ତୁମେ ଈଶ୍ୱରଙ୍କ ସତ୍ତା ଅନୁଭବ କରିପାରିବ ନାହିଁ।

-ବିବେକାନନ୍ଦ

ସକାଳ THE SAKALA

## ତରବରିଆ ନିଷ୍ପତ୍ତି କାହିଁକି?

ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ଓଡ଼ିଶାରେ ସ୍ନାତକ ଦ୍ୱିତୀୟ ବର୍ଷ(ଚତୁର୍ଥ ସେମିଷ୍ଟାର)ରେ 'ବୃତ୍ତିଗତ ପ୍ରଶିକ୍ଷଣ ଓ ଗୋଷ୍ଠୀ ସେବା କାର୍ଯ୍ୟକ୍ରମ'(ଇଣ୍ଟର୍ନସିପ୍ ଆଣ୍ଡ କମ୍ୟୁନିଟି ସର୍ଭିସ୍ ପ୍ରୋଗ୍ରାମ୍) ନାମରେ ୧୦୦ ନମ୍ବର ବିଶିଷ୍ଟ ଏକ ପାଠ୍ୟକ୍ରମ(ପ୍ରୟୋଗାତ୍ମକ) ସାମିଲ୍ କରାଯାଇଛି। ବିଜ୍ଞାନ, କଳା, ବାଣିଜ୍ୟ ଆଦି ସବୁବର୍ଗ ପାଇଁ ବାଧ୍ୟତାମୂଳକ ଥିବା ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବ୍ୟାବହାରିକ ଜ୍ଞାନ ଓ ସାମାଜିକ ଅଭିଜ୍ଞତା ହାସଲ ପାଇଁ ଉଚ୍ଚଶିକ୍ଷା ଦ୍ୱାରା ଧାର୍ଯ୍ୟ ୬ଟି କ୍ଷେତ୍ର ମଧ୍ୟରୁ ଯେକୌଣସି ଗୋଟିକରେ କ୍ରମାଗତ ୩୫ ଦିନ/୧୨୦ ଘଣ୍ଟା କିମ୍ବା ନିଜ ସୁବିଧା ଅନୁଯାୟୀ ୬ ମାସ କାର୍ଯ୍ୟ କରି ରିପୋର୍ଟ ପ୍ରସ୍ତୁତ କରିବେ। ରିପୋର୍ଟ ଆଧାରରେ ସେମାନଙ୍କୁ ୪ ଆକାଡେମିକ୍ କ୍ରେଡିଟ୍ ପଏଣ୍ଟ ମିଳିବ, ଯାହା ମୋଟ ପରୀକ୍ଷା ନମ୍ବରରେ ସାମିଲ୍ ହୋଇ ଗ୍ରେଡ୍ କିମ୍ବା ଡିଭିଜନ୍ ପାଇବାରେ ସହାୟକ ହେବ।

ଛାତ୍ରଛାତ୍ରୀମାନେ ଇଣ୍ଟର୍ନସିପ୍ କରିବାକୁ ଥିବା କ୍ଷେତ୍ରଗୁଡ଼ିକୁ 'ସରକାରୀ' ଓ 'ବେସରକାରୀ'ରେ ବିଭକ୍ତ କରାଯାଇଛି। 'ସରକାରୀ' କ୍ଷେତ୍ରରେ ବ୍ଲକ କାର୍ଯ୍ୟାଳୟ, ଗ୍ରାମ ପଞ୍ଚାୟତ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟାଳୟ ସାମିଲ୍ ହୋଇଥିବା ବେଳେ ଘରୋଇ କ୍ଷେତ୍ର ପାଇଁ ଆଇଟି ଓ ସଫ୍ଟୱେର କମ୍ପାନୀ, ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ସଂସ୍ଥା/ଡାକ୍ତରଖାନା/ନର୍ସିଂହୋମ୍, ନିର୍ମାଣ ସଂସ୍ଥା, ବ୍ୟାଙ୍କ, ଗଣମାଧ୍ୟମ, ଖୁଚୁରା ବ୍ୟବସାୟ, ଶିକ୍ଷା(ସ୍କୁଲ୍, କଲେଜ୍, ଅଙ୍ଗନବାଡ଼ି), ହୋଟେଲ୍, ପର୍ଯ୍ୟଟନ ଆଦିକୁ ଚୟନ କରାଯାଇଛି। ଛାତ୍ରଛାତ୍ରୀଙ୍କଠାରେ ପ୍ରାକ୍ କର୍ମନିଯୁକ୍ତି ଦକ୍ଷତା, ଗବେଷଣା ଓ ପରିଚାଳନା କୌଶଳ, ଔଦ୍ୟୋଗିକ ଅଭିଜ୍ଞତା, ସାମାଜିକ ଦାୟିତ୍ୱବୋଧ ଆଦି ଉତ୍ପନ୍ନ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଭାବେ ଦର୍ଶାଯାଇଛି।

'ଜେନ୍ ଜେଡ୍' ଓ 'ଜେନ୍ ଆଲ୍‌ଫା' ବର୍ଗର ପିଲାମାନେ ସାମାଜିକ ଦାୟିତ୍ୱବୋଧ ରହିତ ବୋଲି ଅଭିଯୋଗ ହୋଇଆସୁଛି। ସେହିପରି ଅନେକ ଭାରତୀୟ ଛାତ୍ରଛାତ୍ରୀଙ୍କ ବୁଦ୍ଧିମତ୍ତା, ଦକ୍ଷତା କେବଳ ପରୀକ୍ଷା ଫଳରେ ସୀମିତ ରହିଯାଉଛି। ନିଯୁକ୍ତିପତ୍ର ପାଇଥିଲେ ମଧ୍ୟ ବାସ୍ତବ ବା କର୍ମକ୍ଷେତ୍ରରେ ସେମାନେ ବିଫଳ ହୋଇ ଚାକିରି ହରାଉଛନ୍ତି। ଏ ଦୃଷ୍ଟିରୁ ପିଲାମାନଙ୍କ ପାଠପଢ଼ା ସରିବା ବେଳକୁ ସେମାନଙ୍କୁ ସବୁକ୍ଷେତ୍ରରେ ସାଧାରଣ ବ୍ୟାବହାରିକ ଜ୍ଞାନ-ଅଭିଜ୍ଞତା ସମ୍ପନ୍ନ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନା ସର୍ବାଦୌ ସ୍ୱାଗତଯୋଗ୍ୟ ହୋଇପାରିଥା'ନ୍ତା ଯଦି ଏହାର କାର୍ଯ୍ୟାନ୍ୱୟନ ପୂର୍ବରୁ ପ୍ରାକ୍‌ପ୍ରସ୍ତୁତି ଓ ସୁସଂହତ କାର୍ଯ୍ୟଖସଡ଼ାଟିଏ ପ୍ରସ୍ତୁତ ହୋଇଥା'ନ୍ତା।

ଉଚ୍ଚଶିକ୍ଷା ବିଭାଗ ଗତ ଏପ୍ରିଲ୍ ମାସରେ ଏ ସମ୍ପର୍କରେ ସମସ୍ତ ଶିକ୍ଷାମଣ୍ଡଳ ଅଧିକାରୀଙ୍କୁ ପତ୍ର ଲେଖିଛି। ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମହାବିଦ୍ୟାଳୟ ସ୍ତରରେ ସମନ୍ୱୟ ରଖି କାର୍ଯ୍ୟକ୍ରମର ତଦାରଖ କରିବାକୁ ଉକ୍ତପତ୍ରରେ ନିର୍ଦ୍ଦେଶ ରହିବା ସହିତ ସମସ୍ତ ଯୁକ୍ତ ତିନି ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ ନକଲ ଦିଆଯାଇଛି। ଅଥଚ କେହି କିଛି ବୁଝିବା ପୂର୍ବରୁ ଚଳିତ ଶିକ୍ଷାବର୍ଷରୁ ହିଁ ଏହା କାର୍ଯ୍ୟକାରୀ ହୋଇସାରିଛି। ଏ ବିଷୟରେ ଛାତ୍ରଛାତ୍ରୀ ବୁଝିବା ଦୂରେ ଥାଉ ଅଧିକାଂଶ ଅଧ୍ୟାପକ(ମେଣ୍ଟର) ମଧ୍ୟ ଅନ୍ଧାରରେ। ତେଣୁ ସ୍ୱାଭାବିକଭାବେ ଛାତ୍ରଛାତ୍ରୀମାନେ ବାଟବଣା। ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ଅନ୍ତତଃ ଯୋଜନାର ରୂପରେଖ ଓ କାର୍ଯ୍ୟଶୈଳୀ ବିଷୟରେ ଅଧ୍ୟାପକମାନଙ୍କୁ ତାଲିମ୍ ଦିଆଯାଇଥିଲେ ଏହି ମହତାକାଂକ୍ଷୀ ଯୋଜନାର ମୌଳିକ ଲକ୍ଷ୍ୟ ସାଧିତ ହୋଇଥା'ନ୍ତା। କିନ୍ତୁ ତରବରିଆ ଭାବେ ଏହାକୁ ଲାଗୁ କରିଥିବାରୁ ଯେତନେତ ପ୍ରକାରେଣ କେବଳ ପାଠ୍ୟକ୍ରମ ସାରିବା ପାଇଁ ଛାତ୍ରଛାତ୍ରୀ ଛଳନାର ଆଶ୍ରୟ ନେବା ଛଡ଼ା ଉପାୟ ନାହିଁ।

ଏ ପର୍ଯ୍ୟନ୍ତ ମିଳିଥିବା ଖବର ଓ ଅଭିଯୋଗ ଅନୁଯାୟୀ କୌଣସି ସରକାରୀ କାର୍ଯ୍ୟାଳୟ, ଏପରିକି ସରକାରୀ/ଘରୋଇ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଯଥେଷ୍ଟ ସମୟ ନ ଥିବା କହି ସହଯୋଗ କରିବାକୁ ରୋକ୍‌ଠୋକ୍ ମନା କରିଦେଉଛନ୍ତି। ଡାକ୍ତରଖାନା, ବ୍ୟାଙ୍କ, ଆଇଟି କମ୍ପାନୀ, ହୋଟେଲ୍ ଆଦି ବେସରକାରୀ ସଂସ୍ଥା ସହଯୋଗ କରିବାର ସମ୍ଭାବନା ପ୍ରାୟ ଶୂନ୍ ଥିବାରୁ ସେଠାକାର ବାରଣ୍ଡା ମଧ୍ୟ ମାଡ଼ୁ ନାହାନ୍ତି। କିଛି ଉଦ୍‌ଯୋଗୀ ଛାତ୍ରଛାତ୍ରୀ ଉପରୋକ୍ତ ସଂସ୍ଥାକୁ ବାରମ୍ବାର ଦୌଡ଼ି ନିରାଶ ହେଉଥିବା ବେଳେ ଆଉ କେତେକ 'କେହି ସହଯୋଗ କରୁନାହାନ୍ତି' ଅଭିଯୋଗ ଆଣୁଛନ୍ତି। ଏହା ମେଣ୍ଟରମାନଙ୍କର ସମସ୍ୟାକୁ ଆହୁରି ଜଟିଳ କରୁଛି। ତେଣୁ ଏବେ ଛାତ୍ରଛାତ୍ରୀଙ୍କ ଶେଷ ଠିକଣା ହୋଇଛି ଏନ୍‌ଜିଓ, ଅନାଥାଶ୍ରମ, ବୃଦ୍ଧାଶ୍ରମ ଇତ୍ୟାଦି। କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ ଉଚ୍ଚଶିକ୍ଷା ବିଭାଗର ଏଭଳି ନିର୍ଦ୍ଦେଶନାମା ସହିତ ଅବଗତ ନଥିବା କହି ସହଯୋଗ କରୁନାହାନ୍ତି ତ ଆଉ କେତେକ ସଂସ୍ଥା ଏହାକୁ 'ଏଫ୍‌ସିଆରଏ' ଆଇନ ଆଧାରରେ ତର୍ଜମା କରୁଛନ୍ତି ଏବଂ ଆର୍ଥିକ ସହାୟତା/ଅନୁଦାନ/ପାଣ୍ଠି ଆଦି ବିଷୟରେ ସୂଚନା ସଂଗ୍ରହ ପାଇଁ ଏହା ସରକାରଙ୍କ ଏକ ସୁଚିନ୍ତିତ ଚାଲ୍ ବୋଲି ଭାବୁଛନ୍ତି। ଏହାଛଡ଼ା ଅନାଥାଶ୍ରମରେ ପିଲାମାନଙ୍କର ଫଟୋ/ଭିଡିଓ ଆଦି ସାର୍ବଜନୀନ କରିବାରେ କଟକଣା ରହିଛି। ତେଣୁ ମାତ୍ର ଘଣ୍ଟାଏ/ଦୁଇଘଣ୍ଟା ଭିତରେ ଛାତ୍ରଛାତ୍ରୀମାନେ ଏନ୍‌ଜିଓ କର୍ତ୍ତୃକକ୍ଷମାନଙ୍କଠାରୁ ଯେନତେନ ପ୍ରକାରେଣ ପ୍ରମାଣପତ୍ର ଖଣ୍ଡିଏ ଯୋଗାଡ଼ କରି ଯେ ଯାହା ପାରିଲା ରିପୋର୍ଟଟିଏ ଲେଖିଦେଇ ଦାଖଲ କରିଦେଉଛନ୍ତି। ଏଥିରେ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ/ଅଧ୍ୟାପିକାମାନଙ୍କର ସମୟ ଅପଚୟ ହେବା କେବଳ ସାର ହେଉଛି।

ତରବରିଆ ଭାବେ ଆରମ୍ଭ କରିବା ପୂର୍ବରୁ ଏ ସମ୍ପର୍କରେ ଶିକ୍ଷାବିତ୍, ଅଭିଭାବକ, ସାମାଜିକ କର୍ମୀ, ବିଶେଷଜ୍ଞ, ମନସ୍ତତ୍ତ୍ୱବିତ୍, ଆଇନଜ୍ଞମାନଙ୍କଠାରୁ ପରାମର୍ଶ/ମତାମତ ଲୋଡ଼ିବାର ଆବଶ୍ୟକ ଥିଲା। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଇଥିବା ମନେ ହେଉନାହିଁ। ଛାତ୍ରଜୀବନରେ ଶିକ୍ଷା ଯେତିକି ମୂଲ୍ୟବାନ୍, ତା'ଠାରୁ ଆହୁରି ଅଧିକ ମହାର୍ଘ ସେମାନଙ୍କ ସମୟ। ଯାହା ବିତିଯାଇଛି ତାହାର ଭରଣା କରିହେବ ନାହିଁ। ଆଗକୁ ସମୟ ଓ ଶ୍ରମର ଯେଭଳି ସଦୁପଯୋଗ ହୋଇପାରିବ ସେ ଦିଗରେ ସୁଚିନ୍ତିତ ଦୀର୍ଘସ୍ଥାୟୀ ଯୋଜନା ପ୍ରଣୟନ ଦିଗରେ ଉଚ୍ଚଶିକ୍ଷା ବିଭାଗ ଚିନ୍ତା କରୁ। ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ସଂସ୍ଥା ସହଯୋଗ କରିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଉପରୋକ୍ତ କାର୍ଯ୍ୟକ୍ରମ ଅଧୀନରେ ବୃଦ୍ଧାଶ୍ରମ କିମ୍ବା ଅନାଥାଶ୍ରମରେ ସମୟ କାଟିବା ବାଧ୍ୟତାମୂଳକ କରାଗଲେ ସମାଜରେ ବଢ଼ିଚାଲିଥିବା ବାର୍ଦ୍ଧକ୍ୟ-ବିରୋଧୀ ମାନସିକତା କିଛିପରିମାଣରେ ହ୍ରାସ ପାଆନ୍ତା। ଅପରପକ୍ଷରେ ଏବେ 'ରକ୍ତ ଅଭାବ' ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତର ଆହ୍ୱାନ ଓ ସମସ୍ୟା କରିଛି। ଗୋଷ୍ଠୀ ସାମାଜିକ ଦାୟିତ୍ୱବୋଧ ଅଧୀନରେ ପିଲାମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରି ୟୁନିଟ୍ ପିଛା କ୍ରେଡିଟ୍ ପଏଣ୍ଟ ବ୍ୟବସ୍ଥା କଲେ ଅନେକ ଉପକାର ହୁଅନ୍ତା। ପ୍ରତିବର୍ଷ ୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନାମ ଲେଖାଉଛନ୍ତି। ସେମାନେ ଅନ୍ତତଃ ବର୍ଷକୁ ଦୁଇଥର ରକ୍ତଦାନ କଲେ ୪ ଲକ୍ଷ ୟୁନିଟ୍ ସଂଗ୍ରହ ହୋଇପାରନ୍ତା। ଏହାଦ୍ୱାରା ସମାଜ କଲ୍ୟାଣ ସହିତ ସେମାନଙ୍କ କ୍ୟାରିୟର ନମ୍ବର ମଧ୍ୟ ବଢ଼ିପାରନ୍ତା। ସରକାର ଏ ଦିଗରେ ବିଚାର କରିବେ ବୋଲି ଆଶା।

## ବାର୍ଦ୍ଧକ୍ୟର ଭୁଲ ବ୍ୟାଖ୍ୟା ଓ ବୟସବାଦ

ଅବଶ ପରିଡ଼ା

ସମାଜବିଜ୍ଞାନରେ ବାର୍ଦ୍ଧକ୍ୟକୁ ନେଇ ଅଜସ୍ର ବିଷୟବସ୍ତୁ ଗବେଷଣା ଓ ପ୍ରସଙ୍ଗ ଅଛି। ଏପରିକି ପ୍ରତିଦିନ ଖବରକାଗଜରେ ବାର୍ଦ୍ଧକ୍ୟକୁ ନେଇ ଚର୍ଚ୍ଚା ଓ ଆଲୋଚନା। କହିବାକୁ ଗଲେ ସମାଜଶାସ୍ତ୍ରୀ ଓ ବିଶାରଦଙ୍କ ନିମନ୍ତେ ଏହା ଏକ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ପ୍ରାକୃତିକ ଭାବେ ଶାରୀରିକ ପରିବର୍ତ୍ତନ ବା ଅବନତି ହେଉଛି ବାର୍ଦ୍ଧକ୍ୟର ପରିଚୟ। ଏହି ପରିଚୟ ଓ ବୟସ-ବୃଦ୍ଧିକୁ ଆଧାର କରି ବିଭିନ୍ନ ସଂସ୍କୃତି ଓ ସମାଜ ଦ୍ୱାରା ଲୋକଙ୍କୁ ଭିନ୍ନ ଭିନ୍ନ ଅର୍ଥ, ଭୂମିକା ଓ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଏଠାରେ ସୂଚେଇ ଦେବାକୁ ଚାହେଁ ଯେ ଦୀର୍ଘସମୟ ଧରି ପାଠ୍ୟପୁସ୍ତକ ଓ ଆଲୋଚନାରେ ବାର୍ଦ୍ଧକ୍ୟର ସାମାଜିକ ଗଠନ ନୁହେଁ, ବରଂ ବାର୍ଦ୍ଧକ୍ୟ ଜନିତ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ଏହାର ଦୁଇଟି ସମ୍ଭାବ୍ୟ କାରଣ ଥାଇପାରେ। ପ୍ରଥମଟି ହେଉଛି ଲିଙ୍ଗ କିମ୍ବା ଜାତି ପରି ବାର୍ଦ୍ଧକ୍ୟକୁ ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଓ ସାମାଜିକ ବିଭାଜନ ଭାବରେ ବିବେଚନା କରାଯାଉଥିଲା, ଯାହା ଆଜି ବି ବଳବତ୍ତର ଅଛି। ଦ୍ୱିତୀୟଟି ହେଉଛି ଯେହେତୁ ବାର୍ଦ୍ଧକ୍ୟ ଆସିଲେ ଅନେକ ପ୍ରକାରର ସମସ୍ୟା ଆସେ। ତେଣୁ କେଉଁସବୁ ସାମାଜିକ ନୀତି ସଂରକ୍ଷିତ କରିବା ଆବଶ୍ୟକ ସେ ବିଷୟରେ ଧ୍ୟାନକେନ୍ଦ୍ରିତ ହେଉଥିଲା।

ବାର୍ଦ୍ଧକ୍ୟ ଉପରେ ହେଉଥିବା ଗବେଷଣା 'ଜେରୋଣ୍ଟୋଲୋଜି' ନାମକ ପାଠ ନାମରେ ଲୋକପ୍ରିୟ। ଏହା ମୁଖ୍ୟତଃ ବୃଦ୍ଧ ହେବା ପରର ଚିକିତ୍ସା ଓ ଶାରୀରିକ ଦିଗ ଉପରେ ଧ୍ୟାନ ଦିଏ। ଏହି ପାଠ୍ୟକ୍ରମର ଚିକିତ୍ସା ମଡେଲରେ ବାର୍ଦ୍ଧକ୍ୟକୁ ମୁଖ୍ୟତଃ ଏକ ଶାରୀରିକ ଅବନତି, ଅସୁସ୍ଥତା ଏବଂ ନିର୍ଭରଶୀଳତାର ଏକ ପ୍ରକ୍ରିୟା ଭାବରେ ବର୍ଣ୍ଣନା କରାଯାଇଛି। ଫଳସ୍ୱରୂପ, ବାର୍ଦ୍ଧକ୍ୟର ସକାରାତ୍ମକ ସାମାଜିକ ଦିଗଗୁଡ଼ିକ ଅଣଦେଖା ହେଇଛି। ଆମେ ଏହି କଥା ବି ଜାଣୁ ଯେ ପାଶ୍ଚାତ୍ୟ ପାଠ୍ୟକ୍ରମ ଦ୍ୱାରା ଭାରତୀୟ ସମାଜଶାସ୍ତ୍ରୀୟ ଗବେଷଣା ଅନେକାଂଶରେ ପ୍ରଭାବିତ। ଏହାଦ୍ୱାରା ଆମ ଗବେଷଣାର ଦିଗ ସୀମିତ ହୋଇଯାଇଛି, ଏଥିରେ ଦ୍ୱିମତ ନାହିଁ। ଯେମିତିକି ଏକାକୀ ରହୁଥିବା କିମ୍ବା ବୃଦ୍ଧାଶ୍ରମରେ ରହୁଥିବା ଅଥବା ସାମାଜିକ ବିଚ୍ଛିନ୍ନତା ଅନୁଭବ କରୁଥିବା ବୟୋବୃଦ୍ଧଙ୍କ ସମସ୍ୟା ଓ ପ୍ରସଙ୍ଗ ଉପରେ ଅତ୍ୟଧିକ ଗବେଷଣା ହେଉଛି। ଏହିସବୁ ଅଧ୍ୟୟନଗୁଡ଼ିକ ସମାଜ ପାଇଁ ଉପକାରୀ। କିନ୍ତୁ ଅନ୍ୟପଟେ ଅଜାଣତରେ ବୃଦ୍ଧାବସ୍ଥାକୁ ଏକ ଦୁର୍ବଳତାର ସମୟ ଭାବରେ ମଧ୍ୟ ଏହା ପ୍ରତିପାଦିତ କରୁଛି।

ଏଠାରେ କିଛି ରିପୋର୍ଟ କଥା ଆଲୋଚନା କରିବା। ବର୍ଦ୍ଧିତ ପେନସନ ଖର୍ଚ୍ଚ, ସ୍ୱାସ୍ଥ୍ୟସେବାରେ ବୟସ୍କଙ୍କ ଭିଡ଼ ଏବଂ ସଙ୍କୁଚିତ କର୍ମଶକ୍ତିକୁ ନେଇ ପ୍ରକାଶିତ ହୋଇଥିବା ଅନେକ ରିପୋର୍ଟରେ ପ୍ରକାଶ ପାଉଛି ଯେ ବୟସ୍କମାନେ ଯୁବପିଢ଼ି ଉପରେ ନିର୍ଭରଶୀଳ ଏବଂ ଏକପ୍ରକାରର ବୋଝ। ସମାଜବିଜ୍ଞାନୀ ଷ୍ଟାନଲି କୋହେନଙ୍କ ମତରେ ଏହା ହେଉଛି ଏକପ୍ରକାରର ନୈତିକ ଆତଙ୍କ। ଏହାର ଅର୍ଥ, ଜନସଂଖ୍ୟାର ଏକ ବୃହତ୍ ଅଂଶ ଥିବା ବୟୋବୃଦ୍ଧଙ୍କୁ ସାମାଜିକ ପରିବର୍ତ୍ତନର କାରକ ଭାବରେ ନୁହେଁ, ବରଂ ଏକ ସାମାଜିକ ସମସ୍ୟା ଭାବରେ ଚିତ୍ରିତ କରାଯାଉଛି। ବାର୍ଦ୍ଧକ୍ୟ ହେଉଛି ସମ୍ପୂର୍ଣ୍ଣ ପ୍ରାକୃତିକ - ଏହି ଧାରଣାକୁ ଆଧୁନିକ ସମାଜବିଜ୍ଞାନୀମାନେ ଆଉ ଗ୍ରହଣ କରୁନାହାନ୍ତି। ବରଂ ଅବସର, ପାରିବାରିକ ସମ୍ପର୍କ, ସ୍ୱାସ୍ଥ୍ୟସେବା, ସାମାଜିକ ସ୍ଥିତି ସହିତ ଆର୍ଥିକ ସୁରକ୍ଷା ଏବଂ ସାଂସ୍କୃତିକ ମନୋଭାବ କିପରି ବୟସ୍କମାନଙ୍କ ଅନୁଭୂତି ଓ ଅଭିଜ୍ଞତାକୁ ଆକାର ଦେଉଛି ତାହା ହିଁ ଆଧୁନିକ ପାଠ୍ୟକ୍ରମର ବିଷୟବସ୍ତୁ ହେଉଛି। ବିଶ୍ୱ ଜନସଂଖ୍ୟାରେ ୬୦ ବର୍ଷ ଏବଂ ତା'ଠାରୁ ଅଧିକ ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଆଗାମୀ ପାଞ୍ଚ ବର୍ଷ ସୁଦ୍ଧା ଏହା ୧୪୦ କୋଟି ଏବଂ ୨୦୫୦ ସୁଦ୍ଧା ୨୦୦ କୋଟିକୁ ବୃଦ୍ଧି ପାଇବ ବୋଲି ଆକଳନ ହେଉଛି। ବିଶ୍ୱ ଜନସଂଖ୍ୟାରେ ଏହି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଗ୍ରହଣ କରିବା ପାଇଁ ସମସ୍ତ କ୍ଷେତ୍ରରେ ଏକ ସଶକ୍ତ ସମାଜ ଗଠନ ଅତ୍ୟନ୍ତ ଆବଶ୍ୟକ। ଅନ୍ତର୍ଭୁକ୍ତୀକରଣ ଏବଂ ଆନ୍ତଃପିଢ଼ି ସମ୍ପର୍କରେ ଉପୁଜୁଥିବା ସମସ୍ୟାଗୁଡ଼ିର ସମାଧାନ ପାଇଁ ବାର୍ଦ୍ଧକ୍ୟର ପ୍ରକ୍ରିୟାକୁ ବୁଝିବା ମଧ୍ୟ ଏହି ଗଠନର ପ୍ରାଥମିକତା।

ଏହି ପରିପ୍ରେକ୍ଷୀରେ ଆଧୁନିକ ଗବେଷକ ଏବଂ ନୀତି ନିର୍ଦ୍ଧାରକମାନେ ଦୁଇଟି କଥା ସ୍ୱୀକାର କରିଛନ୍ତି। ପ୍ରଥମ, ବୟସ୍କମାନେ ହେଉଛନ୍ତି ଅଭିଜ୍ଞତାର ଗନ୍ତାଘର। ଦ୍ୱିତୀୟ, ଆଧୁନିକ ସମାଜ ପାଇଁ ବୟୋବୃଦ୍ଧମାନେ ହେଉଛନ୍ତି ମୁଖ୍ୟ ଅର୍ଥନୈତିକ ଗ୍ରାହକ ଏବଂ ଏକ ସଶକ୍ତ ରାଜନୈତିକ ଗୋଷ୍ଠୀ। ବୟୋବୃଦ୍ଧମାନଙ୍କ ଦ୍ୱାରା ଓ ବୟୋବୃଦ୍ଧଙ୍କ ପାଇଁ ଏକ ନୂଆ ଅର୍ଥନୀତି ଗଢ଼ିଉଠିଛି, ଯାହାର ନାଁ ହେଉଛି 'ସିଲଭର ଇକନୋମି' ବା 'ରୌପ୍ୟ ଅର୍ଥନୀତି'। ଭାରତୀୟ ବରିଷ୍ଠ ନାଗରିକଙ୍କ ଜୀବନ ଏବଂ ବୟସ୍କ ଯତ୍ନ ବଜାରର ମୂଲ୍ୟ ହେଉଛି ପଚାଶ ହଜାର କୋଟି ଟଙ୍କାରୁ ଅଧିକ। ଦ୍ରୁତ ବୃଦ୍ଧି ପାଉଥିବା ଜନସଂଖ୍ୟା ଏବଂ ପରିବର୍ତ୍ତିତ ପରିବାର ଗଠନ ଦ୍ୱାରା ଚାଳିତ ଏହି କ୍ଷେତ୍ର ଆଗାମୀ ପାଞ୍ଚ ବର୍ଷ ସୁଦ୍ଧା ଦୁଇ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏଥିରେ ଚିକିତ୍ସା ସେବା, ସ୍ୱତନ୍ତ୍ର ବାର୍ଦ୍ଧକ୍ୟ ଚିକିତ୍ସା, ସହାୟକ ଉପକରଣ ଏବଂ ଟେଲିମେଡିସିନ୍ ପ୍ଲାଟଫର୍ମ ଠାରୁ ଆରମ୍ଭ କରି ଆର୍ଥିକ ସେବା ଓ ବୟସ-ଅନୁକୂଳ ଗୃହର ସୁବିଧା ଅନ୍ତର୍ଭୁକ୍ତ। ଏପରିକି ଆଧୁନିକ ବୟସ୍କଙ୍କ ନିମନ୍ତେ ଯାତ୍ରା ଓ ଅବକାଶର ସୁବିଧା ପାଇଁ ଏକ ସ୍ୱତନ୍ତ୍ର ବଜାର ଅଛି। ଏହାବ୍ୟତୀତ 'ଯତ୍ନ ଅର୍ଥନୀତି' ବା 'କେୟାର ଇକନୋମି'ର ଆର୍ଥିକ ପରିଧିର ଆକଳନ କରିବା ମୁସ୍କିଲ। ବୃତ୍ତିଗତ ଯତ୍ନ ପାଇଁ ଥିବା ନେଟୱାର୍କ, ନର୍ସିଂ କର୍ମଚାରୀ ଏବଂ ଗୃହ-ସହାୟତା ସେବା ଇତ୍ୟାଦି ଏହି 'ଯତ୍ନ ଅର୍ଥନୀତି' ଶ୍ରେଣୀରେ ସାମିଲ।

ସେହିପରି ବୟସ୍କଙ୍କର ରାଜନୈତିକ ସମ୍ଭାବନା ଭାରତରେ ସବୁଠାରୁ ଅଧିକ। ବୟସ୍କ ନାଗରିକମାନେ ହେଉଛନ୍ତି ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଶକ୍ତି। ଭାରତରେ ପ୍ରତ୍ୟେକ ତୃତୀୟ ଭୋଟର ପଚାଶ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ହୋଇଥିବାରୁ ସେମାନଙ୍କର ନିର୍ବାଚନୀ ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ସାଧାରଣତଃ ଯୁବପିଢ଼ିଙ୍କ ତୁଳନାରେ ଅଧିକ ଅନୁପାତରେ ଭୋଟ ଦିଅନ୍ତି। ପେନସନ, ସ୍ୱାସ୍ଥ୍ୟସେବା ଓ ସାମାଜିକ ସୁରକ୍ଷା ସମ୍ପର୍କରେ ସ୍ପଷ୍ଟ ଆଗ୍ରହ ବି ଦେଖାନ୍ତି। ସମ୍ଭବତଃ ସେଥିପାଇଁ ବରିଷ୍ଠ ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ବୃଦ୍ଧାବସ୍ଥା ପେନସନ, ରିହାତିଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ କଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରତିଶ୍ରୁତି ଦେଉଛନ୍ତି।

ସମାଜବିଜ୍ଞାନୀମାନେ ଯୁକ୍ତି କରନ୍ତି ଯେ ବୟସ୍କଙ୍କୁ ଏକକ ଏବଂ ସମାନ ଗୋଷ୍ଠୀ ଭାବରେ ବ୍ୟବହାର କରାଯିବା ଉଚିତ ନୁହେଁ। ସାମାଜିକ ଶ୍ରେଣୀ, ଲିଙ୍ଗ, ଜାତି ଓ ସଂସ୍କୃତି ଅନୁସାରେ ବୟସ୍କ ହେବାର ଅଭିଜ୍ଞତା ଭିନ୍ନ ହୋଇଥାଏ। ତେଣୁ କେବଳ ଶାରୀରିକ ବୟସ୍କତା ଯେ ବୟୋବୃଦ୍ଧଙ୍କ ସାମାଜିକ ସ୍ଥିତିକୁ ବ୍ୟାଖ୍ୟା କରିପାରିବ, ତାହା ସମ୍ପୂର୍ଣ୍ଣ ଠିକ ନୁହେଁ। ଏହା ଏକ ଭ୍ରାନ୍ତ ଧାରଣା। ଏହି ଧାରଣା ଲୋକପ୍ରିୟ ଓ ବ୍ୟାପକ। ଏହାକୁ ବୟସବାଦ(ଏଜିଜିମ୍) କୁହାଯାଏ। ସରଳରେ କହିଲେ 'ବୟସବାଦ' ହେଉଛି ବୟସ ଆଧାରରେ ବ୍ୟକ୍ତିବିଶେଷଙ୍କ ପ୍ରତି ହେଉଥିବା ପକ୍ଷପାତ, ଭେଦଭାବ କିମ୍ବା ପୂର୍ବାଗ୍ରହ। ଏହି ଶବ୍ଦଟି ରବର୍ଟ ଏନ. ବଟଲର୍ ୧୯୬୯ ମସିହାରେ ପ୍ରଣୟନ କରିଥିଲେ। ଯେକୌଣସି ବୟସର ଲୋକଙ୍କୁ ପ୍ରଭାବିତ କରିପାରେ 'ବୟସବାଦ'। କିନ୍ତୁ ଏହି ତତ୍ତ୍ୱକୁ ସମାଜବିଜ୍ଞାନୀମାନେ ମୁଖ୍ୟତଃ ବୟୋବୃଦ୍ଧଙ୍କ ପାଇଁ ବ୍ୟବହାର କରନ୍ତି। ଏହାର କାରଣ ହେଉଛି ଯେ ବୟସ୍କଙ୍କୁ ମୂଲ୍ୟବାନ ସମ୍ବଳ ଭାବରେ ଦେଖିବା ପରିବର୍ତ୍ତେ ସେମାନଙ୍କୁ ନିର୍ଭରଶୀଳ କିମ୍ବା ପରିବର୍ତ୍ତନର ପ୍ରତିରୋଧୀ ଭାବରେ ସମାଜ ବିବେଚନା କରୁଛି।

'ବୟସବାଦ' ତିନି ଭାଗରେ ବିଭକ୍ତ। ପ୍ରଥମଟି ହେଉଛି 'ସଂସ୍ଥାଗତ ବୟସବାଦ', ଯେଉଁଠି କର୍ମକ୍ଷେତ୍ର, ସ୍ୱାସ୍ଥ୍ୟସେବା ଓ ସାର୍ବଜନୀନ ସେବାରେ ଭେଦଭାବ ଦେଖାଯାଏ। ଦ୍ୱିତୀୟ ହେଉଛି 'ଆନ୍ତଃବ୍ୟକ୍ତିଗତ ବୟସବାଦ'। ଏଥିରେ ପରିବାର ଓ ସମାଜ ଦ୍ୱାରା ବୟସ୍କମାନଙ୍କ ପ୍ରତି ଅସମ୍ମାନଜନକ ବ୍ୟବହାର, ଅବହେଳା, ନିର୍ଯାତନା ଇତ୍ୟାଦି ବିଦ୍ୟମାନ। ତୃତୀୟଟି ହେଉଛି 'ସ୍ୱ-ବୟସବାଦ'। ଏହାର ଅର୍ଥ ହେଉଛି ବୟସ୍କ ନିଜେ ନିଜେ ନକାରାତ୍ମକ ଧାରଣାକୁ ଆପଣଉଛନ୍ତି ଏବଂ ଅନ୍ୟ କେହି ନୁହେଁ ନିଜେ ହିଁ ସାମାଜିକ ଜୀବନରୁ ଦୂରରେ ରହୁଛନ୍ତି।

ଭାରତର ବୟସ୍କ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ 'ବୟସବାଦ' ବି ବଢ଼ୁଛି। ଏହା ବିରୋଧରେ ଲଢ଼ିବା ପାଇଁ ଏକ ଦୃଢ଼ ସାମାଜିକ ସୁରକ୍ଷା, ବୟସ ଅନୁକୂଳ କର୍ମକ୍ଷେତ୍ର ସହିତ ଅନ୍ତର୍ଭୁକ୍ତୀକରଣ ଓ ଆନ୍ତଃପିଢ଼ିଗତ ସଂହତି ଆବଶ୍ୟକ। ବାର୍ଦ୍ଧକ୍ୟକୁ ଏକ ବୋଝ କିମ୍ବା 'ବୟସବାଦ'କୁ ଏକ ପୂର୍ବାଗ୍ରହ ଭାବରେ ନୁହେଁ; ବରଂ ଉଭୟକୁ ଅଭିଜ୍ଞତା ଏବଂ ଜୀବନର ଏକ ମୂଲ୍ୟବାନ ପର୍ଯ୍ୟାୟ ଭାବରେ ଦେଖାଯିବା ଉଚିତ। ପରିଶେଷରେ ବାର୍ଦ୍ଧକ୍ୟର ଭୟରୁ ହିଁ 'ବୟସବାଦ'ର ଉତ୍ପତ୍ତି। ଅନ୍ୟପଟେ ଯଦି ବାର୍ଦ୍ଧକ୍ୟକୁ ବୁଝିଯିବ ତେବେ ସମ୍ମାନ ସୃଷ୍ଟି ହୁଏ। ତେଣୁ 'ବୟସବାଦ' ଓ 'ସମ୍ମାନ' - ଏହି ଦୁଇଟି ବିକଳ୍ପରୁ ଆମେ କାହାକୁ ବାଛିବା ସେ ନିଷ୍ପତ୍ତି ଆମର।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ପୁନଃନିଯୁକ୍ତି ଓ ଅବହେଳା

ଅଜିତ୍ କୁମାର ପ୍ରଧାନ



ସାମ୍ପ୍ରତିକ ସମାଜ ଓ ଶାସନ ବ୍ୟବସ୍ଥାରେ ଏପରି କିଛି ସଂବେଦନଶୀଳ ପ୍ରଶ୍ନ ଉଠୁଛି, ଯାହା ଶିକ୍ଷିତ ଯୁବଗୋଷ୍ଠୀ ଏବଂ ବୁଦ୍ଧିଜୀବୀ ମହଲକୁ ଆନ୍ଦୋଳିତ କରୁଛି। ଗୋଟିଏ ପଟେ ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶହ ଶହ ଅଧ୍ୟାପକ ଓ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ସତ୍ତ୍ୱେ ନୂତନ ନିଯୁକ୍ତିରେ ଅହେତୁକ ବିଳମ୍ବ ହେଉଛି। ଫଳରେ ଲକ୍ଷ ଲକ୍ଷ ଶିକ୍ଷିତ ତଥା ଯୋଗ୍ୟ ଯୁବକ-ଯୁବତୀ ଚାକିରି ଆଶାରେ ସଂଘର୍ଷ କରୁଥିବା ବେଳେ ଅନ୍ୟପଟେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବା ବ୍ୟବସ୍ଥା ଆଜି ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅବସରପ୍ରାପ୍ତ କର୍ମଚାରୀମାନେ ନିୟମିତ ଭାବେ ସରକାରଙ୍କଠାରୁ ମାସିକ ପେନସନ୍ ସୁବିଧା ପାଉଥିବା ସତ୍ତ୍ୱେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଖାଲି ପଦବୀ ପୂରଣ ପାଇଁ ନୂତନ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ନକରି ସେହିମାନଙ୍କୁ ପୁଣି ଅତିଥି ଶିକ୍ଷକ ବା ଚୁକ୍ତିଭିତ୍ତିକ ଭାବେ ଆଣି ବସାଇବା କେବଳ ପ୍ରଶାସନିକ ଦୁର୍ବଳତାକୁ ଦର୍ଶାଉନାହିଁ, ବରଂ ନବୀନ ଯୁବପିଢ଼ିଙ୍କ ପ୍ରାପ୍ୟ ଅଧିକାରକୁ ସଂକୁଚିତ କରୁଛି। ଯେଉଁସମୟରେ ନୂତନ ଜ୍ଞାନ, ଶକ୍ତି ଓ ଉତ୍ସାହରେ ଭରା ଯୁବସମ୍ପଦ ନିଜର ଭବିଷ୍ୟତ ଗଢ଼ିବାକୁ ପ୍ରସ୍ତୁତ, ସେହି ସମୟରେ ପେନସନ୍ ପାଉଥିବା ଏବଂ ଶାରୀରିକ ଓ ମାନସିକ ସୀମା କାରଣରୁ ଅବସର ନେଇଥିବା ବ୍ୟକ୍ତିଙ୍କୁ ପୁନର୍ବାର ଦାୟିତ୍ୱ ଦେବା କେତେଦୂର ଯୁକ୍ତିଯୁକ୍ତ?

ଜାତୀୟ/ଅନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ ଯଦି କୌଣସି ଖେଳାଳି ଶାରୀରିକ ଭାବେ ଅକ୍ଷମ ହୁଅନ୍ତି ନାମୀ-ଦାମୀ ଖେଳାଳି ହୋଇଥିଲେ ସୁଦ୍ଧା ତାଙ୍କୁ ଦଳରେ ନିଆଯାଏ ନାହିଁ; କାରଣ ଦଳ କେବେ ହାରିବାକୁ ଚାହେଁନାହିଁ। କିନ୍ତୁ ଦୁଃଖର ବିଷୟ, ଆମ ଶାସନ ଓ ଶିକ୍ଷା ବ୍ୟବସ୍ଥାରେ ଏହି ନିୟମ ଶିଥିଳ। କଲେଜଗୁଡ଼ିକରେ ଏତେ ସଂଖ୍ୟକ ପଦବୀ ଖାଲି ଥାଇ ମଧ୍ୟ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟାକୁ ଆଗେଇ ନନେଇ, ଯେଉଁମାନଙ୍କୁ ବୟସ ଓ ଅକ୍ଷମତା ପାଇଁ ସରକାରୀ ନିୟମାନୁସାରେ ଅବସର ଦିଆଗଲା ଏବଂ ପେନସନ୍ ମଧ୍ୟ ମିଳୁଛି, ସେମାନଙ୍କୁ ପୁଣି ଶିକ୍ଷାଦାନ ପାଇଁ ସୁଯୋଗ ଦେଇ ଆମ ପିଲାମାନଙ୍କ ଭବିଷ୍ୟତକୁ ଅନ୍ଧାର ଆଡ଼କୁ ଟାଣି ନିଆଯାଉନାହିଁ ତ? ଏପରି ସ୍ଥିତିରେ ପୁନଃସେବାର ଲୋଭ, ଯୁବପିଢ଼ିଙ୍କ ଦକ୍ଷତା ଓ ନିଯୁକ୍ତି ଆଶା ଉପରେ କୁଠାରଘାତ ସଦୃଶ। ଏହା ଯେପରି 'ବୁଢ଼ା ବଳଦ'କୁ କାର୍ଯ୍ୟରେ ଲଗାଇ ତା'ର ଶେଷ ଶୋଷଣ କରିବା ଏବଂ ନୂତନ ଶକ୍ତିକୁ ଆଡ଼େଇ ଦେବାର ଏକ ବିଚିତ୍ର ବିରୋଧାଭାସ।

ଅନ୍ୟପଟେ, 'ନିଶାମୁକ୍ତ ଭାରତ' ଓ 'ନିଶାମୁକ୍ତ ଓଡ଼ିଶା' ର ଆହ୍ୱାନ ଆଜି ଶୁଣିବାକୁ ଏକ ଗପ ଭଳି ଲାଗୁଛି। ଗୋଟିଏପଟେ ସଚେତନତା ନାମରେ 'ନିଶାମୁକ୍ତି'ର ପ୍ରଚାର ଚାଲିଛି, ଅନ୍ୟପଟେ ସରକାରୀ ରାଜସ୍ୱ ଆଦାୟ ଓ ବେକାରୀ ସମସ୍ୟାର ଆଢୁଆଳରେ ନିଶା ବ୍ୟବସାୟକୁ ପରୋକ୍ଷ ପ୍ରୋତ୍ସାହନ ମିଳୁଛି। କଲେଜଗୁଡ଼ିକରେ ପଦବୀ ପୂରଣ ହେଉନଥିବାରୁ ବେକାରୀର ନିରାଶା, ଅନିଶ୍ଚିତ ଭବିଷ୍ୟତ ଏବଂ ନିଯୁକ୍ତି ପ୍ରତୀକ୍ଷାରେ ଚିନ୍ତାଗ୍ରସ୍ତ ହୋଇ ଆଜିର ଯୁବଗୋଷ୍ଠୀ ନିଶା ସେବନ ଆଡ଼କୁ ଅଗ୍ରସର ହେଉଛନ୍ତି। ଏସବୁ ଦେଖି ମଧ୍ୟ ଶାସନ ବ୍ୟବସ୍ଥା ନୀରବଦ୍ରଷ୍ଟା ପାଲଟିଛି। ଏହାର କୁପରିଣାମ ସ୍ୱରୂପ ଯୁବସମ୍ପଦ ନିଶାର କବଳରେ ପଡ଼ି ନିଜର ଶାରୀରିକ ଓ ମାନସିକ ସାମର୍ଥ୍ୟ ହରାଉଛନ୍ତି। ଯେଉଁ ବୟସରେ ସେମାନେ କଠିନ ପରିଶ୍ରମ କରି ଦେଶ ଓ ଜାତିର ସ୍ୱପ୍ନର ମୀନାର ଗଢ଼ିବା କଥା, ସେହି ବୟସରେ ସେମାନେ ପଙ୍ଗୁ ପାଲଟିଯାଉଛନ୍ତି। ଏହା ଦେଶ ଓ ସମାଜ ପାଇଁ ଏକ ଚରମ ଦୁର୍ଭାଗ୍ୟ।

ଆଇନ୍ ଓ କାନୁନ୍ ଯଦି ସମସ୍ତଙ୍କ ପାଇଁ ସମାନ ଭାବେ କାର୍ଯ୍ୟକାରୀ ହୁଅନ୍ତା, ତେବେ ସମାଜରେ ପ୍ରତିବାଦର ସ୍ୱର କେବେ ଉଠନ୍ତା ନାହିଁ। କିନ୍ତୁ ଯେତେବେଳେ ପ୍ରିୟାପ୍ରୀତି ତୋଷଣ, ପକ୍ଷପାତିତା ଏବଂ ସ୍ୱାର୍ଥପରତା ଶାସନର ଭିତ୍ତିପ୍ରସ୍ତର ସାଜେ, ସେତେବେଳେ ଅସନ୍ତୋଷ ଓ ବିଦ୍ରୋହର ମଞ୍ଜି ବୁଣିହୋଇଯାଏ। ବ୍ୟବସ୍ଥାରେ ସୁଧାର ଆଣିବାକୁ ହେଲେ ପେନସନ୍ ପାଉଥିବା ଅବସରପ୍ରାପ୍ତଙ୍କୁ ପୁନଃନିଯୁକ୍ତି ଦେବା ସମ୍ପୂର୍ଣ୍ଣ ବନ୍ଦ କରି, କଲେଜଗୁଡ଼ିକରେ ଖାଲି ପଡ଼ିଥିବା ସମସ୍ତ ପଦବୀ ପାଇଁ ତୁରନ୍ତ ନୂତନ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରି ଯୁବକ-ଯୁବତୀଙ୍କୁ ପ୍ରାଥମିକତା ଦେବାକୁ ପଡ଼ିବ। ନିଶାମୁକ୍ତିକୁ କେବଳ କାଗଜପତ୍ର ବା ଭାଷଣରେ ସୀମିତ ନରଖି କଠୋର ନୀତି ଆପଣାଇବାକୁ ହେବ। କାରଣ, ଯେଉଁ ଦେଶରେ ଯୁବଶକ୍ତି ଅବହେଳିତ ଓ ନିଶାଗ୍ରସ୍ତ ହୁଏ, ସେଠାରେ ପ୍ରଗତିର ସ୍ୱପ୍ନ କେବଳ ଏକ ମରୀଚିକା ହୋଇ ରହିଯାଏ।

ନୀଳଗିରି(ବାଲେଶ୍ୱର)

## ପକ୍ଷୀ: ଏକା ପ୍ରଜାତି, ସ୍ୱର ଭିନ୍ନ

ଶ୍ରୀନନ

ପ୍ରଭାତର ଶାନ୍ତଶୀତଳ ପରିବେଶକୁ ଅଧିକ ମନଛୁଆଁ କରିଥାଏ ପକ୍ଷୀମାନଙ୍କ କାକଳି। ସୂର୍ଯ୍ୟୋଦୟର ପ୍ରାୟ ଏକଘଣ୍ଟା ପୂର୍ବରୁ ସେମାନେ ଏହା ଆରମ୍ଭ କରିଦେଇଥା'ନ୍ତି। ମଧ୍ୟାହ୍ନରେ ଏହା ପରିବ୍ୟାପ୍ତ ହୁଏ ପ୍ରାୟ ୨୦ ଗୁଣ ଦୂରତା ପର୍ଯ୍ୟନ୍ତ। ଯେ କୌଣସି ସ୍ଥାନରେ ଏ କାକଳି ହୃଦୟକୁ ସ୍ପର୍ଶ କରିଥାଏ। ତେବେ ଦେଖାଯାଇଛି ଯେ ତାହା ଆମ ସ୍ଥାନୀୟ ପକ୍ଷୀମାନଙ୍କର ଦୂର ଅଞ୍ଚଳର ପକ୍ଷୀଙ୍କଠାରୁ କିଛିମାତ୍ରାରେ ଭିନ୍ନ ହୋଇଥାଏ। ଏପରିକି ଗୋଟିଏ ସ୍ଥାନର ଏକାପ୍ରଜାତିର ପକ୍ଷୀ ସଦାସର୍ବଦା ଏକାଭଳି ଧ୍ୱନି କରନ୍ତି ନାହିଁ।

ନଟିଂହାମ ବିଶ୍ୱବିଦ୍ୟାଳୟର ବନ୍ୟଜୀବ ବିଭାଗର ପ୍ରଫେସର ଲୋଭିସି ଜେଣ୍ଟଲ୍ ଏବଂ ତାଙ୍କ ଛାତ୍ରମାନଙ୍କ ଅଧ୍ୟୟନରୁ ପ୍ରତ୍ୟେକ ପକ୍ଷୀର ସ୍ୱର ଅଳ୍ପେବହୁତ ଭିନ୍ନ ଭିନ୍ନ ହୋଇଥିବାର ଜଣାପଡ଼ିଛି। ଉଦାହରଣ ସ୍ୱରୂପ ଉଦଉଦଳିଆ ପକ୍ଷୀ ଅତିକମରେ ତିନି ପ୍ରକାର ଧ୍ୱନି କରିଥା'ନ୍ତି। ଏହି ବ୍ୟକ୍ତିଗତ ପ୍ରଭେଦତା ସହିତ ପକ୍ଷୀମାନଙ୍କର ଆଞ୍ଚଳିକ ପ୍ରଭେଦତା ମଧ୍ୟ ରହିଛି।



ବିଜ୍ଞାନ ବାର୍ତ୍ତା

ଇଂଲଣ୍ଡର କଜଳପାତି ଏବଂ ଉଦଉଦଳିଆଠାରେ ହୋଇଥିବା ପରୀକ୍ଷାରୁ ଏହା ଜଣାପଡ଼ିଛି। ପୁନଶ୍ଚ ଏଠାରେ କ୍ଷେତରେ ବାସ କରୁଥିବା ହଳଦିବସନ୍ତର ସ୍ୱର ଦୁଇପ୍ରକାର। ସେହିପରି ଇଂଲଣ୍ଡରୁ ୧୮୬୦-୭୦ ମସିହା ମଧ୍ୟରେ କିଛି ହଳଦିବସନ୍ତ ପକ୍ଷୀଙ୍କୁ ନେଇ ନିଉଜିଲ୍ୟାଣ୍ଡରେ ଛାଡ଼ି ଦିଆଯାଇଥିଲା। କାଳକ୍ରମେ ସେମାନଙ୍କର ଠାରେ ୭ଟି ଭିନ୍ନ ଭିନ୍ନ ସ୍ୱର ସୃଷ୍ଟି ହେବାର ଦେଖାଗଲା।

ଅଧିକାଂଶ ପକ୍ଷୀ ପିତାମାତା କିମ୍ବା ପଡ଼ୋଶୀଙ୍କୁ ଅନୁକରଣ କରି ଗୋଟିଏ ସ୍ୱରରେ ଗାନ କରନ୍ତି। ତେବେ ତାଙ୍କ ପରିପାର୍ଶ୍ୱର ଅନ୍ୟାନ୍ୟ ପକ୍ଷୀମାନଙ୍କ ଗାନ ତଥା ବିଭିନ୍ନ ପ୍ରକାର ଧ୍ୱନି ତାଙ୍କୁ ନାନା ରୂପେ ପ୍ରଭାବିତ କରେ। ଅତଏବ ସେମାନଙ୍କ ଗାନ ବଦଳି ଯାଏ। ଉଦାହରଣ ସ୍ୱରୂପ, 'ପିଞ୍ଚପକ୍ଷୀ' ନାମକ ୟୁରୋପରେ ଦେଖାଯାଉଥିବା ଏକ ଜାତିର ପକ୍ଷୀମାନଙ୍କୁ ଏକାକୀ ରଖି ପାଳନ କରାଗଲେ ସେମାନେ ଏକ ସରଳ ସ୍ୱରର ସଙ୍ଗୀତ ସୃଷ୍ଟି କରନ୍ତି। କିନ୍ତୁ ଅରଣ୍ୟରେ ବାସ କରୁଥିବା ଏହି ପକ୍ଷୀମାନେ ଏକ ଭିନ୍ନ ଜଟିଳ ସ୍ୱରରେ ଗାନ କରିଥା'ନ୍ତି।

ପ୍ରଜନନ ସମୟ ଆସିଲେ ପୁରୁଷ ପକ୍ଷୀମାନଙ୍କ ସ୍ୱର ବଦଳି ଯାଏ। ତାହା ତାଙ୍କ ଯୌନ ସାଥୀଙ୍କୁ ଆକର୍ଷଣ କରେ। ପକ୍ଷୀମାନେ ମଧ୍ୟ ଅନେକ ସ୍ଥଳେ ମଣିଷର ସ୍ୱରକୁ ଅନୁକରଣ କରିଥା'ନ୍ତି। ସହରାଞ୍ଚଳର ବିଭିନ୍ନ ପ୍ରକାର ଧ୍ୱନି, ଯାନବାହାନ ଓ କଳକାରଖାନାରୁ ନିର୍ଗତ ଶବ୍ଦ ସେମାନଙ୍କୁ ପ୍ରଭାବିତ କରେ। ଏଣୁ କଜଳପାତିମାନେ ଏଠାରେ ଗ୍ରାମାଞ୍ଚଳ ପକ୍ଷୀମାନଙ୍କଠାରୁ ସ୍ୱର ଉଚ୍ଚ କରିବାର ଦେଖାଯାଏ। ଅନ୍ୟପକ୍ଷରେ ବଣି ଚଢ଼େଇମାନେ ଅରଣ୍ୟ ବା ଗ୍ରାମାଞ୍ଚଳ ତୁଳନାରେ ସହରମାନଙ୍କରେ କମ ଏବଂ ଦ୍ରୁତ ସଂଗୀତ ଗାନ କରିଥା'ନ୍ତି। ପ୍ରଭାତ ସମୟରେ ସହର ନିସ୍ତବ୍ଧ ଥିବା ସମୟରେ ସେମାନେ ଏପରି କରିଥା'ନ୍ତି। ଗୋଟିଏ ପ୍ରଜାତିର ପକ୍ଷୀମାନଙ୍କ ମଧ୍ୟରେ ଗାନ ବା ସ୍ୱରର ଏପ୍ରକାର ବିଭେଦତାର ନିର୍ଦ୍ଦିଷ୍ଟ କାରଣ ଏବେ ବି ରହସ୍ୟମୟ ହୋଇରହିଛି। ବର୍ତ୍ତମାନ ବୈଜ୍ଞାନିକମାନେ ଏହାର ବିଭିନ୍ନ ଦିଗ ଉପରେ ଅଧ୍ୟୟନ ଚଳାଇଛନ୍ତି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରୁଷର ତୈଳ ବିଶୋଧନାଗାରେ ୟୁକ୍ରେନର ଭୟଙ୍କର ଡ୍ରୋନ୍ ଆକ୍ରମଣ; ୧୩ ମୃତ

ମସ୍କୋ, ୧୦।୮ (ଏଜେନ୍ସି): ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ସୋମବାର ରୁଷର ତୁତାରସ୍ତାନ ଅଞ୍ଚଳରେ ଥିବା ନିଜନୈକାମସ୍କ ସହରର ଏକ ପ୍ରମୁଖ ତୈଳ ହବ୍ ଉପରେ ୟୁକ୍ରେନ ପକ୍ଷରୁ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି ଆକ୍ରମଣରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୪୮ ଜଣ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ପ୍ରଶାସନ ଏବଂ ସହରର ମେୟର ରାଦମିର ବେଲ୍ୟାୟେଭଙ୍କ ଅନୁଯାୟୀ, ଏହି ଡ୍ରୋନ୍ ଆକ୍ରମଣ ଶିଳ୍ପ ଏବଂ ସାଧାରଣ ନାଗରିକଙ୍କ ବାସସ୍ଥାନକୁ ଲକ୍ଷ୍ୟ କରି କରାଯାଇଥିଲା। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ରହିଛି। ଏହି ଆକ୍ରମଣରେ ରୁଷର ସବୁଠାରୁ ଅତ୍ୟାଧୁନିକ ତୈଳ ବିଶୋଧନାଗାର ମଧ୍ୟରୁ ଅନ୍ୟତମ ଟାନେକୋ ବିଶୋଧନାଗାର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ବିଶୋଧନାଗାର ଉପରେ କଳା ଧୂଆଁର ବାଦଲ ଦେଖିବାକୁ ମିଳୁଛି। ନିଜନୈକାମସ୍କ ସହରଟି ୟୁକ୍ରେନ ସୀମାଠାରୁ ପ୍ରାୟ ୧, ୨୦୦ କିଲୋମିଟର ଦୂରରେ ଅବସ୍ଥିତ। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ଅନୁଯାୟୀ, ରୁଷର ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗିବା ଏବଂ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଆଲୋଚନା ଟେବୁଲକୁ ଆଣିବା ପାଇଁ ଏହି ଅଭିଯାନ ଜାରି ରହିଛି। ୟୁକ୍ରେନର ଏହି କ୍ରମାଗତ ଆକ୍ରମଣ ଯୋଗୁଁ ରୁଷର ଅନେକ ସ୍ଥାନରେ ଜାଳେଣି ଅଭାବ ଦେଖାଦେବା ସହ ବିଶୋଧନ କ୍ଷମତା ହ୍ରାସ ପାଇଛି। ଏହି ଘଟଣାର କିଛି ସମୟ ପୂର୍ବରୁ ରୁଷ ପକ୍ଷରୁ ମଧ୍ୟ ୟୁକ୍ରେନର ଦନିପ୍ରୋ ଅଞ୍ଚଳରେ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ଗୋଦାମ ଉପରେ ଆକ୍ରମଣ କରାଯାଇଥିଲା। ଫଳରେ ପ୍ରାୟ ୫୦୦, ୦୦୦ ଡଲାର ମୂଲ୍ୟର ଜରୁରୀକାଳୀନ ଚିକିତ୍ସା ସାମଗ୍ରୀ ନଷ୍ଟ ହୋଇଯାଇଛି।

# ସାପ କାମୁଡ଼ାରେ ଯୁବତୀ ମୃତ

କଣାସ,୧୦।୮ (ସମିସ): ଦୋକନ୍ଦା ପଞ୍ଚାୟତ କେଶରପୁର ଗ୍ରାମର ଲିପ୍ସାରାଣୀ ଜୟସିଂହ (୨୪) ଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଲିପ୍ସା ମାଆଙ୍କ ସହିତ ରବିବାର ରାତିରେ ଘରେ ଶୋଇଥିବାବେଳେଏକରଣାସାପତାଙ୍କୁକାମୁଡ଼ିଦେଇଥିଲା।ତାଙ୍କୁପ୍ରଥମେକଣାସଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରୁ ଭୁବନେଶ୍ୱର ପଠାଇ ଦିଆଯାଇଥିଲା। ସୋମବାର ଦିନ ୧୦ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୂକମ୍ପରେ ଥରିଲା...

ଭେନେଜୁଏଲାରେ ମଧ୍ୟ ଅନୁଭୂତ ହୋଇଛି। ବିଶେଷ କରି ସୀମାବର୍ତ୍ତୀ ଅଞ୍ଚଳ ତାଚିରା ଏବଂ କାରାକାସରେ ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ଚାଲି ଆସିଥିବା ରିପୋର୍ଟ ମିଳିଛି। କଲମ୍ବିଆ ଏକ ଭୂକମ୍ପ ପ୍ରବଣ ଅଞ୍ଚଳ ହୋଇଥିବାରୁ ଆଗକୁ ଆଫ୍ଟରସକ୍ ଆସିବାର ସମ୍ଭାବନା ରହିଛି। ଦୁଇ ମାସ ତଳେ ଭେନେଜୁଏଲାରେ ହୋଇଥିବା ଏଭଳି ଶକ୍ତିଶାଳୀ ଭୂମିକଂପରେ ୩୦ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

### ଧାନ ନ କିଣିବାକୁ...

ଅଟନ୍ତି, ତେବେ ଲିଗାଲ ହେୟାର ଏବଂ ମୃତ୍ୟୁ ସାର୍ଟିଫିକେଟ ତହସିଲରେ ଦାଖଲ କରି ରେକର୍ଡ ସଂଶୋଧନ କରିବାକୁ ପଡ଼ିବ। ଏହି ସଂଶୋଧନ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କଦାପି ସମ୍ଭବ ନୁହେଁ। ମିସ୍ କେଶ ଦାୟର କରି ଏକ ମୃତ୍ୟୁ ପ୍ରମାଣପତ୍ର ବାହାର କରିବାକୁ ଅତି କମରେ ପ୍ରାୟ ତିନି ମାସରୁ ଊର୍ଦ୍ଧ୍ୱ ସମୟ ଲାଗି ଯାଉଛି। ତତ୍ପରେ ଲିଗାଲ ହେୟାର ସାର୍ଟିଫିକେଟ ତହସିଲ ଅଫିସରୁ ବାହାର କରିବା ପାଇଁ ପ୍ରାୟ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଲାଗୁଛି। ଏହା ପରେ ତହସିଲରେ ରେକର୍ଡ ସଂଶୋଧନ କରିବା ପାଇଁ ମାସାଧିକ ସମୟ ଲାଗୁଛି। କିନ୍ତୁ ସରକାର ଚଳିତ ବର୍ଷ ଧାନ ପଞ୍ଜୀକରଣ ପାଇଁ ମାତ୍ର ୨୫ ଦିନ ସମୟ ଦେଇଛନ୍ତି। ଆସନ୍ତା ବର୍ଷ ୨୦୨୭ ମାର୍ଚ୍ଚ ମାସ ୩୧ ତାରିଖ ଖରିଫ ଧାନ ସଂଗ୍ରହର ଶେଷ ତାରିଖ ରଖାଯାଇଛି। କିନ୍ତୁ ପ୍ରକୃତରେ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ତାଙ୍କର ମୃତ୍ୟୁ ପ୍ରମାଣପତ୍ର, ଲିଗାଲ ହେୟାର ଏବଂ ରେକର୍ଡ ସଂଶୋଧନ କାମ କରି ପାରି ନ ଥିବେ। ତେବେ ମାତ୍ର ୨୦ ଦିନ ମଧ୍ୟରେ ସମବାୟ ସମିତିରେ ରେଜିଷ୍ଟ୍ରେସନ କେମିତି କରିବେ ବୋଲି ଚାଷୀ ମାନେ ପ୍ରଶ୍ନ ଉଠାଇଛନ୍ତି। ଅସଲ ସତ କଥା ନୂଆ ସରକାର ଆସିବା ପରେ ଦୁଇ ବର୍ଷ ଖରିଫ ଧାନ ସଂଗ୍ରହ କରାଯାଇଛି। କ୍ୱିଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଲୋଭରେ ଧାନ ଚାଷୀଙ୍କ ସଂଖ୍ୟା ଓଡ଼ିଶାରେ ଦ୍ରୁତ ଭାବେ ବୃଦ୍ଧି ପାଇଛି। ଏହି ଦୁଇ ବର୍ଷ ମଧ୍ୟରେ ସରକାର ମିଲର ମାନଙ୍କ ଜରିଆରେ ଯେତିକି ଧାନ ସଂଗ୍ରହ କରିଛନ୍ତି ସେହି ଧାନକୁ ରଖିବା ପାଇଁ ମିଲରଙ୍କ ନିକଟରେ ଆବଶ୍ୟକ ଗୋଦାମ ନାହିଁ। ମିଲର ମାନେ ସରକାରଙ୍କୁ ଚାଉଳ ମଧ୍ୟ ଦେଇ ପାରୁନାହାଁନ୍ତି। କାରଣ ସରକାରଙ୍କ ପାଖରେ ଉକ୍ତ ଚାଉଳକୁ ରଖିବା ପାଇଁ ଆବଶ୍ୟକ ସଂଖ୍ୟକ ଗୋଦାମ ମଧ୍ୟ ନାହିଁ। ଯାହା ଫଳରେ ସରକାର ମିଲର ମାନଙ୍କ ଠାରୁ ଚାଉଳ ସଂଗ୍ରହ କରି ପାରୁନାହାଁନ୍ତି। ଯେଉଁଥି ପାଇଁ ସରକାର ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଆଇନ ଜଟିଳ କରିଦେଲେ ଚାଷୀ ପଞ୍ଜୀକରଣ ସଂଖ୍ୟା ଆପେ ଆପେ କମିଯିବ ଭାବି ସରକାର ପ୍ରକ୍ରିୟାକୁ ଜଟିଳ କରି ଦେଇଛନ୍ତି। ବିଗତ ଦୁଇ ବର୍ଷ ମଧ୍ୟରେ ଯେତିକି ଧାନ ସଂଗୃହିତ ହୋଇଛି ଆଗାମୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାକୁ ଚାଉଳ ଅଭାବ ହେବନାହିଁ। ଚଳିତ ବର୍ଷ ସରକାରଙ୍କର ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ଆଗ୍ରହ ନଥିବା ସ୍ପଷ୍ଟ ବାରି ହୋଇପଡୁଛି। ପ୍ରତି ବର୍ଷ ଜୁଲାଇ ମାସ ୧୫ ତାରିଖରୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ପ୍ରାୟ ୪୫ ଦିନ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲେ। ଚଳିତ ବର୍ଷ ସରକାରଙ୍କ ଅନାଗ୍ରହ ଯୋଗୁଁ ଅଗଷ୍ଟ ମାସ ୬ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ପୂର୍ବରୁ ୪୫ ଦିନ ମଧ୍ୟରେ ଅନେକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୁଅନ୍ତି। ଚଳିତ ବର୍ଷ ମାତ୍ର ୨୫ ଦିନରେ ଓଡ଼ିଶାରେ ପ୍ରାୟ ୭୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଏତେ କମ୍ ସମୟ ମଧ୍ୟରେ ଜଟିଳ ଆଇନର ସମ୍ମୁଖୀନ ହୋଇ କିଭଳି ପଞ୍ଜୀକରଣ କରିବେ ବୋଲି ପ୍ରଶ୍ନ କରିଛନ୍ତି।

### ବରଗଡ଼ରେ କୃଷକଙ୍କ...

କେନ୍ଦ୍ରୀୟ ସଦସ୍ୟ ଅଫ୍ଲାତୁନ ସଭାକୁ ସମ୍ବୋଧିତ କରି ସରକାରଙ୍କ କୃଷକ ଏବଂ ଶ୍ରମିକମାରଣ ନୀତିକୁ ନେଇ କଟୁ ସମାଲୋଚନା କରିଥିଲେ। ସେହିପରି ଏଗ୍ରିଷ୍ଟାକ ସମର୍ଥନରେ ରାଜ୍ୟ କୃଷି ମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ ମନ୍ତବ୍ୟକୁ ପୁଲିସ ସାମ୍ନାରେ ଚିରି ଦେଇଥିଲେ। ପରେ ଆନ୍ଦୋଳନରତ ପ୍ରାୟ ୩ଶହ ଚାଷୀଙ୍କୁ ପୁଲିସ ଗିରଫ କରି ରିଜର୍ଭ ପୁଲିସ ପଡ଼ିଆକୁ ନେଇଥିଲା। ସେଠାରେ ଆନ୍ଦୋଳନକାରୀମାନେ ପୁଣି ଏକ ସଭା କରି ଆସନ୍ତା ୧୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାକ୍ସ ସୋସାଇଟିମାନଙ୍କ ମଧ୍ୟବର୍ତ୍ତିତାରେ ଏଗ୍ରିଷ୍ଟାକ ହଟାଇବା ପାଇଁ ଦାବିପତ୍ର ଦେବା ଏବଂ ୧୪ ଅଗଷ୍ଟରେ ବଡ଼ ଧରଣର ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

### ପଞ୍ଜୀକରଣ ପାଇଁ ଏବେ...

ପର୍ଯ୍ୟନ୍ତ ଏଗ୍ରିଷ୍ଟାକ ଆଇଡି ପ୍ରଦାନ କରାଯାଇ ପାରିବ ବୋଲି ନିଷ୍ପତ୍ତି ହୋଇଛି। ଚାଷୀମାନେ ଧାର୍ଯ୍ୟ ପଞ୍ଜୀକରଣ ଅବଧି ଅର୍ଥାତ ୩୧ ଅଗଷ୍ଟ ମଧ୍ୟରେ ବିନା ଏଗ୍ରିଷ୍ଟାକ ଆଇଡିରେ ପଞ୍ଜିକରଣ କରିପାରିବେ ଓ ଅକ୍ଟୋବର ମାସ ମଧ୍ୟରେ ଏଗ୍ରିଷ୍ଟାକ ଆଇଡି ପ୍ରଦାନ କରିବାକୁ ହେବ। ସରକାର କହିଛନ୍ତି, ଏଗ୍ରିଷ୍ଟାକ ଏକ ସମନ୍ୱିତ କୃଷକ ପ୍ଲାଟଫର୍ମ, ଯେଉଁଥିରେ ଚାଷୀଙ୍କ ସମସ୍ତ ତଥ୍ୟ ଏକୀକୃତ ହୋଇ ରହିବ। ଏଥିରେ ଚାଷୀ ନିଜକୁ ପଞ୍ଜିକୃତ କରିବା ଦ୍ୱାରା ନିଜର ଏକ ଅନନ୍ୟ ଫାର୍ମର ଆଇଡି ପାଇବେ। ସରକାରଙ୍କ ତରଫରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧାର ଲାଭ ସୁଗମ ରୂପେ ପାଇପାରିବେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୬ ଲକ୍ଷ ଚାଷୀ ଏହି ଅଧୀନରେ ନିଜକୁ ପଞ୍ଜିକୃତ କରାଇ ସାରିଛନ୍ତି ବୋଲି ସରକାର କହିଛନ୍ତି। ଏହା ବ୍ୟତୀତ ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତି ଚାଲିଛି। ଖୁବ୍‌ଶୀଘ୍ର ଏସ୍ଓପି ଜାରି ହେବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ଆଜି ସୁଦ୍ଧା ଖରିଫ ୨୬-୨୭ ପାଇଁ ୯୪,୬୫୭ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଛନ୍ତି। ଏଥିରେ ସର୍ବାଧିକ ପଞ୍ଜିକରଣ ବାଲେଶ୍ୱର ଜିଲ୍ଲାର ହୋଇଛି। ବର୍ତ୍ତମାନ ଦୁଇପ୍ରକାର ଚାଷୀ ପଞ୍ଜିକରଣ ପ୍ରାପ୍ତି ପତ୍ର ପ୍ରଦାନ କରାଯାଉଛି। ଏଗ୍ରିଷ୍ଟାକ ପଞ୍ଜିକୃତ ଚାଷୀ ପଞ୍ଜିକରଣ ପ୍ରାପ୍ତି ପତ୍ର ଓ ବିନା ଏଗ୍ରିଷ୍ଟାକ ପଞ୍ଜିକୃତ ପ୍ରାପ୍ତି ପତ୍ର। ଉଭୟ ପଞ୍ଜୀକରଣ ପ୍ରାପ୍ତି ପତ୍ର ବୈଧ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ଏହି ବୈଠକରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ରହି ଏଗ୍ରିଷ୍ଟାକ ଆଇଡିକୁ ନେଇ ଚାଲିଥିବା ବିବାଦ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଖରିଫ ଋତୁରେ ଧାନ ବିକ୍ରୟକୁ ନେଇ ଜାରି ପଞ୍ଜୀକରଣ ଉପରେ ଚାଷୀମାନଙ୍କ ମଧ୍ୟରେ ଉପୁଜିଥିବା ସଂଶୟ ସମ୍ପର୍କରେ ବିଜେପିର ୭ ବିଧାୟକ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭେଟି ଆଲୋଚନା କରିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାରେ ଯେପରି ସମସ୍ତ ଯୋଗ୍ୟ ଚାଷୀ ସାମିଲ ହୋଇପାରିବେ ତାହା ସୁନିଶ୍ଚିତ କରିବାକୁ ସମ୍ବଲପୁର, ବରଗଡ଼ ଓ ବଲାଙ୍ଗୀର ଜିଲ୍ଲାର ବିଧାୟକମାନେ ଦାବି କରିଛନ୍ତି।

### ରାଞ୍ଚି ପାଲଟିଲା...

ସିଭିଲ ସର୍ଭିସେସ ପରୀକ୍ଷା ସମେତ ବିଭିନ୍ନ ବିବାଦୀୟ ପରୀକ୍ଷାଗୁଡ଼ିକୁ ବାତିଲ କରାଯାଉ। ଜେପିଏସସି ଏବଂ ଜେଏସଏସସିରେ ସମ୍ପୂର୍ଣ୍ଣ ସଂସ୍କାର ଅଣାଯାଉ। ଏହି ଦୁର୍ନୀତିର ତଦନ୍ତ ସିବିଆଇ କିମ୍ବା ଝାଡ଼ଖଣ୍ଡ ବାହାରର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା କରାଯାଉ। ଆନ୍ଦୋଳନକାରୀଙ୍କ ଅନ୍ୟ ସମସ୍ତ ଦାବିକୁ ସରକାର ଗ୍ରହଣ କରିଥିବା ବେଳେ ସେମାନେ ସିବିଆଇ ତଦନ୍ତ ଜିଦରେ ଅଟଳ ରହିଛନ୍ତି। ସରକାର ତଦନ୍ତ ଦାୟିତ୍ୱ ସିଆଇଡିକୁ ଦେବାସହିତ ତ୍ୱରିତ ବିଚାର ପାଇଁ ଫାଷ୍ଟଟ୍ରାକ କୋର୍ଟ ଗଠନ କରିବାକୁ ଘୋଷଣା କରିଛନ୍ତି। କିନ୍ତୁ ଆନ୍ଦୋଳନକାରୀ ସିବିଆଇ ତଦନ୍ତ ଦାବିରେ ଅଟଳ ରହିଛନ୍ତି। ଅନ୍ୟପଟେ, ନିଯୁକ୍ତି ଇଡି ଏହି ଦୁର୍ନୀତିରେ ହୋଇଥିବା ଅର୍ଥ ହେରଫେରର ତଦନ୍ତ ଆରମ୍ଭ କରିଛି। ପେପର ଲିକ ଅଭିଯୋଗ ପରେ ଜେପିଏସସିର ତିନିଜଣ ସଦସ୍ୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଝାଡ଼ଖଣ୍ଡ ସିଆଇଡି ପକ୍ଷରୁ ଜେପିଏସସିର ପୂର୍ବତନ ଅଧ୍ୟକ୍ଷ ଏଲ. ଖିଆଙ୍ଗଟେଙ୍କୁ ଗିରଫ କରାଯାଇଛି। ସରକାରଙ୍କ ପକ୍ଷରୁ ୯୮% ପ୍ରାୟତଃ ଦାବିଗୁଡ଼ିକ ପୂରଣ କରାଯାଇଛି। କିନ୍ତୁ ଆନ୍ଦୋଳନକାରୀ ମାନେ ସିବିଆଇ ତଦନ୍ତ ଜିଦ୍‌ରେ ଅଟଳ ରହିବାରୁ ରାଜ୍ୟରେ ଅଚଳାବସ୍ଥା ଜାରି ରହିଛି।

### ଟଳିପଡ଼ିଲେ ୫...

ଗୁରୁତର ଅବସ୍ଥାରେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାହାଙ୍ଗା ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଚାଷୀଙ୍କ ପରିବାରକୁ ସରକାରୀ ସହାୟତା ନିମନ୍ତେ ସ୍ଥାନୀୟ ଅଂଚଳବାସୀ ଦୃଢ ଦାବି କରିଛନ୍ତି।

ସେହିପରି ଚୌଦ୍ୱାର ପୌରପାଳିକା ୧୨ନମ୍ବର ୱାର୍ଡ ଅନ୍ତର୍ଗତ ବୁଢ଼ାଲିଙ୍ଗର ସଞ୍ଜୟ ନାଥ (୪୩) ଆଜି ଅପରାହ୍ନରେ ବିଲରେ ଧାନ ତଳି ପକାଇବା ପାଇଁ ଜମି ପ୍ରସ୍ତୁତ କରୁଥିବାବେଳେ ବଜ୍ରପାତ ହୋଇଥିଲା। ସେ ବଜ୍ରାଘାତର ଶିକାର ହୋଇ ଟଳିପଡ଼ିଥିଲେ। ଖବରପାଇ ତାଙ୍କ ପରିବାର ଓ ପଡ଼ୋଶୀ ପହଞ୍ଚିଥିଲେ। ଏଥିସହ ପୁଲିସ ପହଞ୍ଚି ପହଞ୍ଚି ମୃତଦେହ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ ସଞ୍ଜୟ ଅତି ଗରିବ ଶ୍ରେଣୀର ଏବଂ ତାଙ୍କର ଦୁଇଟି କନ୍ୟା ସନ୍ତାନ ଅଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ତେଣୁ ତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ସେହିପରି ସୋମବାର ଅପରାହ୍ନ ପ୍ରାୟ ୩ଟା ସମୟରେ ପ୍ରଚଣ୍ଡ ବଜ୍ରପାତରେ ଖୋର୍ଦ୍ଧା ଜିଲ୍ଲାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ଆହତ ଓ ଏକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୪ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିବା ଜଣାପଡିଛି। ଟାଙ୍ଗୀ ଥାନା ଦିକ୍ଷିତିପଡାର ସନ୍ତୋଷ ବେହେରାଙ୍କ ଧାନବିଲରେ ୧୬ ଜଣ ମହିଳା ଶ୍ରମିକ ତଳି ପକାଉଥିବା ବେଳେ ହଠାତ ପ୍ରବଳ ବର୍ଷା ସହିତ ପ୍ରଚଣ୍ଡ ବଜ୍ରପାତ ହୋଇଥିଲା । ଏହି ସମୟରେ ସେହି ବିଲରେ କାମ କରୁଥିବା ଖଲିକୋଟ ଥାନା ଅଧିନସ୍ଥ ଗୋଲାମଥୁରା ଗ୍ରାମର କେ.ଗୋବିନ୍ଦଙ୍କ ପତ୍ନୀ କେ.ଜାନକୀ(୩୦) ମହିଳା ଶ୍ରମିକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିଲା ଏବଂ ସେହି ମଥୁରା ଗ୍ରାମର ଏମ .ଲକ୍ଷ୍ମୀ(୫୦) ଗୁରୁତର ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର ହୋଇଛନ୍ତି।

ସେହିଭଳି ଟାଙ୍ଗୀ ବ୍ଲକ ଲକ୍ଷ୍ମୀଧରପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ହଠାତ ବଜ୍ରପାତ ଯୋଗୁ ସପ୍ତମ ଶ୍ରେଣୀର ଛାତ୍ର ସୁଶାନ୍ତ ପାତ୍ର, ଆୟୁଷ୍ମାନ ମାନସିଂହ, ମହେଶ୍ୱର ପାତ୍ର, ଛାତ୍ରୀ ସୁନିତା ପାତ୍ର ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶିକ୍ଷକ ସର୍ବେଶ୍ୱର ସାହୁ, ଅମୂଲ୍ୟ କୁମାର ସୁବୁଦ୍ଧି, ଦିନବନ୍ଧୁ ପୃଷ୍ଟି, ଶିକ୍ଷକ ନେତା ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ସହଯୋଗରେ ଚିକିତ୍ସା କରାଯାଉଥିବା ବେଳେ ଆହତ ଛାତ୍ରଛାତ୍ରୀ ସୁସ୍ଥ ଥିବା ଜଣାପଡିଛି।

### ସଞ୍ଜୀବ ପଣ୍ଡା...

୨୦୧୫ରୁ ୨୦୨୦ ପର୍ଯ୍ୟନ୍ତ ସେ କେନ୍ଦ୍ରୀୟ ଡେପୁଟେସନରେ ଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀଙ୍କ ଅଫିସ ଅଧୀନରେ ଏସ୍‌ପିଜିର ଆଇଜି ଥିଲେ। ପଦୋନ୍ନତି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅନୁମୋଦନ କରିବା ପରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

### ୧୫ ପର୍ଯ୍ୟନ୍ତ...

ପହଞ୍ଚିବା ଆଶଙ୍କା କରାଯାଉଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୪ଟି ଷ୍ଟେସନରେ ପ୍ରବଳ ବର୍ଷା ହୋଇଥିବା ବେଳେ ଗଞ୍ଜାମ ପାତ୍ରପୁରରେ ସର୍ବାଧିକ ୮୦.୪ ମିମି ବର୍ଷା ରେକର୍ଡ ହୋଇଛି। ଜୁନ ୧ରୁ ଏଯାବତ ସାରା ରାଜ୍ୟରେ ସମୁଦାୟ ବର୍ଷା ୮୬୪.୩ ମିମି ରେକର୍ଡ ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ୬୭୭ ମିମି ତୁଳନାରେ ବର୍ଷାର ପରିମାଣ ୨୮ ପ୍ରତିଶତ ଅଧିକ ରେକର୍ଡ ହୋଇଛି।

### ଓଡ଼ିଶାର ଦାବିକୁ...

ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଇକ। ତେବେ ଓଡ଼ିଶା ସରକାର ୨୦୨୩ ମାର୍ଚ୍ଚରେ ଆର୍‌ଡ଼ିଏସ୍ଏସ୍ (ସଂଶୋଧିତ ବିଦ୍ୟୁତ୍ ବିତରଣ କ୍ଷେତ୍ର ଯୋଜନା) ଅଧୀନରେ କେନ୍ଦ୍ର ସରକାରଙ୍କୁ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ୬୨୮୪ କୋଟି ଟଙ୍କାର ଏକ ପ୍ରସ୍ତାବ ଦେଇଥିବା କେନ୍ଦ୍ରମନ୍ତ୍ରୀ ସ୍ୱୀକାର କରିଥିଲେ ହେଁ ଓଡ଼ିଶା ଏହି ଅନୁଦାନ ପାଇବାକୁ ଯୋଗ୍ୟତା ଅର୍ଜନ କରୁନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ୟସ ବାତ୍ୟା ଯୋଗୁଁ ଓଡ଼ିଶାର ୮୨୩.୪୮ କୋଟି ଟଙ୍କା କ୍ଷତି ହୋଇଥିବା ରାଜ୍ୟ ସରକାର କେନ୍ଦ୍ରକୁ ଏକ ସ୍ମାରକପତ୍ରରେ ଅବଗତ କରିଥିଲେ। ବାତ୍ୟା ପରେ କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ରର ଆନ୍ତଃମନ୍ତ୍ରୀଣାଳୟ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତ କରିଥିଲା। ଏହି ଟିମ୍ ୟସ ବାତ୍ୟାରେ ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ରର କ୍ଷୟକ୍ଷତି ପାଇଁ ୧୪୦.୬୪ କୋଟି ଟଙ୍କା ସହାୟତା ସୁପାରିସ କରିଥିଲା। ମାତ୍ର ଓଡ଼ିଶାର ଏସ୍‌ଡ଼ିଆର୍‌ଏଫ୍ ଖାତାରେ ପର୍ଯ୍ୟାପ୍ତ ଅର୍ଥ ଗଚ୍ଛିତ ଥିବାରୁ ବିଦ୍ୟୁତ୍ ଭିତ୍ତିଭୂମି କ୍ଷତି ବାବଦରେ ଏହି ଅର୍ଥ ମଞ୍ଜୁର କରାଯାଇ ନ ଥିଲା। ତେବେ ପରବର୍ତ୍ତୀ ସମୟରେ ଫସଲ କ୍ଷତି ଓ ରିଲିଫ୍ ବାବଦରେ ୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ଭିତ୍ତିଭୂମି କ୍ଷତି ପୂରଣ ପାଇଁ କେନ୍ଦ୍ରର କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ ବୋଲି ମଧ୍ୟ କହିଛନ୍ତି। ମାତ୍ର କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ର ବିପର୍ଯ୍ୟୟ ପରିଚାଳନା ଯୋଜନା ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦ୍ୱାରା ଚିହ୍ନଟ ବିପର୍ଯ୍ୟୟ-ପ୍ରତିରୋଧୀ କାର୍ଯ୍ୟଗୁଡ଼ିକୁ ଅନୁମୋଦନ କରିବାର ବ୍ୟବସ୍ଥା ରହିଛି ବୋଲି କହିଛନ୍ତି।

ବିଡ଼ମ୍ବନା ହେଉଛି, ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି ଏଯାଏ ପୂରଣ ହୋଇ ପାରିଲା ନାହିଁ। ସ୍ୱତନ୍ତ୍ର ଧ୍ୟାନ କେନ୍ଦ୍ରୀତ ରାଜ୍ୟ ମାନ୍ୟତା ସହ ସ୍ୱତନ୍ତ୍ର ସହାୟତା ମଧ୍ୟ ଓଡ଼ିଶାକୁ ମିଳିଲା ନାହିଁ। ଏବେ ତତ୍‌କାଳୀନ ସରକାର ଓଡ଼ିଶାକୁ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ବାବଦ ସହାୟତା ନିମନ୍ତେ କରିଥିବା ଦାବିକୁ କେନ୍ଦ୍ର ସରକାର ରୋକ୍ ଠୋକ୍ ମନା କରିଦେଇଛନ୍ତି। କେନ୍ଦ୍ର ସରକାର ଓ ନୀତି ଆୟୋଗ ନିକଟରେ ହୋଇଥିବା ଦାବିକୁ କେନ୍ଦ୍ର ଶକ୍ତିମନ୍ତ୍ରୀ ସ୍ୱୀକାର କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାକୁ କିଏ ନ୍ୟାୟ ଦେବ ତାହା ସବୁଠାରୁ ବଡ଼ ପ୍ରଶ୍ନ ଭାବରେ ଉଭା ହୋଇଛି।


**AFFIDAVIT**

I, Sekh Jyotibur Rehman, age about 41 years, S/o- Abdul Rehaman, At/Po- Pithapur, Bhograi, Dist- Baleswar-756038, declared by this Affidavit No. 893/2026, Dated 10.08.2026, that now onwards I shall be known as **JYOTIBORE REHAMAN** that for all future purposes.

**FOR SALE**

BHARAT BENZ 3528 C,MODEL 2024, Regn. No - OD-02-CY-3352, in as is where is condition. Contact: M/S Sundaram Finance Limited, NAYAGARH, BRANCH, Ph:0675-3299916, MOB -9437560891 within 7 days

**AFFIDAVIT**

I, Shelina Sahoo, W/O- Shishir Kumar Sahoo, resident of Plot No- 1546, Vaishnobi Vihar,Phase-1,Lane-1,Jajbhairab,P.O.- Agrahat, P.S.- Choudwar, Dist-Cuttack,Pin-754028,State- Odisha declare by this affidavit No. 236 dtd.- 07/08/2026 that now onwards I shall be known as **Jayanti Sahu** for all future Purposes.

**NOTICE FOR MINOR**

By virtue of an affidavit sworn before (THE NOTARY PUBLIC, DHARAMGARH, DIST- KALAHANDI), dated 10/08/2026, I, SANTOSH BEHERA, Address, S/O-LAKADBE BEHERA, VILLAGE/PO-CHAPRIA, PS- KEGAON, DIST-KALAHANDI, ODISHA-766036, declare that I have changed the name of My Son from SUJAL BEHERA to MANOJ BEHERA. Henceforth, he shall be known as **MANOJ BEHERA** for all purposes.

(SANTOSH BEHERA)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ELS-ANGL-OT-26-27-07

କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଠାରେ WAG-7/ WAG-9 ଇଲେକ୍ଟ୍ରିକ୍ ଇଂଜିନ (ଲୋକୋମୋଟିଭ) ଗୁଡ଼ିକର ପାଣ୍ଟୋଗ୍ରାଫ୍ (ମଡ଼େଲ AM-12/ IR01/EL01/GSEC-PAN01 /IR03H/ AM92/ HRPT WBL85HR/ LX3600/ 3800) ର ମରାମତି/ଓଭରହାଉଲିଙ୍ଗ୍ ।

ବିଜ୍ଞାପିତ ମୂଲ୍ୟ (₹) : 71,98,128.00, EMD (₹) : 1,44,000.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 5,900.00, ଶେଷ ହେବା ଅବଧି : 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.08.2026 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.09.2026ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS)/ ଅନୁଗୁଳ

PR-354/R/26-27

**AFFIDAVIT**

By virtue of an affidavit (SL No. 3470,dtd- 05/08/2026) sworn before The Executive Magistrate, Jaleswar. I, Ananta Patra, S/o Late Bhaku Patra, resident of Vill: Jhadeswarpur, PO/ PS: Jaleswar, Dist: Balasore, Odisha declare that, my actual name is Ananta Patra which is mentioned in my Aadhaar Card, vide No. 7212 2049 4853, but in my son's (Sujay Kumar Patra) BSE, Odisha certificate vide Roll No. 239CA0194 my name has been mentioned as Ananta Kumar Patra. Henceforth, Ananta Patra and Ananta Kumar Patra, father of Sujay Kumar Patra, both at the above-noted address, are one and the same person. Henceforth, I shall be known as Ananta Patra for all official and non-official purposes.

**NOTICE (MINOR)**

By virtue of an affidavit sworn before the Executive Magistrate Nuapada, Dt. 14/07/2026, I Damayanti Chandrakar w/o- Sanjay Chandrakar, permanent resident of At/Po/PS- Beltukri, Dist- Nuapada (Odisha) declare that I have changed the name of my son from FAISAL CHANDRAKAR to RUDRA CHANDRAKAR. Henceforth, he shall be known as **RUDRA CHANDRAKAR** for all purposes.

Damayanti Chandrakar

**AFFIDAVIT**

By virtue of an affidavit sworn before Notary Public Bhubaneswar on 10th Aug. 2026, I, Harsh Vardhan, S/o Sarat Swain, At-Baghuapalli, Po-Baladia Nuagaon, PS- Fategarh, Dist-Nayagarh, 752077 declare that I have changed my name from Hapi Swain to Harsh Vardhan Henceforth, I shall be known as **Harsh Vardhan** for all purposes.

Harsh Vardhan

**NOTICE (MINOR)**

By virtue of an affidavit sworn before Executive Magistrate, Bhubaneswar, dated 04/12/2025, C.F No-38. I, Subash Chandra Samal, S/o Late Bishnu Charan Samal, At- Bandhasahi, Po-Mahal, Ps- Patakura, Dist- Kendrapara, Odisha- 754210 declare that I have changed the name of my daughter from GITA SAMAL to MITALI SAMAL. Henceforth, She shall be known as **MITALI SAMAL** for all purposes.

Subash Chandra Samal

**AFFIDAVIT**

By virtue of an affidavit sworn before the Executive Magistrate, Athgada dated-10.8.2026 I Yamuna Behera D/O Jagannath Behera of village- Dashpur, Po- Megha Ps- Athagada , Dist- Katak declare that my original name is Yamuna Behera but in my Adhar Card bearing Number 5265 6159 6710 it was wrongly recorded as Jamuna Behera which recorded in my Birth , HSC and in the various certificate . So I will known as **Yamuna Behera** for all purposes.

**ସତ୍ୟପାଠ**

ଭବାନିପାଟଣାର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଗ୍ରହଣ କରାଯାଇଥିବା ସତ୍ୟପାଠ ତାରିଖ ୨୩.୦୬.୨୦୨୫ ବଳରେ, ମୁଁ ବାସୁଦେବ ନାଏକ, ବୟସ ୭୭ ବର୍ଷ, ପିତା: ସ୍ୱର୍ଗତ ମେଲା ନାଏକ, ଗ୍ରାମ: କୁରକାଭଟା, ଥାନା ନର୍ଲା, ନଂ-୫୦, ଜିଲ୍ଲା: କଳାହାଣ୍ଡି, ଆଧାର ନଂ- ୪୩୧୪ ୩୭୧୪ ୬୩୩୮, ଏହା କି ନର୍ଲା ତହସିଲ ଅନ୍ତର୍ଗତ ମୌଜା: କୁରକାଭଟା, ଖାତା ନଂ ୧୦୫ ର ଆର୍.ଓ.ଆର୍ (ପଟ୍ଟା) ରେ ବାସୁଦେବ ନାଏକ ଏବଂ ଖାତା ନଂ ୨୦୪ ଖାତାଦାର ଉଲ୍ଲେଖ ସ୍ଥାନରେ ଭୁଲ୍ ବଶତଃ ବାନୁରା ନାଏକ ଲେଖାଯାଇଛି, ମୋର ନାମ ଭୁଲ୍ ଭାବରେ ବାନୁରା ନାଏକ ଛପା ହୋଇଛି ଯାହାକି ମୋର ଡାକନାମ ଅଟେ । ଏହି ସତ୍ୟପାଠ ଦ୍ୱାରା ମୁଁ ଏଠାରେ ଘୋଷଣା କରୁଛି ଯେ ବାସୁଦେବ ନାଏକ ଏବଂ ବାନୁରା ନାଏକ ଜଣେ ଏବଂ ସମାନ ବ୍ୟକ୍ତି ଅଟନ୍ତି। ମୁଁ ସବୁ କ୍ଷେତ୍ରରେ ବାସୁଦେବ ନାଏକ ଭାବରେ ଜଣାଶୁଣା।

ବାସୁଦେବ ନାଏକ

**AFFIDAVIT**

I, SK Naseem, S/o- Late Abdul Naim, resident of At-khatbin Sahi, Near Urdu Traininig School Cuttack, Dist-Cuttack, Pin- 753001, Odisha declare by this affidavit No-140, dated- 26/05/2026, that now onwards I shall be known as **SHAIKH NASIM** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dtd- 06.08.2026. I Bijayalaxmi Pradhan resident of 174-P, Gajapati Nagar, Bhubaneswar, Dist- Khordha, Pin- 751005, declare that I have changed my name from **Bijaylaxmi Pradhan** (Old name) to **Bijayalaxmi Pradhan** (New name) Henceforth, I shall be known as **BIJAYALAXMI PRADHAN** for all purposes.

Bijayalaxmi Pradhan

**ମେସର୍ସ ଆଶୀର୍ବାଦ ଇଞ୍ଜିନିୟରିଂ ଏବଂ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍**

**ପରିବେଶ ଅନୁମୋଦନ**

ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ଦ୍ୱାରା ମେସର୍ସ ଆଶୀର୍ବାଦ ଇଞ୍ଜିନିୟରିଂ ଏବଂ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍ ଙ୍କ ପ୍ରସ୍ତାବିତ ମୌଜା-ଜାଗମରା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ଠାରେ ଏକ (2B+G+13) ବହୁତଳ ଭବନ ପ୍ରକଳ୍ପର ଗୋଟିଏ ବ୍ଲକ୍ ନିର୍ମାଣ ପାଇଁ ପରିବେଶ ଅନୁମୋଦନ (Environmental Clearance) ପ୍ରଦାନ କରାଯାଇଛି।

ପରିବେଶ ଅନୁମୋଦନର ନକଲ, EC Identification No. EC25C0000OR5825619N, File No. 556822/164-INFRA2/11-2025, ତାରିଖ 04.08.2026, ସନ୍ଦର୍ଭ ପାଇଁ ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (OSPCB) ଠାରେ ଉପଲବ୍ଧ ଅଛି ଏବଂ ବୋର୍ଡର ୱେବସାଇଟ୍ / ପରିବେଶ ପୋର୍ଟାଲ୍ (www.parivesh.nic.in) ରେ ମଧ୍ୟ ଦେଖାଯାଇପାରିବ।

ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ଦ୍ୱାରା EIA Notification, 2006 ର ବ୍ୟବସ୍ଥା ଅନୁଯାୟୀ ଉକ୍ତ ପ୍ରକଳ୍ପ ପାଇଁ ପରିବେଶ ଅନୁମୋଦନ ପ୍ରଦାନ କରାଯାଇଛି, ଯାହା ପରିବେଶ ଅନୁମୋଦନ ପ୍ରଦାନ ତାରିଖ ଠାରୁ ୧୦ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ।

ସ୍ୱାକ୍ଷରିତ/-
ଅଧିକୃତ ସ୍ୱାକ୍ଷରକାରୀ
ମେସର୍ସ ଆଶୀର୍ବାଦ ଇଞ୍ଜିନିୟରିଂ ଏବଂ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍, ଖୋର୍ଦ୍ଧା, ଓଡ଼ିଶା।



**OFFICE OF THE MUNICIPAL COUNCIL, BHABANIPATNA**
**DIST-KALAHANDI, PIN-766001**

13001/1484/2627

"e" Procurement NOTICE.

**Bid Identification No. BPM / 09/2026-27**

**Bid Identification No. BPM / 2971 , dt 05/08/2026**

The Executive Officer on behalf of Bhabanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen from the Govt. Website i.e. https://tendersodisha.gov.in

1. Number of Civil works: 01 (One) Number
2. Estimated Costs: 12.63 lakhs
3. Period of completion: As per NIT
4. Date and time of availability of the bid documents in the portal: From 01:00 P.M. of 06.08.2026 to 05:00 PM of 20.08.2026
5. Last Date/ Time for receipt of bids in the portal: 05:00 PM of 20.08.2026
6. Bids will be opened on: 11:00 AM of Dt. 21.08.2026
7. Name and address of the officer inviting bid: Executive Officer, Bhabanipatna Municipality

Executive Officer
Bhabanipatna Municipality

OIPR-13001/13100/1/26-27/0012

25001/907/2627

E-mail: eerw_ptng@yahoo.in
Phone No - 06658-222121

**GOVT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION PATNAGARH**
**e Procurement Notice**
**IFB IDENTIFICATION NO. EEPTNG- Online-05/2026-27**

| | | | |
|---|---|---|---|
| 1. | Name of work | : | Upgradation of PHC Buildings AMA Hospital work |
| 2. | Total no of work | : | 01 (One) No works |
| 3. | Time for completion | : | 09 (Nine) Calendar month |
| 4. | Approximate estimated cost | : | 49.00 lakhs |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding From | Availability of Tender online for bidding To | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W.Divn., Patnagarh | EEPTNG-Online-05/2026-27 | 17.08.2026 at 11.00 AM | 31.08.2026 upto 5.00 P.M | 29.08.2026 upto 5.00 PM | 01.09.2026 at 11.00 A.M |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Executive Engineer
R. W.Division, Patnagarh

OIPR-25001/25154/1/26-27/0007

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**RENGALI LEFT BANK CANAL DIVISION, AT/P.O. Kamakhyanagar**
**Dist: Dhenkanal, Odisha, PIN-759018**

32001/668/2627

☎ : 06769-270771 | Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P-06/2026-27**

| | | |
|---|---|---|
| 1 | Category of Work | "Civil Construction Work". |
| 2 | Total No. of Works | 04 (Four) Nos of work. |
| 3 | Estimated Cost | Varies from Rs.18.02 Lakhs to Rs.11.65 Lakhs |
| 4 | Period of Completion | Varies from 60 Days to 30 Days |
| 5 | Class of Contractor | "C" Class & "D"Class (Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | Rs. 6,000/- (Non-Refundable) Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies from Rs. 18,020/- to Rs. 11,650/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 11.08.2026 from 10.00 Hours to 21.08.2026 up to 17.00 Hours. |
| | (iii) Date, time & venue of Bid Opening (Online) | On Dt.24.08.2026 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.03.09.2026 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
Kamakhyanagar

OIPR-32001/32298/1/26-27/0006

13001/1473/2627

**WATCO**
**OFFICE OF THE GENERAL MANAGER,**
**WATCO DIVISION-II, BHUBANESWAR,**
Near Rajiv Bhawan, Unit-V, Bhubaneswar-751001, Odisha, India
Telefax: - +91-674-2390322 E-mail - gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT

**Invitation For Bids (IFB)**
**Dtd.07.08.2026**

| | | | |
|---|---|---|---|
| 01 | Name of the work | : | Laying of 200mm dia D.I. pipe line (K-7) From Rajarani colony to Hatiasuni on main road due to overlapping of drain and pipe line at current position in ward no. 58 under WATCO Section, Badagada, BBSR. (Laying of 200mm dia D.I. Pipe line) |
| 02 | Estimate cost | : | Rs.31.00 lakhs |
| 03 | Period of completion | : | 02 (Two) Months |
| 04 | Class of contractor | : | C & B Class |
| 05 | Date & Time of availability of bid document In the portal | : | From 11.00 AM of Dt.12.08.26 to 5.00 PM of 24.08.2026 |
| 06 | Last date / time of receipt of bids in the portal | : | 5.00 PM of 24.08.2026 |
| 07 | Last date & time of seeking clarification | : | 5.00 PM of 17.08.2026 |
| 08 | Date & Time of opening of bids | : | At 12.30 PM of 25.08.2026 |
| 09 | Name and Address of the Officer Inviting Bid | : | General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"

OIPR-13001/13089/1/26-27/0006

GENERAL MANAGER
WATCO DIVISION-II, BHUBANESWAR

# ଗୋରେଖନାଥ ପୀଠରେ ୪୦ ହଜାର କାଉଡ଼ିଆଙ୍କ ଜଳଲାଗି

ରଘୁନାଥପୁର,୧୦।୮ (ସମିସ)



ଶ୍ରାବଣ ମାସ ଦ୍ୱିତୀୟ ସୋମବାରରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କୁ ୪୦ ହଜାରରୁ ଉଜାର କାଉଡ଼ିଆ ଜଳଲାଗି କରିଥିବା ଉପଦେଷ୍ଟା କମିଟି ସଦସ୍ୟ ସୁରେନ୍ଦ୍ରନାଥ ସ୍ୱାଇଁ ଓ ବିଜୟ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ମହାନଦୀ ଓ ଏହାର ଶାଖାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ସତ୍ତ୍ୱେ ମାନସିକଧାରୀ ମାନେ ବିଭିନ୍ନ ଘାଟରୁ ପାଣି ଉଠାଇ ପ୍ରଭୁଙ୍କ ପୀଠ ଅଭିମୁଖେ ଯାତ୍ରା କରିଥିଲେ। ରବିବାର ଠାରୁ ପୀଠରେ କାଉଡିଆଙ୍କ ଗହଳି ଆରମ୍ଭ ହୋଇଥିଲା। ପ୍ରବଳ ଭକ୍ତ ସମାଗମକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ରାତି ୧ ଟାରୁ ପ୍ରଭୁଙ୍କ ନୀତି ସମାପନ ପରେ ଭକ୍ତମାନେ ପ୍ରଭୁଙ୍କୁ ଜଳଲାଗି କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ପୁଲିସ ପକ୍ଷରୁ ପୀଠ ଓ ବିଭିନ୍ନ ସ୍ଥାନରେ ୧ ଶହ ପୁଲିସଙ୍କୁ ନିୟୋଜିତ କରାଯାଇଥିଲା। ଏହାଛଡା ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟମାନେ ପୀଠ ପରିସରରେ ଉପସ୍ଥିତ ରହି ସେବା ଉପଲବ୍ଧ କରାଇଥିଲେ। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୀଠ ପକ୍ଷରୁ ପର୍ଯ୍ୟାପ୍ତ ପାନୀୟଜଳ, ଶୌଚାଳୟ ସହ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ଏହାଛଡା ରହିବା ପାଇଁ ଟେଣ୍ଟ ଓ ଫାଷ୍ଟେଡ ସୁବିଧା କରାଯାଇଥିଲା। ପୀଠ ସମ୍ମୁଖ ରାସ୍ତାର କେତେକ ସ୍ଥାନରେ ଥିବା ଖାଲଖମା ମରାମତି ହୋଇନଥିବାରୁ ଅନେକ କାଉଡ଼ିଆ ଜାଣିନପାରି ଖାଲରେ ପଡ଼ି ଆହତ ହୋଇଥିବା ପ୍ରକାଶ କରିଛନ୍ତି। ଏତଦ୍ ବ୍ୟତୀତ ୬/୭ ଗୋଟି ସେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆଗନ୍ତୁକ ଭକ୍ତଙ୍କ ପାଇଁ ପୀଠ ଚତୁପାଶ୍ୱର୍ରେ ମୁକ୍ତ ଭୋଜନ ସେବା ଯୋଗାଇ ଦିଆଯାଇଥିଲା। ତିର୍ତ୍ତୋଲ ତହସିଲଦାର ମହଶ୍ୱର ବେହେରା ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ। ପୀଠ ଉପଦେଷ୍ଟା କମିଟି ସଦସ୍ୟ ପ୍ରମୋଦ ମହାନ୍ତି ଓ ସୁଶାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ ଦାସଙ୍କ ନେତୃତ୍ୱରେ ଆଇଆଇସି ବଂଶୀଧର ପ୍ରଧାନ ଓ ରଘୁନାଥପୁର ଆଇଆଇସି ପ୍ରେମଜିତ ଦାସ ବିଭିନ୍ନ ଘାଟରୁ ମନ୍ଦିର ପର୍ଯ୍ୟନ୍ତ ଆସିବାକୁ ଥିବା ରାସ୍ତାରେ ପାଟ୍ରୋଲିଂ କଡାକଡି କରିଥିଲେ।

## ଗ୍ରାମେଶ୍ୱରଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼



ଏରସମା,୧୦।୮ (ସମିସ): ଏରସମା ବ୍ଲକ୍ ଅନ୍ତର୍ଗତ ପଞ୍ଚପଲ୍ଲୀସ୍ଥିତ ପ୍ରସିଦ୍ଧ ଗ୍ରାମେଶ୍ୱର ମହାଦେବଙ୍କ ପୀଠରେ ଶ୍ରାବଣ ସୋମବାରରେ ଜଳାଭିଷେକ ପାଇଁ ଜଗତସିଂହପୁର ଜିଲ୍ଲା ସମେତ ଜିଲ୍ଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଓ କାଉଡ଼ିଆଙ୍କ ସମାଗମ ହୋଇଥିଲା। କାଉଡ଼ିଆମାନେ ମହାନଦୀ, ଦେବୀ ନଦୀ ସମେତ ବିଭିନ୍ନ ନଦୀରୁ ପବିତ୍ର ଜଳ ସଂଗ୍ରହ କରି ଶିବଙ୍କ ଉପରେ ଜଳ ଢାଳି ଜଳାଭିଷେକ କରିଥିଲେ। ରାତି ପ୍ରାୟ ୪ଟାରୁ ମନ୍ଦିରରେ ମଙ୍ଗଳ ଆଳତି, ମହାଦେବଙ୍କ ସ୍ନାନ ଓ ବାଲଧୂପ ନୀତି ସମ୍ପନ୍ନ ହେବା ପରେ କାଉଡ଼ିଆଙ୍କ ଜଳାଭିଷେକ ଆରମ୍ଭ ହୋଇଥିଲା। ଭକ୍ତଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ସୁବ୍ୟବସ୍ଥିତ ଧାଡ଼ି ବ୍ୟବସ୍ଥା କରାଯାଇଥିଲା। ବିଶେଷ ଉଲ୍ଲେଖନୀୟ ଭାବେ ଏଥର ପୁରୁଷ କାଉଡ଼ିଆଙ୍କ ତୁଳନାରେ ମହିଳା କାଉଡ଼ିଆଙ୍କ ସଂଖ୍ୟା ଅଧିକ ଦେଖିବାକୁ ମିଳିଥିଲା। ଏରସମା ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଳଙ୍କ ଉପସ୍ଥିତିରେ ଏରସମା ପୁଲିସ ପକ୍ଷରୁ ମନ୍ଦିର ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଭକ୍ତମାନଙ୍କ ଯାତାୟାତ ଓ ଜଳାଭିଷେକ ପାଇଁ ମଧ୍ୟ ଆବଶ୍ୟକ ବ୍ୟବସ୍ଥା ନିଆଯାଇଥିଲା। ମନ୍ଦିର ପରିଚାଳନା ବୋର୍ଡ ସଭାପତି ଶିଶିର କୁମାର ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ସିମଇଁ ଚରଣ ଭୋଳ, ରାଜେନ୍ଦ୍ର ପ୍ରସାଦ ଜେନା, ଶୁଭନାରାୟଣ ମିଶ୍ର, ନାରାୟଣ ମହାନ୍ତି, ଗ୍ରାମ୍ୟ ମୁରବୀ କ୍ଷେତ୍ରମୋହନ ଦାସ, ନିତ୍ୟାନନ୍ଦ ଦାସଙ୍କ ସମେତ ଗ୍ରାମେଶ୍ୱର କ୍ଲବର ସଦସ୍ୟ ମନୋଜ ମିଶ୍ର, ପ୍ରଶାନ୍ତ ରାମ, ଆଶିଷ ଜେନା, କାଳିଆ ବାରିକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ରାମ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ।

କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ବଦାନ୍ୟ ବ୍ୟକ୍ତି ଓ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ପ୍ରସାଦ ସେବନ କେନ୍ଦ୍ର ଖୋଲାଯାଇଥିଲା। ଫଳରେ ଦୂରଦୂରାନ୍ତରୁ ଆସିଥିବା କାଉଡ଼ିଆମାନେ ମାଗଣାରେ ପ୍ରସାଦ ସେବନ କରିବା ସହ ବିଶ୍ରାମ ନେବାର ସୁଯୋଗ ପାଇଥିଲେ।

## ଶ୍ରାବଣରେ ମହାଦେବଙ୍କୁ ଜଳାଭିଷେକ



କୁଜଙ୍ଗ,୧୦।୮ (ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ଅଞ୍ଚଳରେ କିଛି ଉଚ୍ଚ ଶିକ୍ଷିତ ଯୁବକ ନିଆରା ଢଙ୍ଗରେ ଜଳାଭିଷେକ କରିଛନ୍ତି। ରୁଦ୍ରପ୍ରକାଶ ପରିଡ଼ା, ସମ୍ବିତ ମିଶ୍ର, ସଂଗ୍ରାମ ମିଶ୍ର, ସଚିନ ଦାସ ଓ ରାଜେଶ ପଣ୍ଡା ପ୍ରମୁଖ ମହାନଦୀରୁ ବିନା ପ୍ଲାଷ୍ଟିକ ସାମଗ୍ରୀ ସହ ନୀରବରେ ଶିବଙ୍କ ପବିତ୍ର ନାମ ଜପ ସହ ବିନା କୋଳାହଳ ହୋ ହାଲ୍ଲା ରେ ପଙ୍କପାଳ ର ଆରାଧ୍ୟ ପ୍ରଭୁ ନୀଳକଣ୍ଠ ଙ୍କ ଠାରେ ଜଳ ଲାଗି କରିଛନ୍ତି। ଏହା ସହ ପରିବେଶ ସୁରକ୍ଷା ଓ ସବୁଜିମା ରକ୍ଷା ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ସ୍ଥାନୀୟ ପୂଜକ ପ୍ରମୋଦ କୁମାର ସାମନ୍ତରାୟ କହିଛନ୍ତି।

## ବୋଲବମ ଶ୍ରଦ୍ଧାଳୁଙ୍କ ଗାଡ଼ି ଦୁର୍ଘଟଣା, ୫ ଗୁରୁତର



ତିର୍ତ୍ତୋଲ,୧୦।୮ (ସମିସ): ଆଜି ଅପରାହ୍ନରେ କୁଜଙ୍ଗ ଥାନା ଫତେପୁର ଖରିଗୋଠ ଅଞ୍ଚଳର ୨୦ ଜଣରୁ ଊର୍ଦ୍ଧ୍ୱ ବୋଲବମ ଶ୍ରଦ୍ଧାଳୁ ନୟାଗଡ଼ର ଲଡୁବାବା ନିକଟରେ ପାଣି ଢାଳି ଓଡ଼ି୨୧ୟୁ ୪୮୯୮ ନମ୍ବର୍ ବିଶିଷ୍ଟ ଟାଟା ଏସି ଗାଡ଼ିରେ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ତିର୍ତ୍ତୋଲ ଥାନା କୋଟକଣା ବଜାର ନିକଟରେ ଭାରସାମ୍ୟ ହରାଇ ତଳକୁ ଖସିପଡିବା ସହ ଠାକୁରଙ୍କ ସିମେଣ୍ଟ ହୁଣ୍ଡିରେ ଧକ୍କା ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ତିର୍ତ୍ତୋଲ ଅଗ୍ନିଶମ କର୍ମଚାରୀ ପହଞ୍ଚି ବୋଲବମ କାଉଡ଼ିଆମାନଙ୍କୁ ଉଦ୍ଧାର କରି ସହିତ ସ୍ଥାନୀୟ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଥିରେ ସମୁଦାୟ ୧୭ ଜଣ ଆହତ ହୋଇଥିବା ବେଳେ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତର ଆହତଙ୍କୁ ଜଗତସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ନେଇ ସୂଚନା ମିଳିଛି।

## ଡିଏଲ୍‌ଆର ଶ୍ରମିକଙ୍କ ଅଧିକାର ପାଇଁ ଏକାଠି ହେଲେ ୧୩ ସଂଘ



ପାରାଦୀପ, ୧୦।୮ (ସମିସ): ପାରାଦୀପ ବନ୍ଦରରେ କାର୍ଯ୍ୟରତ ଡିଏଲ୍‌ଆର (ଦୈନିକ ଶ୍ରମ ମୂଲ୍ୟାଙ୍କିତ) ଶ୍ରମିକଙ୍କ ବୈଧ ଅଧିକାର, ମର୍ଯ୍ୟାଦା ଏବଂ କଲ୍ୟାଣ ପାଇଁ ସାମୂହିକ ଭାବରେ ଲଢ଼ିବାକୁ ଏକାଠି ହେଲେ ୧୩ଟି ସଂଘ। ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ମିଳିତ ସମନ୍ୱୟ ବୈଠକରେ ପାରାଦୀପ ବନ୍ଦର ସହିତ ଜଡ଼ିତ ସମସ୍ତ ୧୩ଟି ଟ୍ରେଡ୍ ୟୁନିଅନ୍‌ର କର୍ମକର୍ତ୍ତା ଯୋଗ ଦେଇ ଆଲୋଚନା କରିଥିଲେ। ଦୀର୍ଘ ସମୟ ଧରି ଡିଏଲଆର କର୍ମଚାରୀମାନେ ପାରାଦୀପ ବନ୍ଦର ପରିଚାଳନା ସହିତ ଅନେକ ଦୀର୍ଘକାଳୀନ ସମସ୍ୟା ଏବଂ ଚିନ୍ତାର ସମ୍ମୁଖୀନ ହୋଇଆସୁଛନ୍ତି। ଏହି କଠିନ ପରିଶ୍ରମୀ ଶ୍ରମିକମାନେ ପାରାଦୀପ ବନ୍ଦରର ଅଭିବୃଦ୍ଧି ଏବଂ କାର୍ଯ୍ୟକାରିତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ସେମାନଙ୍କର ପ୍ରକୃତ ଦାବିଗୁଡ଼ିକ ଶୁଣାଯିବା ଏବଂ ନ୍ୟାୟ ସହିତ ସମାଧାନ କରାଯିବା ଉଚିତ ବୋଲି ଏହି ମିଳିତ ବୈଠକରେ ଆଲୋଚନା କରାଯାଇଥିଲା। ବନ୍ଦରର ସ୍ୱୀକୃତିପ୍ରାପ୍ତ ୧୩ଟି ଟ୍ରେଡ୍ ୟୁନିୟନ ମିଳିତ ଭାବେ ଦେଇଥିବା ଦାବି ଗୁଡିକୁ ନେଇ ପୂର୍ବରୁ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦେଇଥିବା ଦାବି ଗୁଡିକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବନ୍ଦର କର୍ତ୍ତୃପକ୍ଷ ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ ନ କରନ୍ତି ତେବେ ବନ୍ଦରରେ କାର୍ଯ୍ୟରତ ସମସ୍ତ ଡିଏଲଆର ଶ୍ରମିକମାନଙ୍କୁ ନେଇ ଆନ୍ଦୋଳନ କରାଯିବା ବୋଲି ମିଳିତ କାର୍ଯ୍ୟକାରୀ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଭାରତୀୟ ବନ୍ଦର ମଜଦୁର ସଂଘ, ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ, ପାରାଦୀପ ବନ୍ଦର ଶ୍ରମିକ ସଂଘ, ଉତ୍କଳ ବନ୍ଦର ଏବଂ ଡକ୍ ଶ୍ରମିକ ସଂଘ, ଡକ୍ଟର ବି.ଆର. ଆମ୍ବେଦକର ଶ୍ରମିକ ସଂଘ, ପାରାଦୀପ ବନ୍ଦର ଡକ୍ ଏବଂ ନିର୍ମାଣ ଶ୍ରମିକ ସଂଘ, ପାରାଦୀପ ବନ୍ଦର ଶ୍ରମିକ କର୍ମଚାରୀ ସଂଘ, ପାରାଦୀପ ବନ୍ଦର ଏବଂ ଡକ୍ ମଜଦୁର ସଂଘ, ପାରାଦୀପ ବନ୍ଦର ଏବଂ ଡକ୍ ଶ୍ରମିକ ସଂଘ, ପାରାଦୀପ ଡକ୍ ଏବଂ ପରିବହନ ଶ୍ରମିକ ସଂଘ ପ୍ରମୁଖ ସାମିଲ ହୋଇଥିଲେ। ବିଶିଷ୍ଟ ଶ୍ରମିମ ନେତା ବାପି ସର୍ଖେଲଙ୍କ ନେତୃତ୍ୱରେ ସମସ୍ତ ସଂଘର ସଭାପତି, ସାଧାରଣ ସମ୍ପାଦକ, ପଦାଧିକାରୀ ଯୋଗଦେଇ ଆଲୋଚନା କରିଥିଲେ।

## ନିଶା ନିବାରଣ ସଚେତନତା

ନାଉଗାଁ,୧୦।୮ (ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଶ ପଞ୍ଚାୟତ ସ୍ଥିତ ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ନାଉଗାଁ ବ୍ରହ୍ମା କୁମାରୀ ଅନୁଷ୍ଠାନ ତରଫରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୀବନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ଯୋଗଦେଇ,ଭଲ ସାଙ୍ଗ ବାଛିବା, ଶୃଙ୍ଖଳିତ ଜୀବନଯାପନ କରିବା, ନିଜର ଲକ୍ଷ୍ୟ ପ୍ରତି ସଚେତନ ରହିବା ଦ୍ୱାରା ନିଶା ଭଳି ଅଭ୍ୟାସ ଠାରୁ ଦୂରରେ ରହିହେବ ବୋଲି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ସମାଜସେବୀ ତଥା ଓଡ଼ିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ପ୍ରଶାସକ ରବୀନ୍ଦ୍ର କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଏହା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିବା ଦେଖାଯାଇଛି।

## ଶ୍ରମିକଙ୍କ ପରିବାର ପାଇଲେ କ୍ଷତିପୂରଣ

## ପିଆଇସିଟି କମ୍ପାନୀ ଦେଲା ୫ ଲକ୍ଷ ଟଙ୍କା



ପାରାଦୀପ,୧୦।୮ (ସମିସ): ବିଶିଷ୍ଟ ଶ୍ରମିକ ନେତା ତଥା ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର ସଭାପତି ବାପି ସର୍ଖେଲଙ୍କ ହସ୍ତକ୍ଷେପ ଫଳରେ କ୍ଷତିପୂରଣ ପାଇଲେ ମୃତ ଶ୍ରମିକଙ୍କ ପରିବାର ଲୋକେ। ଦୀର୍ଘ ୯ ମାସ ତଳେ ପିଆଇସିଟିର ଇଷ୍ଟକୋଷ୍ଟ କମ୍ପାନୀରେ କାର୍ଯ୍ୟ କରୁଥିବା ପାରାଦୀପ ପୌରାଞ୍ଚଳ ଅଧୀନ ଷଣ୍ଢକୁଦ ବସ୍ତି ଅଞ୍ଚଳର ରବୀନ୍ଦ୍ରନାଥ ଆଚାରୀ ନାମକ ଜଣେ ଶ୍ରମିକ ହଠାତ୍ ଦେହ ଖରାପ ହୋଇଥିବାରୁ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିଲେ ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଶ୍ରମିକ ନେତା ବାପି ସର୍ଖେଲ ଉଦ୍ୟମ ଫଳରେ ପରିବାରକୁ କମ୍ପାନୀ ପକ୍ଷରୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଥିଲା। ଆଜି ମୃତ ଶ୍ରମିକଙ୍କ ପରିବାର ବାପି ସର୍ଖେଲଙ୍କୁ ଭେଟି ୟୁନିୟନ କାର୍ଯ୍ୟାଳୟରେ ତାଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇବା ସହ ସେ ଘରର ଏକ ମାତ୍ର ରୋଜଗାରିଆ ପୁଅ ହୋଇଥିବାରୁ ତାଙ୍କୁ ହରେଇବା ପରେ ଏବେ ଘର ଚଳେଇବା କଷ୍ଟକର ହୋଇପଡିଛି। ତେଣୁ ପରିବାରରୁ ଜଣକୁ କୌଣସି ଏକ କମ୍ପାନୀରେ ନିଯୁକ୍ତି ଦେବା ପାଇଁ ସାଥି ଶ୍ରମିକ, ପରିବାର ଓ ସାଙ୍ଗସାଥୀ ମାନେ ବାପି ସର୍ଖେଲଙ୍କୁ ଅନୁରୋଧ ଜଣାଇଛନ୍ତି।

## ଶିକ୍ଷକ ନେତା ସାରଦା ସିଂହଙ୍କ ପରଲୋକ



ଜଗତସିଂହପୁର,୧୦।୮ (ସମିସ): ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସର ପ୍ରାପ୍ତ ଶିକ୍ଷକ ମଞ୍ଚ ଜଗତସିଂହପୁରର ସାଧାରଣ ସମ୍ପାଦକ ତଥା ରାଜ୍ୟ ସଂଘର ସଦସ୍ୟ ସାରଦା ପ୍ରସନ୍ନ ସିଂଙ୍କର ୭୫ବର୍ଷ ବୟସରେ ଭୁବନେଶ୍ୱର ଠାରେ ଏକ ଘରୋଇ ଡାକ୍ତରଖାନାରେ ଦେହାନ୍ତ ହୋଇଛି। ତାଙ୍କ ମରଶରୀରକୁ ନିଜ ଗ୍ରାମ କାଟେସିଂପୁର ଅଣାଯାଇ ଶବ ସତ୍କାର କରାଯାଇଥିଲା। ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଉପଦେଷ୍ଟା ବିଜୟ କୁମାର ବିଶ୍ୱାଳ, ଈଶ୍ୱର ଚନ୍ଦ୍ର ନନ୍ଦ, ରାମଚନ୍ଦ୍ର ଆଚାର୍ଯ୍ୟ, ବିଜୟ କୁମାର ପତି, ମହେଶ ଚୌଧୁରୀ ପବିତ୍ର ମୋହନ ସାହୁ, ସନ୍ତୋଷ କୁମାର ସ୍ୱାଇଁ, ଲକ୍ଷ୍ମୀଧର ବସ୍ତିଆ, ନୃସିଂହ ଚାନ୍ଦ, ବିଷ୍ଣୁ ଦାସ, ପ୍ରଭୁଚରଣ ମହାନ୍ତି, ଆଦି ଶିକ୍ଷକ ନେତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ସିଂ ସେ ପଲ୍ଲୀ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରି ୨୦୧୦ ମସିହାରେ ଅବସର ନେଇଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ, ଦକ୍ଷ ଶିକ୍ଷକ ନେତା, ପରୋପକାରୀ ଓ ସମାଜ ସେବୀ ଥିଲେ। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ନାଉଗାଁ,୧୦।୮ (ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୦୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୩ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୨ଟି, ଆବାସ ଯୋଜନା ସମ୍ପର୍କୀୟ ୯ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୬ଟି, ଭତ୍ତା ପାଇବା ପାଇଁ ୭ ଟି, ପୁଲିସ୍ ସହାୟତା ପାଇଁ ୨ଟି ଏବଂ ଅନ୍ୟାନ୍ୟ ୧୬ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର ନାଉଗାଁ ଅକ୍ଷୟ କୁମାର ବଡୁ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ପାରାଦୀପ ବନ୍ଦରରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ



ପାରାଦୀପ,୧୦।୮ (ସମିସ): "ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଦେଶପ୍ରେମ, ଜାତୀୟ ଏକତା ଓ ଗୌରବର ଭାବନାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। "ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ, ଉପାଧ୍ୟକ୍ଷ ଟି.ବେଣୁ ଗୋପାଳ, ସଚିବ କ୍ରିଷ୍ଣା ବାପି ରାଜୁ ଜି, ବିଭିନ୍ନ ବିଭାଗର ମୁଖ୍ୟ, ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସିଆଇଏସଏଫ ଯବାନଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା। ଏହି ଅବସରରେ "ହର୍ ଘର୍ ତିରଙ୍ଗା' ଅଭିଯାନର ଅଂଶ ଭାବେ ପାରାଦୀପ ବନ୍ଦର ପକ୍ଷରୁ ସିଆଇଏସଏଫ ୟୁନିଟ୍ ଦ୍ୱାରା ଏକ ତ୍ରିରଙ୍ଗା ବାଇକ୍ ରାଲି ଆୟୋଜିତ ହୋଇଥିଲା। ରାଲିରେ ତ୍ରିରଙ୍ଗା ପତାକା ଧରି ଅଂଶଗ୍ରହଣକାରୀମାନେ ଦେଶପ୍ରେମ, ଜାତୀୟ ଏକତା ଓ ଗୌରବର ବାର୍ତ୍ତା ପ୍ରଚାର କରିଥିଲେ। ।ରାଦୀପ ବନ୍ଦରରେ ଆୟୋଜିତ ଏହି କାର୍ଯ୍ୟକ୍ରମଗୁଡ଼ିକ ଦେଶପ୍ରେମ, ଜାତୀୟ ଏକତା ଏବଂ ତ୍ରିରଙ୍ଗା ପ୍ରତି ସମ୍ମାନର ଭାବନାକୁ ଆହୁରି ସୁଦୃଢ଼ କରିଥିଲା।

## ଅଳକା ଆଶ୍ରମରେ କ୍ରାନ୍ତି ଦିବସ



ଜଗତସିଂହପୁର,୧୦।୮ (ସମିସ): ସ୍ୱାଧୀନତା ସଂଗ୍ରାମର ସ୍ମୃତି ବହନ କରୁଥିବା ଅଗଷ୍ଟ ୯ କ୍ରାନ୍ତି ଦିବସ ଜଗତସିଂହପୁର ସହରର ଚାତ୍ରା ସ୍ଥିତ ଅଳକା ଆଶ୍ରମ ପରିସରରେ ପାଳିତ ହୋଇଯାଇଛି। ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଦେବେନ୍ଦ୍ର ରାଉତ, ପ୍ରତାପ କୁମାର ଲେଙ୍କା, ନିରଞ୍ଜନ ବିଶ୍ୱାଳ ଏବଂ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଯୋଗଦେଇ କ୍ରାନ୍ତି ଦିବସ ପାଳନର ଆଭିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ସ୍ୱାଧୀନତା ସଂଗ୍ରାମରେ ଜଗତସିଂହପୁର ମାଟିର ଅବଦାନ ଏବଂ ଜିଲ୍ଲାର ସଂଗ୍ରାମୀ ମାନଙ୍କ ତ୍ୟାଗ, ବଳିଦାନ ତଥା ଦେଶଭକ୍ତିର ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଳକା ଆଶ୍ରମର ସଦସ୍ୟ ଲାଲା ସଂଗ୍ରାମ କେଶରୀ ରାୟ ଏବଂ ଜ୍ୟୋତି ରଞ୍ଜନ ପ୍ରଧାନ ଏଥିରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କୋଷାଧ୍ୟକ୍ଷ ବିଜୟ କୁମାର ରଥ ଧନ୍ୟବାଦ ଦେଇଥିଲେ।

# ୧୭ ପର୍ଯ୍ୟନ୍ତ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ

ଜଗତସିଂହପୁର,୧୦।୮ (ସମିସ)

ଆସନ୍ତା ସ୍ୱାଧୀନତା ଦିବସ ତଥା ଜାତୀୟ ସଙ୍ଗୀତ "ବନ୍ଦେ ମାତରମ୍'ର ୧୫୦ ତମ ବର୍ଷପୂର୍ତ୍ତି ଅବସରରେ ଜିଲ୍ଲାବ୍ୟାପୀ ୯ ରୁ ୧୭ ଅଗଷ୍ଟ ପର୍ଯ୍ୟନ୍ତ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ବ୍ୟାପକ ଭାବେ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଜିଲ୍ଲାପାଳ ଜେ. ସୋନାଲ 'ହର୍ ଘର୍ ତିରଙ୍ଗା' ଅଭିଯାନ ଅନ୍ତର୍ଗତ ଜିଲ୍ଲାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ସମସ୍ତ ସରକାରୀ କୋଠା, ସେତୁ, ଚିକିତ୍ସାଳୟ , ବିଦ୍ୟାଳୟ, ବଜାର, ବସ୍ ଟର୍ମିନାଲ, ରେଳ ଷ୍ଟେସନ୍ ଏବଂ ପ୍ରମୁଖ ଛକଗୁଡ଼ିକୁ ତ୍ରିରଙ୍ଗା ଆଲୋକମାଳାରେ ସୁସଜିତ କରାଯିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାତୀୟତାବୋଧ ବୃଦ୍ଧି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତୀୟ ପତାକାର ବିକାଶ ଯାତ୍ରା ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଅବଦାନ ସମ୍ବଳିତ ତ୍ରିରଙ୍ଗା ଓ ବନ୍ଦେ ମାତରଂ ପ୍ରଦର୍ଶନୀ ଅୟୋଜନ କାରାଯିବ। ସବୁ ସ୍କୁଲ ଓ କଲେଜରେ "ବନ୍ଦେ ମାତରମ୍' ଓ ଜାତୀୟସଙ୍ଗୀତ ଗାନ କରାଯିବ। ଯୁବପିଢ଼ିଙ୍କ ମଧ୍ୟରେ ଦେଶଭକ୍ତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ୧୧ ଅଗଷ୍ଟ ସକାଳ ୮ଟାରେ ଜିଲ୍ଲା ସଦର ମହକୁମାରେ ଏକ "ମେଗା ତ୍ରିରଙ୍ଗା ରାଲି' ଅନୁଷ୍ଠିତ ହେବ। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସରରୁ ବାହାରି ଏହି ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ସଅଁରା ସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ପହଞ୍ଚିବ। ଏହା ବ୍ୟତୀତ ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ସ୍ଥାନୀୟ ବିଡିଓ ଏବଂ ତହସିଲଦାରମାନଙ୍କ ନେତୃତ୍ୱରେ ସାଇକଲ, ବାଇକ୍ ଏବଂ ପଦଯାତ୍ରା ରାଲି ଆୟୋଜନ କରାଯିବ। ସାର୍ବଜନୀନ ସ୍ଥାନରେ ତ୍ରିରଙ୍ଗା ଆଧାରିତ ରଙ୍ଗୋଲି ପ୍ରଦର୍ଶନୀ ଓ ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିସହିତ ଆସନ୍ତା ୧୪ ଅଗଷ୍ଟରେ ଦେଶ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ ଅବସରରେ



ସମସ୍ତ କାର୍ଯ୍ୟାଳୟ ରେ ୨ ମିନିଟ୍ ନୀରବ ପ୍ରାର୍ଥନା ସହ କ୍ୟାଣ୍ଡେଲ ମାର୍ଚ୍ଚ ଆୟୋଜିତ ହେବ। ଏହି ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଉପସ୍ଥିତ ରହି "ଘରେ ଘରେ ତ୍ରିରଙ୍ଗା " କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କହିଥିଲେ।

## ପାରାଦୀପରେ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ



ପାରାଦୀପ,୧୦।୮ (ସମିସ): ପାରାଦୀପ ସହରରେ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପ ସହରର ସମସ୍ତ ଘରୋଇ ଓ ସରକାରୀ ସ୍କୁଲର ଛାତ୍ରଛାତ୍ରୀ, ୱାର୍ଡର ମହିଳାମାନେ ସାମିଲ ହୋଇଥିଲେ। ପାରାଦୀପ ମହାବିଦ୍ୟାଳୟ ନିକଟରୁ ସ୍କୁଲ ଛାତ୍ରଛାତ୍ରୀ ଏକ ପରିକ୍ରମାରେ ଆସି ବଡ଼ପଡ଼ିଆ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଏଏସପି ଆଜିଙ୍କ୍ୟ ମାଣେ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ମହାବିଦ୍ୟାଳୟ ଅଧଖ୍ୟା ଡ. ସସ୍ମିତା ଶତପଥି, ବିଧାୟକଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂଙ୍କ ସମେତ ସମେତ ପୌର ପାଳିକାର ପାରିଷଦମାନେ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପାରାଦୀପ ସମୁଦ୍ରକୂଳରେ ପୌର ପାଳିକା ଦ୍ୱାରା ସ୍ଥାପିତ ହୋଇଥିବା ସୁଦ୍ଧ ପାନୀୟ ଜଳ କେନ୍ଦ୍ରକୁ ମନ୍ତ୍ରୀ ଲୋକାର୍ପଣ କରିଥିଲେ।

## ଅଧଘଣ୍ଟା ବର୍ଷାରେ ୩ ଫୁଟ ପାଣି, ଜଳବନ୍ଦୀ କେନ୍ଦ୍ରାପଡ଼ା ସହର

# କୋର୍ଟ ଛକରେ ନାହିଁ ଡ୍ରେନ୍ ବ୍ୟବସ୍ଥା, ଯାତାୟାତ ଠପ୍

କେନ୍ଦ୍ରାପଡ଼ା,୧୦।୮ (ସମିସ)



ରାଜ୍ୟର ସର୍ବପୁରାତନ ମ୍ୟୁନିସିପାଲଟି ମଧ୍ୟରୁ ଅନ୍ୟତମ କେନ୍ଦ୍ରାପଡ଼ା ସହର। ୧୫୭ ବର୍ଷର ଐତିହ୍ୟ ବହନ କରୁଥିବା ଏହି ସହରର ବିକାଶର ଚିତ୍ର ବର୍ଷା ହେଲେ ସାମ୍ନାକୁ ଆସୁଛି। ଅଧଘଣ୍ଟାଏ ବର୍ଷା ହେଲେ ସହରର ପ୍ରମୁଖ ରାସ୍ତା ଜଳମଗ୍ନ ହୋଇପଡୁଛି। କେଉଁଠି ଆଣ୍ଠୁଏ ପାଣି ତ ଆଉ କେଉଁଠି ପ୍ରାୟ ୩ ଫୁଟ ପର୍ଯ୍ୟନ୍ତ ବର୍ଷା ଜଳ ଜମି ରହୁଛି। ଫଳରେ ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡୁଛି। ସହରର ଅତ୍ୟନ୍ତ ବ୍ୟସ୍ତବହୁଳ କୋର୍ଟ ଛକର ଦୃଶ୍ୟ ଏବେ ସହରର ଡ୍ରେନେଜ ବ୍ୟବସ୍ଥାର ବିଫଳତାକୁ ସାମ୍ନାକୁ ଆଣିଛି।

ଏହି ରାସ୍ତା ଦେଇ କୋର୍ଟ, ମେଡିକାଲ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ପ୍ରତିଦିନ ଶହ ଶହ ଲୋକ ଯାତାୟାତ କରନ୍ତି। ବର୍ଷା ହେଲେ ଏହି ରାସ୍ତାରେ ଯିବା ଏକପ୍ରକାର ଦୁର୍ଦ୍ଦଶାରେ ପରିଣତ ହେଉଛି। ବର୍ଷା ପାଣିରେ ରାସ୍ତା ବୁଡିଯିବା ପରେ ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ଯୁବକ, ମହିଳା ଓ ବୃଦ୍ଧ ସମସ୍ତଙ୍କୁ ପାଣି ଭିତରେ ପଶି ଯାତାୟାତ କରିବାକୁ ପଡୁଛି। ଏପରିକି ସ୍କୁଲ ପିଲା ରାସ୍ତାରେ ପାଣି ଭିତରେ ପଡିଯାଉଥିବା ଦୃଶ୍ୟ ମଧ୍ୟ କଏଦ ହୋଇଛି। ଏହା ନାଗରିକଙ୍କ ସୁରକ୍ଷା ଓ ସହରର ଡ୍ରେନେଜ ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନ ଠିଆ କରିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ, ଏହି ରାସ୍ତା ଦେଇ ପ୍ରତିଦିନ ବଡ଼ ବଡ଼ ଅଧିକାରୀ, ନେତା ଓ ଜନପ୍ରତିନିଧି ଯାତାୟାତ କରୁଥିଲେ ମଧ୍ୟ ଏହି ସମସ୍ୟା ପ୍ରତି କାହାର ନଜର ପଡୁନାହିଁ। ବର୍ଷା ହେଲେ ପ୍ରତିବର୍ଷ ସମାନ ଚିତ୍ର ଦେଖାଯାଉଥିବା ସତ୍ତ୍ୱେ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯାଉନାହିଁ। ସହରବାସୀଙ୍କ କହିବା ଅନୁଯାୟୀ, ଗତ କିଛିବର୍ଷ ହେଲା ଏଭଳି ଜଳବନ୍ଦୀ ସମସ୍ୟା ଅଧିକ ଗୁରୁତର ହୋଇଛି। ଡ୍ରେନ୍ ବ୍ୟବସ୍ଥାର ସୁଧାର, ବର୍ଷା ଜଳ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା ଓ ରାସ୍ତାର ଉଚ୍ଚତା ବୃଦ୍ଧି ଭଳି ପଦକ୍ଷେପ ନିଆଗଲେ ସମସ୍ୟାର ସମାଧାନ ହୋଇପାରେ। ତେବେ ସହରବାସୀଙ୍କ ଦୀର୍ଘଦିନର ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ, ତାହାକୁ କେନ୍ଦ୍ରାପଡ଼ାବାସୀ ଅପେକ୍ଷା କରିଛନ୍ତି।

## ଗୋଟିଏ ଦିନରେ ତିନି ନାବାଳିକା ଉଦ୍ଧାର

ରାଜକନିକା,୧୦।୮ (ସମିସ): ନାବାଳିକା ଅପହରଣ ମାମଲା ଏବେ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଥିବାବେଳେ ଗୋଟିଏ ଦିନରେ ତିନି ନାବାଳିକା ଉଦ୍ଧାର ହୋଇଥିବା ଘଟଣା ଏବେ ପ୍ରଶଂସାର ପାତ୍ର ପାଲଟିଛି। ରାଜକନିକା ଥାନା ସୂଚନା ମୁତାବକ, ୩୯୫/୨୬, ୫୨୦/୨୬, ୫୮/୨୬ ମାମଲାରେ ତିନୋଟି ଗ୍ରାମର ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ରାଜକନିକା ପୁଲିସ ହାଇଦରବାଦରୁ ଜଣେ ଓ କେନ୍ଦ୍ରାପଡ଼ାରୁ ଦୁଇଜଣଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି।

## କନପୁର ଗାଁରେ କ୍ଷୟକ୍ଷତିର ସର୍ଭେ



ରାଜକନିକା,୧୦।୮ (ସମିସ): ରାଜକନିକା ବ୍ଲକର ବୈତରଣୀ ନଦୀ ତଟରେ ଅବସ୍ଥିତ ବାରହାଦୋମଣ୍ଡା ପଞ୍ଚାୟତର ୩, ୪, ୫ ଓ ୬ ନମ୍ବର ୱାର୍ଡର କନପୁର ଗାଁରେ ୧୫ ଦିନ ମଧ୍ୟରେ ଦୁଇଥର ବନ୍ୟା ଯୋଗୁଁ ବ୍ୟାପକ କ୍ଷତି ଘଟିଛି। ଆଜି ରାଜସ୍ୱ ବିଭାଗ ଆରଆଇଙ୍କ ଦ୍ୱାରା ସର୍ଭେ ଆରମ୍ଭ ହୋଇଛି। ଡଙ୍ଗା ସାହାଯ୍ୟରେ ଆରଆଇ ଓ ତାଙ୍କ ୩ ଜଣିଆ ଟିମ ଘର ଘର ବୁଲି ବନ୍ୟାରେ ପ୍ରଭାବିତ ମାଟି ଘର, ଗୁହାଳ, ରୋଷେଇ ଘରର ରିପୋର୍ଟ ସଂଗ୍ରହ କରିଛି। କନିକା ତହସିଲ ଅଧୀନ ପେଗରପଡା ଆରଆଇଙ୍କ ସହ ବାରହାଦୋମଣ୍ଡା ପଞ୍ଚାୟତର ସରପଞ୍ଚ ପ୍ରସନ୍ନ ମଲ୍ଲିକ ଏହି ସର୍ଭେରେ ଉପସ୍ଥିତ ରହି ଦୁର୍ଗତଙ୍କ ସ୍ଥିତି ପରଖିଛନ୍ତି। ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲାରେ ବହୁ ଅବହେଳା ହୋଇଥିବାବେଳେ ପାତରଅନ୍ତର ନ କରି କ୍ଷୟକ୍ଷତି ଆକଳନ ବେଳେ ପ୍ରକୃତ ତଥ୍ୟ ସଂଗ୍ରହ କରି କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଦେବାକୁ ଦାବି ହୋଇଛି।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର



ରାଜନଗର, ୧୦।୮ (ସମିସ): ଆଜି ରାଜନଗର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୭୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୬୧ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ଅଭିଯୋଗ ଥିଲା। ଅଭିଯୋଗଗୁଡିକୁ ତୁରନ୍ତ ସମାଧାନ କରିବା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଏସପି, ଏସଡିପିଓ ସୁକାନ୍ତ ପାତ୍ର, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବିଡିଓ ଅଶୋକ ମହାନ୍ତି, ତହସିଲଦାର ଯୀଶୁକୃଷ୍ଣ ଦାସଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଅଧିକାଂଶ ଅଭିଯୋଗ ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ ସମ୍ପର୍କିତ ଥିଲା। ସାତଭାୟାବାସୀଙ୍କ ଥଇଥାନ ସ୍ଥଳୀ ବଗପାଟିଆରେ ସାମାନ୍ୟ ବର୍ଷା ହେଲେ ୧ରୁ ୧୯ ନମ୍ବର ଯାଏଁ କଲୋନୀ ରାସ୍ତା ଉପରେ ବର୍ଷା ପାଣି ଜମି ରହୁଛି। ପାଣି ନିଷ୍କାସନ ହୋଇ ନ ପାରିବାରୁ ଲୋକେ ହୀନସ୍ତା ଭୋଗୁଛନ୍ତି। ଏହାର ପ୍ରତିକାର ପାଇଁ ଅକ୍ଷୟ ସାହାଣୀ ଅଭିଯୋଗ କରିଥିଲେ।

## ରାସ୍ତାରୁ ପାଣି ନିଷ୍କାସନ ଦାବି

ରାଜନଗର, ୧୦।୮ (ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗର ଅଙ୍ଗଡା ଘାଟରୁ ନଗଡ଼ ଘାଟ ରାସ୍ତା ବାଲିକଣା ଗାଁ ଦେଇଯାଇଛି। ଏହି ରାସ୍ତାର ବାଲିକଣା ଗାଁ ମଝିରେ ବର୍ଷା ପାଣି ନିଷ୍କାସନ ପାଇଁ କୌଣସି ବାଟ ନାହିଁ। ଦୀର୍ଘବର୍ଷ ହେଲା ଗାଁର ଗୋପୀନାଥଜୀଉ ମନ୍ଦିର ଜାଗା ଦେଇ ବର୍ଷା ପାଣି ନିଷ୍କାସନ ହେଉଥିଲା। ଦୁଇ ମାସେ ତଳେ ମନ୍ଦିର ପକ୍ଷରୁ ଫାଙ୍କା ଥିବା ଜମିରେ ଉଚ୍ଚ କରି ମାଟି ପକାଯାଇଛି। ଫଳରେ ଗାଁର ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଛି। ପାଣି ଜମି ରହୁଥିବା ସ୍ଥାନରେ ଥିବା ପରିବାରର ଲୋକ ଘରୁ ବାହାରି ପାରୁନାହାନ୍ତି। ଏହାକୁ ନେଇ ସେଠାରେ ରହୁଥିବା ପରିବାର ଲୋକେ ଆଜି ଅଙ୍ଗଡା ଘାଟରୁ ନଗଡ଼ ଘାଟ ରାସ୍ତା ଉପରେ କାଦୁଅରେ ବନ୍ଧ କରିବା ସହିତ ବାଉଁଶ ବାନ୍ଧି ରାସ୍ତା ବନ୍ଦ କରି ମାସେ ତଳେ ଅଭିନବ ପ୍ରତିବାଦ କରିଥିଲେ। ଆଜି ହୀନସ୍ତା ଭୋଗୁଥିବା ପରିବାର ଜିଲ୍ଲାପାଳଙ୍କୁ ଭେଟି ପାଣି ନିଷ୍କାସନ ପାଇଁ ଦାବି କରିଥିଲେ। ଡ୍ରେନେଜ ବିଭାଗକୁ ପାଣି ନିଷ୍କାସନ ଓ ଡ୍ରେନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

### ● ଦୁଇଟି ଗାଁର ୧୯୭ ଜଣଙ୍କ ନାମ କାଟିବାକୁ ୨ ଜଣ ଆବେଦନ କରିବା ଘଟଣା


## ଦୁଇଜଣ ଆବେଦନକାରୀ ଓ ଦୁଇ ବିଏଲଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

ରାଜନଗର,୧୦।୮ (ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତର ୨ ଟି ବୁଥରୁ ସ୍ଥାୟୀ ଭୋଟରଙ୍କ ନାମକୁ କାଟିବାକୁ ମିଥ୍ୟା ଆବେଦନ କରିଥିବା ୨ ଜଣ ବ୍ୟକ୍ତି ଓ ୨ ଜଣ ବିଏଲଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆଜି ଦୁଇ ଗାଁର ଶତାଧିକ ଲୋକ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ଫର୍ମ- ୭ରେ ଲିପ୍ସାରାଣୀ ରାଉଳ ନାମକ ଜଣେ ଯୁବତୀ ଓ ଏକ ରାଜନୈତିକ ଦଳର ବୁଥ ଲେବୁଲ ଏଜେଣ୍ଟ ରାମଚନ୍ଦ୍ର ରାଉତ ବୁଥ୍ ନମ୍ବର ୧୦୩ ଓ ୧୦୪ ବୁଥରୁ ପାଖାପାଖି ୨୦୦ ସ୍ଥାୟୀ ଭୋଟରଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ ଓ ଅନୁପସ୍ଥିତ ଦର୍ଶାଇ, ଏସଆଇଆର୍ ପରିଗଣନା ପରେ ପ୍ରକାଶ ପାଇଥିବା ଭୋଟର ତାଲିକାରୁ ନାମକୁ ବାଦ୍ ଦେବା ପାଇଁ ଆବେଦନ କରିଥିଲେ। ଏହାର ସତ୍ୟାସତ ଜାଣି ସୁଦ୍ଧା ମିଥ୍ୟା ଅଭିଯୋଗ ପତ୍ରକୁ ବୁଥ୍ ଲେବୁଲ ଅଫିସର କୈଳାସ ସାହୁ ଓ ସ୍ୱର୍ଣ୍ଣଲତା ବରାଳ ଗ୍ରହଣ କରିବା ସହ ସ୍ଥାୟୀ ଭୋଟରଙ୍କ ନାମକୁ ବାଦ ଦେବାକୁ ପ୍ରକ୍ରିୟା ଚଳାଇଥିଲେ। ଏହି ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଆଜି ଦୁଇଟି ଗାଁର ଶତାଧିକ ଲୋକ ଜନଶୁଣାଣି ଶିବିରରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

## ପାଣି ଘେରରେ ପଞ୍ଚେଇ ଠାକୁରାଣୀ ଓ ଭୋଗ ମଣ୍ଡପ

ପଞ୍ଚୁପାଣ୍ଡବ,୧୦।୮ (ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ମା' ପଞ୍ଚେଇ ଠାକୁରାଣୀ ମନ୍ଦିର ଓ ଭୋଗ ମଣ୍ଡପ ପାଣି ଘେରରେ ରହିଛି। ନିକଟରେ ଥିବା ଗୋବରୀ ନଦୀରେ ଜଳସ୍ତର ବୃଦ୍ଧି ପାଇବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଠାକୁରାଣୀ ମନ୍ଦିର ଆଗ ନିକଟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଢ଼ଳେଇ କରାଯାଇଥିବାବେଳେ ଏକ ଭୋଗ ମଣ୍ଡପ କରାଯାଇଛି। ପୂର୍ବ ସରକାର ସମୟରେ ଆମ ଗାଁ ଆମ ବିକାଶ ଯୋଜନାରେ ଘର ଓ ସରକାରୀ ନଳକୂପ ହୋଇଥିବାବେଳେ ଗ୍ରାମବାସୀଙ୍କ ପକ୍ଷରୁ ଆଉ ଏକ ଘର ନିର୍ମାଣ ହୋଇଛି। ଗୋବରୀ ନଦୀରେ ବନ୍ୟା ଆସିଥିବାରୁ ଏହି ମନ୍ଦିରରେ ପୂଜାରୀ ଓ ପୂଜା କରିବା ପାଇଁ ଅଞ୍ଚଳବାସୀ ହଇରାଣ ହେଉଛନ୍ତି।

## କାନଫୁଲିଆ ଆଖଣ୍ଡଳମଣି ପୀଠରେ କାଉଡ଼ିଆଙ୍କ ଭିଡ଼



ରାଜନଗର,୧୦।୮ (ସମିସ): ଉପକୂଳ ଅଞ୍ଚଳର ପ୍ରମୁଖ ଶୈବ ପୀଠ ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ କାନଫୁଲିଆସ୍ଥ ଶ୍ରୀଶ୍ରୀ ଆଖଣ୍ଡଳମଣିଙ୍କ ପୀଠରେ ସୋମବାର କାଉଡ଼ିଆଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ରାତି ୪ଟାରୁ ସହସ୍ରାଧିକ କାଉଡ଼ିଆ ଧାଡ଼ିରେ ରହି ବାବାଙ୍କ ଉପରେ ପାଣି ଢାଳି ନିଜ ମନସ୍କାମନା ପୂରଣ କରିଥିଲେ। ଶ୍ରୀଶ୍ରୀ ଆଖଣ୍ଡଳମଣି ପୂଜା କମିଟି ପକ୍ଷରୁ ଭକ୍ତଙ୍କ ରହଣି ପାଇଁ ସୁବ୍ୟବସ୍ଥା କରାଯାଇଥିଲା। କାଉଡ଼ିଆଙ୍କ ପାଇଁ କାନଫୁଲିଆ ଗ୍ରାମର ଶ୍ରୀକାନ୍ତ ବିଶ୍ୱାଳ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ। ପୂଜା କମିଟି ସଭାପତି ମହେଶ୍ୱର ବେହେରା, ସଦସ୍ୟ ଅକ୍ଷୟ ରାଉତ, ଅଲେଖ ପ୍ରଧାନ, ବିଭୂତି ଭୂଷଣ ଖଟୁଆ, ନିରାକାର ବେହେରା ଓ ବୈକୁଣ୍ଠ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଆଳି-କନିକା ଉନ୍ନୟନ ପରିଷଦର ମୁଖପତ୍ର 'ସୁବର୍ଣ୍ଣ ବସୁଧା' ଉନ୍ମୋଚିତ



ରାଜକନିକା,୧୦।୮ (ସମିସ): କଟକ ଓ ଭୁବନେଶ୍ୱରରେ ରହୁଥିବା ରାଜକନିକା ଓ ଆଳି ଅଞ୍ଚଳର ବିଭିନ୍ନ ବର୍ଗର ସଦସ୍ୟଙ୍କୁ ନେଇ ଗଠିତ ଆଳି-କନିକା ଉନ୍ନୟନ ପରିଷଦର ପ୍ରଥମ ମୁଖପତ୍ର "ସୁବର୍ଣ୍ଣ ବସୁଧା' ରବିବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଛି। ଏହି ମୁଖପତ୍ର କଟକର ତୁଳସୀପୁରସ୍ଥ ଦେଉଳସାହି ମୋନାଲିସା ପ୍ୟାଲେସରେ ଅନୁଷ୍ଠିତ ପରିଷଦର ଦ୍ୱିତୀୟ ସାଧାରଣ ବୈଠକରେ ଉନ୍ମୋଚନ କରାଯାଇଛି। ପରିଷଦର ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ସହ ନିମନ୍ତ୍ରିତ ଅତିଥି ଓ ବରିଷ୍ଠ ନାଗରିକଙ୍କ ଉପସ୍ଥିତିରେ କଟକ ନଗରପାଳ ସୁବାସ ସିଂଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି।

### ● ଷଷ୍ଠ ଦିନରେ ମାଳିପୁରରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ବନ୍ଦ ଦାବିରେ ଅନଶନ

## ସମର୍ଥନ କରି ଗ୍ରାମବାସୀଙ୍କ ତହସିଲଦାରଙ୍କୁ ଦାବିପତ୍ର



ପଟ୍ଟାମୁଣ୍ଡାଇ,୧୦।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତର ମାଳିପୁର ଗ୍ରାମର ଶନି ମନ୍ଦିର ନିକଟ ଏକ ସରକାରୀ ରାସ୍ତା ଉପରେ ଚାଲିଥିବା ଶୌଚାଳୟ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଗତ ୬ ଦିନ ଧରି ମାଳିପୁର ଗ୍ରାମର ପ୍ରଶାନ୍ତ ମହାନ୍ତି ଓ ତାଙ୍କ ସହଯୋଗୀ ରମାକାନ୍ତ ଦାଶ ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଚଳାଇଛନ୍ତି। ବ୍ଲକ ପକ୍ଷରୁ ଏହି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଛି ବୋଲି କୁହାଯାଉଛି। ସରକାରୀ ରାସ୍ତାରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ବନ୍ଦ ଦାବିରେ ୬ ଦିନ ଧରି ଅନଶନ ଚାଲିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ୭ ତାରିଖ ଦିନ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବିଡିଓ ଶୀତଲ ଅଗ୍ରୱାଲ, ଅତିରିକ୍ତ ତହସିଲଦାର ସାଗରିକା ସେଠୀ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ। ତହସିଲଦାର ଓ ବିଡିଓ ସରକାରୀ ଜାଗାରେ ସ୍ୱଚ୍ଛ ଭାରତ ଯୋଜନାରେ ସରକାରୀ ପ୍ରକଳ୍ପ ହେଉଥିବା ନେଇ ଅନଶନକାରୀଙ୍କୁ ବୁଝାଇ ଅନଶନ ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ। ତହସିଲଦାର ଅନଶନ ଲିଖିତ ପ୍ରତିଶ୍ରୁତି ଦେବାକୁ ମନା କରିବାରୁ ଅନଶନକାରୀ ସରକାରୀ ସର୍ବସାଧାରଣ ରାସ୍ତାରେ ନିର୍ମାଣାଧୀନ ପ୍ରକଳ୍ପ ବନ୍ଦ କରା ନ ଗଲେ ଅନଶନ ଜାରି ରହିବ ବୋଲି ଅଡ଼ି ବସିବାରୁ ସମାଧାନର ବାଟ ଫିଟି ନଥିଲା। ଆଜି ପୂର୍ବାହ୍ନ ୧୧ଟାରେ ଯୁବ ସମାଜସେବୀ ଆଶିଷ ମଲିକଙ୍କ ନେତୃତ୍ୱରେ ମାଳିପୁର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିରଠାରୁ ଶୋଭାଯାତ୍ରାରେ ଆସି ଅନଶନକାରୀଙ୍କୁ ସମର୍ଥନ ଜଣାଇବା ସହିତ ପ୍ରକଳ୍ପ ବନ୍ଦ କରିବା ପାଇଁ ତହସିଲଦାରଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

### ● ଦଳିତ ନିର୍ଯ୍ୟାତନା ମାମଲାର ତଦନ୍ତକୁ ନେଇ ପ୍ରଶ୍ନ

## ୪ ବର୍ଷ ପରେ ବି ମିଳୁନି ନ୍ୟାୟ, ଉଚ୍ଚସ୍ତରୀୟ ତଦନ୍ତ ଦାବି



କେନ୍ଦ୍ରାପଡ଼ା,୧୦।୮ (ସମିସ): ମାର୍ଶାଘାଇ ଥାନା ଅଧୀନରେ ଏସ୍‌ସି/ଏସ୍‌ଟି ନିର୍ଯ୍ୟାତନା ସମ୍ପର୍କିତ ଦୁଇଟି ମାମଲାର ତଦନ୍ତ ଓ ଚାର୍ଜସିଟ୍ ପ୍ରକ୍ରିୟାକୁ ନେଇ ଗୁରୁତର ଅଭିଯୋଗ ଉଠିଛି। ନ୍ୟାୟରେ ବିଳମ୍ବ, ଉପଲବ୍ଧ ପ୍ରମାଣ ତଦନ୍ତରେ ସାମିଲ ନ କରିବା ଓ ଅଭିଯୁକ୍ତଙ୍କ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ନ ନିଆଯିବା ଅଭିଯୋଗ କରି ଡଃ ବି.ଆର୍. ଆମ୍ବେଦକର ସେବକ ସଂଘ ସହଯୋଗରେ ପୀଡ଼ିତ ପକ୍ଷ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ମାର୍ଶାଘାଇ ଥାନା କେସ୍ ନଂ ୩୯୮/୨୦୨୫ରେ ଜାତିଗତ ଅପମାନ, ଆକ୍ରମଣ ଓ ହତ୍ୟା ଉଦ୍ୟମ ଭଳି ଅଭିଯୋଗ ଥିବାବେଳେ ଭିଡିଓ, ମେଡିକାଲ୍ ରିପୋର୍ଟ ଓ ସାକ୍ଷୀଙ୍କ ତଥ୍ୟ ଯଥାଯଥ ଭାବେ ତଦନ୍ତରେ ସାମିଲ ହୋଇ ନ ଥିବା ପୀଡ଼ିତ ପକ୍ଷ ଅଭିଯୋଗ କରିଛି। ଏହି ମାମଲାର ତଦନ୍ତ ରେକର୍ଡ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରି ପୁନଃତଦନ୍ତ ଦାବି ହୋଇଛି। ସେହିପରି କେସ୍ ନଂ ୪୭୨/୨୦୨୩ରେ ଜଣେ ବୃଦ୍ଧାଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ଭଳି ଅଭିଯୋଗ ଥିବା ଦାବି କରାଯାଇଛି। ଚାର୍ଜସିଟ୍ ଦାଖଲ ହୋଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯାଇ ନ ଥିବା ନେଇ ପ୍ରଶ୍ନ ଉଠିଛି। ଯାଦୁପୁର ସରପଞ୍ଚଙ୍କ ସ୍ୱାମୀଙ୍କ ବିରୋଧରେ ମଧ୍ୟ ଆଇନ ଅନୁଯାୟୀ ପଦକ୍ଷେପ ଦାବି ହୋଇଛି। ତଦନ୍ତକାରୀ ଅଧିକାରୀ ଧରିତ୍ରୀ ଜେନାଙ୍କ ଭୂମିକା ନେଇ ମଧ୍ୟ ପୀଡ଼ିତ ପକ୍ଷ ଅଭିଯୋଗ ଉଠାଇ ନିରପେକ୍ଷ ତଦନ୍ତ ଦାବି କରିଛି। ଏସ୍‌ସି/ଏସ୍‌ଟି ମାମଲାର ଯୁଗ୍ମ ତଦନ୍ତରେ ତହସିଲଦାର କିମ୍ବା ସମ୍ପୃକ୍ତ ରାଜସ୍ୱ ଅଧିକାରୀଙ୍କ ଆବଶ୍ୟକ ଅଂଶଗ୍ରହଣ ନିଶ୍ଚିତ କରିବାକୁ ମଧ୍ୟ ଦାବି ହୋଇଛି। ଏହି ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଶାନ୍ତିପୂର୍ଣ୍ଣ ଗଣଧାରଣା ଚାଲିଛି।

### ● ଜନଶୁଣାଣି ନା ମୋବାଇଲ ଦେଖା

## ଅଧିକାରୀଙ୍କ ମୋବାଇଲ ବ୍ୟବହାରକୁ ନେଇ ଅସନ୍ତୋଷ



କେନ୍ଦ୍ରାପଡ଼ା,୧୦।୮ (ସମିସ): ଲୋକଙ୍କ ସମସ୍ୟା ଶୁଣିବା, ଅଭିଯୋଗର ସମାଧାନ ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ଲୋକଙ୍କ ନିକଟତର କରିବା ଓ ସରକାରୀ ସେବାରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ଲକରେ ନିୟମିତ ଭାବେ ଜନଶୁଣାଣି ଆୟୋଜିତ ହେଉଛି। ରାଜନଗର ବ୍ଲକରେ ଆୟୋଜିତ ଜନଶୁଣାଣିକୁ ନେଇ ଏବେ ପ୍ରଶ୍ନ ଉଠିଛି। ଲୋକଙ୍କ ଅଭିଯୋଗ, ପ୍ରଶାସନିକ ଅଧିକାରୀ ନିଜ ମୋବାଇଲରେ ବ୍ୟସ୍ତ ରହୁଛନ୍ତି? ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ଦୂରଦୂରାନ୍ତରୁ ଲୋକେ ପ୍ରଶାସନ ନିକଟକୁ ଆସିଥିଲେ। ନିଜ ସମସ୍ୟାର ସମାଧାନ ହେବ ବୋଲି ଆଶା ନେଇ ଅଭିଯୋଗକାରୀ ଅଧିକାରୀଙ୍କ ନିକଟରେ ନିଜ ଦୁଃଖ ଜଣାଇଥିଲେ। ଏହି ସମୟରେ କେତେକ ଅଧିକାରୀ ମୋବାଇଲ ଫୋନରେ ବ୍ୟସ୍ତ ଥିବା ଦୃଶ୍ୟ ଉପସ୍ଥିତ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଖୋଦ୍ ଜିଲ୍ଲାପାଳ ରଘୁରାମ ଆର. ଆୟର ଅଭିଯୋଗକାରୀଙ୍କ ସମସ୍ୟା ଶୁଣୁଥିବାବେଳେ ଅନ୍ୟ କେତେକ ଅଧିକାରୀଙ୍କ ମୋବାଇଲ ବ୍ୟବହାର ପ୍ରଶାସନର ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି। ଜିଲ୍ଲାପାଳଙ୍କ ସାମ୍ନାରେ ଯଦି ଏଭଳି ଦୃଶ୍ୟ ଦେଖାଯାଉଛି, ତେବେ ଅଧିକାରୀ ନିଜ ନିଜ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କ ଅଭିଯୋଗ ପ୍ରତି କେତେ ସମ୍ବେଦନଶୀଳ ରହୁଛନ୍ତି, ତାହା ନେଇ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି ଉପସ୍ଥିତ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଆଜିର ଜନଶୁଣାଣିରେ ଚାଷ ସମ୍ପର୍କିତ ସମସ୍ୟାର ସମାଧାନ ନ ହେବାକୁ ନେଇ ଦୁଇଜଣ ଚାଷୀ ଚରମ ମାନସିକ ଚାପରେ ପଡ଼ି ଆତ୍ମହତ୍ୟା ଚେଷ୍ଟା କରିଥିବା ଜଣାପଡ଼ିଛି।

## ଲୋକନାଥ କଲେଜରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଗରଦପୁର,୧୦।୮ (ସମିସ): ଗରଦପୁର ବ୍ଲକ୍ କୋରୁଆ-ହରିପୁରସ୍ଥ ଲୋକନାଥ ମହାବିଦ୍ୟାଳୟରେ ଚାଲିଥିବା ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଅଧ୍ୟକ୍ଷ ବିଜୟ କୁମାର ନାୟକ ଅଧ୍ୟକ୍ଷତା କରି ସାମ୍ପ୍ରତିକ ସମାଜରେ ସମ୍ମୁଖୀନ ହେଉଥିବା ସାଇବର ଠକେଇ ଓ ତାହାର ନିରାକରଣ ବିଷୟରେ ଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ମୁଖ୍ୟଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ ଯୋଗଦେଇ ଛାତ୍ରୀଙ୍କୁ ଜଣେ ଜଣେ ସଫଳ ଭଗିନୀ, ଜାୟା ଓ ଜନନୀ ଭାବେ ନିଜର ଭୂମିକା ନିର୍ବାହ କରିବା ସହିତ କଠୋର ପରିଶ୍ରମ, ଅଧ୍ୟବସାୟ ବଳରେ ନିଜକୁ ସମାଜରେ ପ୍ରତିଷ୍ଠିତ କରିବାକୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ଡ. ମମତା ପଣ୍ଡା ଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଠନ ଦିଗରେ ଗୁରୁତ୍ୱାରୋପ କରିଥିବାବେଳେ ଶକ୍ତିଶ୍ରୀ ସଂଯୋଜିକା ପୁଷ୍ପଲତା ଶତପଥୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ରମେଶ ମହାନ୍ତି, ଅଧ୍ୟାପିକା ଡ. ବିଚିତ୍ରା ତ୍ରିପାଠୀ, ଚିନ୍ମୟୀ ଜେନା, ଡ. ସ୍ନେହାଞ୍ଜଳି ମହାପାତ୍ର, କର୍ମଚାରୀ ଜିତେନ୍ ଦାସ, ମାନସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ଯୁବକ ଗୁରୁତର

ପଞ୍ଚୁପାଣ୍ଡବ,୧୦।୮ (ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଜଣେ ଯୁବକ ବଜ୍ରପାତରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଦାଶରଥି ନାଥଶର୍ମାଙ୍କ ପୁଅ ଉତ୍ତମ ନାଥଶର୍ମା ବିଲରେ ରୁଆ ପୋତା କାମ କରୁଥିବାବେଳେ ବଜ୍ରପାତ ହୋଇଥିଲା। ଉତ୍ତମ ଘରକୁ ଫେରୁଥିବା ସମୟରେ ବଜ୍ରପାତରେ ଗୁରୁତର ଆହତ ହୋଇଥିଲେ। ଉତ୍ତମ କାଦୁଅରେ ଦବିଯିବାରୁ ସେଠାରେ ଉପସ୍ଥିତ ଥିବା ଲୋକେ ବିଲରୁ ଉଠାଇ ଘରକୁ ଆଣିଥିଲେ। ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବାରୁ ଅଟୋରେ ଉତ୍ତମକୁ ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

## ପ୍ରାକ୍ତନ ଶିକ୍ଷକ ଭଞ୍ଜ ପଣ୍ଡାଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୧୦।୮ (ସମିସ): ପଟ୍ଟାମୁଣ୍ଡାଇ ପୌରପରିଷଦ ୧୦ନମ୍ବର ୱାର୍ଡର ବରିଷ୍ଠ ନାଗରିକ ପ୍ରାକ୍ତନଶିକ୍ଷକ ତଥା ପଟ୍ଟାମୁଣ୍ଡାଇ କୋର୍ଟର ସରକାରୀ ଓକିଲ ଭବାନୀ ଶଙ୍କର ପଣ୍ଡାଙ୍କ ପିତା ଭଞ୍ଜ ଲାଭ ପଣ୍ଡା (୯୧ ବର୍ଷ)ଙ୍କ ପରଲୋକ ଘଟିଛି। ସେ ପଟ୍ଟାମୁଣ୍ଡାଇ ନଗର ବିଜେପିର ପ୍ରଥମ ସଭାପତି ଭାବେ ଦଳର ମୂଳଦୁଆ ପକାଇଥିଲେ। ତାଙ୍କ ମୃତ୍ୟୁରେ ୧୦ନଂ ୱାର୍ଡ ବିଜେପି କାଉନସିଲର ବିଦ୍ୟାଧର ସେଠୀ, ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ମିଟୁ ମନୋଜ ନାୟକ ଓ ସଞ୍ଜୟ ସ୍ୱାଇଁଙ୍କ ସରକାରୀ ଓକିଲ ପ୍ରମୋଦ ସାହୁ, ସୁନାକର ପ୍ରଧାନ, ଧିରେନ୍ଦ୍ର ସାହୁ, ସୁଶାନ୍ତ ସାମଲ, ଶିଶିର ମଲ୍ଲିକ, ପଟ୍ଟାମଣ୍ଡାଇ ଓକିଲ ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳ, ପୂର୍ବତନ ସଭାପତି ଭୀମସେନ ପ୍ରଧାନ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଚୋରି ମାମଲାରେ ୪ ଗିରଫ

କେନ୍ଦ୍ରାପଡ଼ା, ୧୦।୮ (ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଚୋରି ମାମଲାରେ ପୁଲିସ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜ ଗ୍ରାମର ଶ୍ରୀକାନ୍ତ ଚୌଧୁରୀ, କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ଚାଟରାପଟଣା ଗ୍ରାମର ଗୋବିନ୍ଦ ଗୋଚ୍ଛାୟତ, ସଦର ଥାନା ଅନ୍ତର୍ଗତ ଭରତପୁର ଗ୍ରାମର ପ୍ରକାଶ ମଲିକ, ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଅନସାରପୁର (ଅସୁରେଶ୍ୱର) ଗ୍ରାମର ବଳଭଦ୍ର ମଲିକ। ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ପଟ୍ଟାମୁଣ୍ଡାଇ ହସ୍ପିଟାଲରେ କୃମିନାଶକ ଦିବସ



ପଟ୍ଟାମୁଣ୍ଡାଇ,୧୦।୮ (ସମିସ): ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ପକ୍ଷରୁ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ନିରାକାର ପରିଡା ଉଦଘାଟନ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୁନିତୀ ଦାଶ, ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା, ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ନାଥଶର୍ମା, ସୁଜାତା ପ୍ରିୟମ୍ବଦା ଦାସ, ଜିତେନ୍ଦ୍ର ଖଡ଼ିରତ୍ନ, ପ୍ରକାଶ ମଥାନ ପ୍ରମୁଖ ଯୋଗଦେଇ କୃମି ବୃଦ୍ଧି ସ୍ୱାସ୍ଥ୍ୟହାନୀ କରିଥାଏ, ତେଣୁ କୃମିନାଶ ପାଇଁ ଔଷଧ ସେବନ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ର ପିଏଚଇଓ ନୃସିଂହ ଦାସ, ବିପିଏମ୍ ଚିତ୍ତରଞ୍ଜନ ଚାନ୍ଦ ଓ ସଞ୍ଜୟ ଦାସ ପରିଚାଳନା କରିଥିଲେ।

## ଲଘୁଚାପ ବର୍ଷା ଧୋଇନେଲା ଡେରାବିଶ ବ୍ଲକ୍ ଅଞ୍ଚଳର ଚାଷୀଙ୍କ ଭାତହାଣ୍ଡି

# ରୁଆ ଧାନ ଓ ତଳି ଘେରା ଉପରେ ୨ ଫୁଟର ପାଣି

ଡେରାବିଶ,୧୦।୮ (ସମିସ)

ଲଘୁଚାପଜନିତ ବର୍ଷା ଡେରାବିଶ ବ୍ଲକ ଅଞ୍ଚଳର ଚାଷୀଙ୍କର ଭାତହାଣ୍ଡିକୁ ଉଜାଡ଼ି ଦେଇଛି। ୨୬ଟି ପଞ୍ଚାୟତର ଚାଷଜମିରେ ଏବେ ରୁଆଧାନ ଓ ତଳି ଘେରା ଉପରେ ୨ ଫୁଟ ଉଚ୍ଚର ବର୍ଷା ପାଣି ଲହଡ଼ି ମାରୁଛି। ଫଳରେ ୧୧୨୭୦ ହେକ୍ଟର ଚାଷଜମିରେ ଧାନ ଫସଲ ହାନୀ ଆଶଙ୍କା ସୃଷ୍ଟି ହୋଇଛି। ବାରିମୂଳ ପଞ୍ଚାୟତର ଗଣିଆମୁହଁ, ନାଗେଶ୍ୱରପୁର, ବାରିମୂଳ, ଦୋହରା, ତିଳୋତ୍ତମାଦେଇପୁର, ରାୟପୁର, ଖଣ୍ଡସାହି, ସନ୍ଥପୁରା, ଗୋଲରାହାଟ ପଞ୍ଚାୟତର କୁଆଁରପୁର ପାଟ, ନରୁଆପାଟ, ବାଲିଆ ପଞ୍ଚାୟତ ଅନ୍ତର୍ଗତ ପାଟର ଚାଷଜମି, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ସମସ୍ତ ଚାଷଜମି, ନରସିଂହପୁର ପଞ୍ଚାୟତର ବଘାଲୋ, ତିଲଙ୍ଗ, ନରସିଂହପୁର, ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଚାଷଜମି, ନୀଳକଣ୍ଠପୁର, ଜଶୋର, ରଘୁଦାସପୁର, ଖମୋଳ ପଞ୍ଚାୟତ, ଚାନ୍ଦୋଳ ପଞ୍ଚାୟତ, ପଲେଇ ପଞ୍ଚାୟତ, କାଉପଡ଼ା ପଞ୍ଚାୟତ ଓ ଇନ୍ଦାଲୋ ଅନ୍ତର୍ଗତ ହଜାର ହଜାର ହେକ୍ଟର ଚାଷଜମିରେ ଏବେ ବର୍ଷା ପାଣି ଲହଡ଼ି ମାରୁଛି। ଚାଷଜମିରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ଏହି ଅଞ୍ଚଳରେ ଥିବା ୧୯, ୨୦ ଓ ୨୧ ନଂ ଡ୍ରେନେଜ୍‌କଟ ଗତ ଖରାଦିନେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ସଫେଇ କରାଯାଇଥିଲେ ମଧ୍ୟ ଏବେ ଚାଷଜମିରୁ ଜଳ ନିଷ୍କାସନ ପାଇଁ ଅକ୍ଷମ ହୋଇପଡ଼ିଛି। ଚାଷୀ ଦୁଇ ଦୁଇଥର ଧାନ ତଳି ରୋଇଥିଲେ ମଧ୍ୟ ତାହା ବର୍ଷା ପାଣିରେ ବୁଡ଼ିଯାଇ ପଚି ଯାଉଛି। ଆଗକୁ ଆଉ ତଳିଘେରା ପ୍ରସ୍ତୁତ କରିବା କିମ୍ବା ବିଲରେ ଧାନ ତଳି ରୋଇବା ସମ୍ଭବ ହେବନାହିଁ। ଡେରାବିଶ ବ୍ଲକ୍ ଅଞ୍ଚଳର ବହୁ ଚାଷଜମି ପାଟ ଅଟେ। ଯେଉଁଥିରେ ଥରେ ବର୍ଷା ପାଣି ପଶିଲେ ସେଠାରୁ ବାହାରିବା ନାଁ ଧରେନା। ଏବେ ଧାନ ରୋଇବା ସମୟରେ ବର୍ଷା ହେବା ଯୋଗୁଁ ରୁଆଧାନ ଚେର ଧରିବା ପୂର୍ବରୁ ପାଣିରେ ବୁଡ଼ି ରହିଛି। ଏ ସମ୍ପର୍କରେ ଚାଷୀଙ୍କ ଅଭିଯୋଗ ପାଇବା ପରେ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତକୁ ଯାଇ ଚାଷୀଙ୍କୁ ଭେଟିବା ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଜଳସମ୍ପଦ, ଜଳନିଷ୍କାସନ, କୃଷିବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାକୁ କହିଥିବା ଜଣାପଡ଼ିଛି। ଶ୍ରୀ ପରିଡ଼ାଙ୍କଠାରୁ ସୂଚନା ପାଇ ଆଜି ଡେରାବିଶ ବ୍ଲକ୍ କୃଷି ଅଧିକାରିଣୀ ବନଲତା ବେହେରା ଓ ହରିଅଙ୍କ ରାଜସ୍ୱ ନିରୀକ୍ଷକ ଇନ୍ଦାଲୋ ପାଟ ନିକଟରେ ପହଞ୍ଚି ଚାଷୀଙ୍କ କ୍ଷୟକ୍ଷତି ବୁଲି ଦେଖିଥିଲେ।

**୧୧୨୭୦ ହେକ୍ଟର ଚାଷଜମିରେ ଧାନ ଫସଲ ହାନୀ ଆଶଙ୍କା।**

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୨୧ • ପାଉଣ୍ଡ ୧୨୮.୧୩
- ୟୁରୋ ୧୧୯.୭୬ • ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୧,୬୫୦ (ଭୁବନେଶ୍ୱର)
- ରୁପା : ୨,୪୧,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୪୧୯.୦୦
- ନିଫ୍ଟି ୨୪,୫୭୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ୨ ମାସରେ ଚିନି ମୂଲ୍ୟ ୨୦% ବୃଦ୍ଧି

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):

**ଆଖୁରୁ ଇଥାନଲ୍ ଉତ୍ପାଦନରେ ଲାଗିବ ପ୍ରତିବନ୍ଧକ**

**ଅକ୍ଟୋବରରୁ ଆଖୁ ବ୍ୟବହାର ସୀମିତ ଲାଗି ଯୋଜନା**

**ଇଥାନଲ ପାଇଁ ବ୍ୟବହାର ହେବ କେବଳ ମକା ଓ ଚାଉଳ**



ଗତ ୨ ମାସରେ ଚିନି ଦର ୨୦% ବୃଦ୍ଧି ପାଇଛି। ଦେଶରେ ଚିନି ଦର ରେକର୍ଡ ସ୍ତରରେ ପହଞ୍ଚିଥିବା ବେଳେ ଘରୋଇ ବଜାରରେ ଯୋଗାଣ ବଢ଼ାଇବା ପାଇଁ କେନ୍ଦ୍ର ସରକାର ଇଥାନଲ ନୀତିରେ ବଡ଼ ପରିବର୍ତ୍ତନ ଆଣିବା ଉପରେ ବିଚାର କରୁଛନ୍ତି। ଆସନ୍ତା ଅକ୍ଟୋବରରୁ ଆଖୁରୁ ଇଥାନଲ ଉତ୍ପାଦନ ପାଇଁ ବ୍ୟବହାର ଆଖୁର ପରିମାଣ ସୀମିତ କରାଯାଇପାରେ। ଏହାଦ୍ୱାରା ଇଥାନଲ ପରିବର୍ତ୍ତେ ଅଧିକ ଆଖୁ ଚିନି ଉତ୍ପାଦନରେ ବ୍ୟବହାର ହେବ ଏବଂ ଘରୋଇ ବଜାରକୁ ଅତିରିକ୍ତ ଚିନି ମିଳିବ ବୋଲି ସରକାର ଆଶା କରୁଛନ୍ତି।

ସୂଚନା ଅନୁସାରେ ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ଚଳିତ ବର୍ଷ ଆଶାନୁରୂପ ବର୍ଷା ହୋଇ ନ ଥିବାରୁ ଆଗାମୀ ଚିନି ଋତୁରେ ଆଖୁ ଉତ୍ପାଦନ ହ୍ରାସ ପାଇବାର ଆଶଙ୍କା ରହିଛି। ଏହି ଦୁଇ ରାଜ୍ୟ ଦେଶର ପ୍ରମୁଖ ଆଖୁ ଉତ୍ପାଦକ ହୋଇଥିବାରୁ ଉତ୍ପାଦନ ହ୍ରାସର ସିଧାସଳଖ ପ୍ରଭାବ ଚିନି ଯୋଗାଣ ଉପରେ ପଡ଼ିପାରେ। ଏପରି ସ୍ଥିତିରେ ଆଖୁକୁ ଇଥାନଲ ଉତ୍ପାଦନ ଅପେକ୍ଷା ଚିନି ଉତ୍ପାଦନରେ ଅଧିକ ବ୍ୟବହାର କରାଇବାକୁ ସରକାର ବିଚାର କରୁଛନ୍ତି। ବର୍ତ୍ତମାନ ଦେଶରେ ଚିନି ଦର ରେକର୍ଡ ସ୍ତରରେ ପହଞ୍ଚିଛି। ଗତ ଏକ ମାସ ମଧ୍ୟରେ ଦର ବୃଦ୍ଧି ସହ ଆଗାମୀ ପର୍ବପର୍ବାଣୀ ଋତୁରେ ଚିନିର ଚାହିଦା ଆହୁରି ବଢ଼ିବା ଆଶା ରହିଛି। ଯୋଗାଣ ହ୍ରାସ ଓ ଚାହିଦା ବୃଦ୍ଧିର ଚାପ ଯୋଗୁଁ ଆଗାମୀ କିଛି ମାସ ଚିନି ଦର ଉଚ୍ଚସ୍ତରରେ ରହିପାରେ। ସରକାର ଇଥାନଲ ମିଶ୍ରଣ ନୀତି ଜାରି ରଖିବା ସହ ଆଖୁର ବିକଳ୍ପ ଭାବେ ମକା ଓ ଚାଉଳରୁ ଇଥାନଲ ଉତ୍ପାଦନ ବଢ଼ାଇବାକୁ ଗୁରୁତ୍ୱ ଦେବେ ବୋଲି ସୂଚନା ମିଳିଛି । ଦେଶରେ ମକା ଓ ଚାଉଳର ଉପଲବ୍ଧ ମହଜୁଦ ଥିବାରୁ ଏହି ପରିବର୍ତ୍ତନ ମାଧ୍ୟମରେ ଇଥାନଲ ଯୋଗାଣ ଜାରି ରଖିବାର ଯୋଜନା ରହିଛି। ପ୍ରସ୍ତାବିତ ନୀତିରେ ଆଖୁର ରସ ଓ ବି-ହେଭି ମୋଲାସେସ୍‌ରୁ ଇଥାନଲ ଉତ୍ପାଦନ ଉପରେ ମଧ୍ୟ କଟକଣା ଲାଗିପାରେ। ଚିନି ଉତ୍ପାଦନ ପ୍ରକ୍ରିୟାରେ ବି-ହେଭି ମୋଲାସେସ୍‌ରେ ଅପେକ୍ଷାକୃତ ଅଧିକ ଚିନି ଅବଶିଷ୍ଟ ରହିଥାଏ। ତେଣୁ ଏହାକୁ ଇଥାନଲ ପରିବର୍ତ୍ତେ ଚିନି ଉତ୍ପାଦନ ଦିଗକୁ ଫେରାଇବା ସରକାରଙ୍କ ଉଦ୍ଦେଶ୍ୟ ହୋଇପାରେ।

ଆସନ୍ତା ନଭେମ୍ବରରୁ ଆରମ୍ଭ ହେବାକୁ ଥିବା ନୂଆ ଚିନି ବିପଣନ ବର୍ଷ ପାଇଁ ଇଥାନଲ ଆବଣ୍ଟନ ଚୂଡ଼ାନ୍ତ କରିବା ପୂର୍ବରୁ ସରକାର ଏହି ନୀତି ନେଇ ନିଷ୍ପତ୍ତି ନେଇପାରନ୍ତି। ଏହାପରେ ସରକାରୀ ତୈଳ କମ୍ପାନିଗୁଡ଼ିକ ଇଥାନଲ କ୍ରୟ ପାଇଁ ଟେଣ୍ଡର ଜାରି କରିବେ। ଚିନି ଦର ନିୟନ୍ତ୍ରଣ ପାଇଁ କେନ୍ଦ୍ର ପୂର୍ବରୁ ଚିନି ରପ୍ତାନି ଉପରେ କଟକଣା ଲଗାଇଛି ଏବଂ ବ୍ୟବସାୟୀଙ୍କ ପାଇଁ ଷ୍ଟକ୍ ସୀମା ମଧ୍ୟ ଲାଗୁ କରିଛି।

## ସୁନା ହଲ୍‌ମାର୍କିଂର ପରିସର ବଢ଼ିଲା

**ଓଡ଼ିଶାର ଅନୁଗୁଳ ସହ ସାରା ଦେଶରେ ୧୨ ଜିଲ୍ଲା ସାମିଲ**



**ଦେଶର ୩୯୨ ଜିଲ୍ଲାରେ ବାଧ୍ୟତାମୂଳକ ହେଲା ହଲ୍‌ମାର୍କିଂ**

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ଦେଶରେ ସୁନା ଅଳଙ୍କାର ଓ ସୁନାର କଳାକୃତିର ଶୁଦ୍ଧତା ନିଶ୍ଚିତ କରିବା ଦିଗରେ କେନ୍ଦ୍ର ସରକାର ଆଉ ଏକ ପଦକ୍ଷେପ ନେଇଛନ୍ତି। ଅନିବାର୍ଯ୍ୟ ସୁନା ହଲମାର୍କିଂ ବ୍ୟବସ୍ଥାରେ ଦେଶର ଆଉ ୧୨ଟି ଜିଲ୍ଲାକୁ ସାମିଲ କରାଯାଇଛି। ଫଳରେ ଦେଶରେ ହଲମାର୍କିଂ ବାଧ୍ୟତାମୂଳକ ଥିବା ଜିଲ୍ଲା ସଂଖ୍ୟା ୩୮୦ରୁ ବୃଦ୍ଧି ପାଇ ୩୯୨ରେ ପହଞ୍ଚିଛି। ଏହି ନୂଆ ତାଲିକାରେ ଓଡ଼ିଶାର ଅନୁଗୁଳ ଜିଲ୍ଲା ମଧ୍ୟ ସାମିଲ ହୋଇଛି।

କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ 'ସୁନା ଅଳଙ୍କାର ଓ ସୁନାର କଳାକୃତି ହଲମାର୍କିଂ ତୃତୀୟ ସଂଶୋଧନ ଆଦେଶ, ୨୦୨୬' ଜାରି କରାଯାଇଛି। ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍)ର ପରାମର୍ଶ ଆଧାରରେ ଅଗଷ୍ଟ ୩ ତାରିଖରେ ଏହି ଆଦେଶ ଜାରି ହୋଇଛି। ସରକାରୀ ଗେଜେଟ୍‌ରେ ପ୍ରକାଶ ପାଇବା ଦିନଠାରୁ ଏହା ଲାଗୁ ହେବ। ନୂଆକରି ୯ ରାଜ୍ୟର ୧୨ ଜିଲ୍ଲା ଏହି ସୂଚୀରେ ସାମିଲ ହୋଇଛି। ଏଥିରେ ଆସାମର କୋକ୍ରାଝାର ଓ ଲଖିମପୁର, ହରିୟାଣାର ପାନିପତ, ମଧ୍ୟପ୍ରଦେଶର ଭିଣ୍ଡ, ଖଣ୍ଡୱା ଓ ବିଦିଶା, ମହାରାଷ୍ଟ୍ରର ଭଣ୍ଡାରା, ରାଜସ୍ଥାନର କୋଟପୁତଳି-ବହରୋଡ଼, ତାମିଲନାଡୁର କାଞ୍ଚିପୁରମ, ଉତ୍ତରାଖଣ୍ଡର ଉଧମ ସିଂହ ନଗର ଏବଂ ପଶ୍ଚିମବଙ୍ଗର ଝାଡ଼ଗ୍ରାମ ସାମିଲ ଅଛି। ଓଡ଼ିଶାରୁ ଅନୁଗୁଳ ଏହି ତାଲିକାରେ ସ୍ଥାନ ପାଇଛି।ସଂଶୋଧିତ ତାଲିକା ଅନୁଯାୟୀ ୨୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୩୯୨ ଜିଲ୍ଲାରେ ଏବେ ଅନିବାର୍ଯ୍ୟ ହଲମାର୍କିଂ ବ୍ୟବସ୍ଥା ଲାଗୁ ହୋଇଛି। ଓଡ଼ିଶାର ମୋଟ ୧୨ଟି ଜିଲ୍ଲା ଏହି ବ୍ୟବସ୍ଥାରେ ରହିଛି।

## ଲିଟର ପିଛା ୧୦ ଟଙ୍କାରେ କିଣାଯିବ ଗୋମୂତ୍ର

**ମହିଳାଙ୍କୁ ମିଳିବ ଲିଟର ପିଛା ୨ ଟଙ୍କା କମିଶନ**

**ୟୁପିର ବୁଲନ୍ଦସହରରୁ ପାଇଲଟ୍ ପ୍ରକଳ୍ପ ଆରମ୍ଭ**

ଲକ୍ଷ୍ନୌ, ୧୦।୮ (ଏଜେନ୍ସି): ଗୋପାଳନକୁ ଅତିରିକ୍ତ ଆୟର ମାଧ୍ୟମ କରିବା ସହ ଜୈବିକ ଓ ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଉତ୍ତରପ୍ରଦେଶ ସରକାର ଗୋମୂତ୍ର କିଣିବାର ଏକ ନୂଆ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏହି ପ୍ରକଳ୍ପରେ ପଶୁପାଳକ ଓ କୃଷକଙ୍କଠାରୁ ଲିଟର ପିଛା ୧୦ ଟଙ୍କା ଦରରେ ଗୋମୂତ୍ର କିଣାଯାଉଛି। ବୁଲନ୍ଦସହର ଜିଲ୍ଲାରୁ ଏହି ପ୍ରୟାସ ଆରମ୍ଭ ହୋଇଥିବାବେଳେ ସଫଳତା ମିଳିଲେ ଏହାକୁ ରାଜ୍ୟର ଅନ୍ୟ ଅଞ୍ଚଳକୁ ବିସ୍ତାର କରାଯିବ। ବୁଲନ୍ଦସହରର ସ୍ୟାନା ତହସିଲ ଅନ୍ତର୍ଗତ ନରସୈନା ଗାଁରେ ଏକ କୃଷକ ଉତ୍ପାଦକ ସଂଗଠନମାଧ୍ୟମରେ ଏହି ପାଇଲଟ୍ ପ୍ରକଳ୍ପ ଚାଲିଛି। ପ୍ରାଥମିକ ପର୍ଯ୍ୟାୟରେ ଆଖପାଖର ୧୫ଟି ଗାଁକୁ ଏଥିରେ ସାମିଲ କରାଯାଇଛି। ଗୋମୂତ୍ର ସଂଗ୍ରହ ପାଇଁ ଗାଁଗୁଡ଼ିକରେ ସ୍ଥାନୀୟ କେନ୍ଦ୍ର ସ୍ଥାପନ କରାଯାଇଛି। ସେଠାରେ ସଂଗୃହୀତ ଗୋମୂତ୍ରକୁ ନିର୍ଦ୍ଧାରିତ ଦରରେ କିଣାଯାଉଛି। ବର୍ତ୍ତମାନ ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଦୈନିକ ପ୍ରାୟ ୫୦୦ ଲିଟର ଗୋମୂତ୍ର ସଂଗ୍ରହ କରାଯାଉଛି। ଆଗାମୀ ଦିନରେ ଏହାର କ୍ରୟ ମୂଲ୍ୟ ଲିଟର ପିଛା ୨୦ ଟଙ୍କାକୁ ବଢ଼ାଇବା ନେଇ ମଧ୍ୟ ଯୋଜନା ରହିଛି। ଗାଁଗୁଡ଼ିକରେ ଗୋମୂତ୍ର ସଂଗ୍ରହ ପାଇଁ ୨୦୦ ଲିଟର କ୍ଷମତା ବିଶିଷ୍ଟ ଟାଙ୍କି ମଧ୍ୟ ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପରେ ମହିଳାଙ୍କ ଅଂଶଗ୍ରହଣକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗୋମୂତ୍ର ସଂଗ୍ରହ କାର୍ଯ୍ୟରେ ସହଯୋଗ କରୁଥିବା ମହିଳାମାନଙ୍କୁ ଲିଟର ପିଛା ୨ ଟଙ୍କା କମିଶନ ଦିଆଯାଉଛି। ପ୍ରାୟ ୩୦୦ ମହିଳାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

## ଖାଦ୍ୟ ସୁରକ୍ଷା ସଂକ୍ରାନ୍ତରେ ଭେଦଭାବ ଅଭିଯୋଗ ଆଣିଲା ଡାବର

ନୂଆଦିଲ୍ଲୀ: ଖାଦ୍ୟ ଉତ୍ପାଦର ଲେବଲ୍ ଓ ବିଜ୍ଞାପନରେ '୧୦୦% ପ୍ୟୁର୍', '୧୦୦% ନ୍ୟାଚୁରାଲ୍' ଓ '୧୦୦% ଅର୍ଗାନିକ୍' ଭଳି ଦାବିକୁ ନେଇ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ୍ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍ଏସ୍ଏସ୍ଏଆଇ) ର କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରିଛି ଡାବର କମ୍ପାନୀ। ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀଙ୍କ ବ୍ୟବସାୟିକ ସ୍ୱାର୍ଥକୁ ଲାଭ ପହଞ୍ଚାଇବା ପାଇଁ ଏଫ୍ଏସ୍ଏସ୍ଏଆଇ ଡ଼ାବର ସହ ଭେଦଭାବ କରିଛି ବୋଲି ଅଭିଯୋଗ କରିଛି।

ଡାବରର ଆବେଦନ ଉପରେ ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଏଫ୍ଏସ୍ଏସ୍ଏଆଇ ନିଷେଧାଦେଶ ଉପରେ ୨୪ ଅଗଷ୍ଟ ପର୍ଯ୍ୟନ୍ତ ପ୍ରତିବନ୍ଧକ ଲଗାଇଛନ୍ତି। କମ୍ପାନୀର ପକ୍ଷ ଶୁଣିବାର ସୁଯୋଗ ନଦେଇ ଏଭଳି ନିର୍ଦ୍ଦେଶ ଜାରି କରାଯାଇଥିବା ନେଇ ମଧ୍ୟ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଡାବର ଅଭିଯୋଗ କରିଛି ଯେ, ୬ ଅଗଷ୍ଟରେ ଦାଖଲ କରିଥିବା ରିଟ୍ ପିଟିସନ୍‌ରେ କମ୍ପାନୀ ଏଫ୍ଏସ୍ଏସ୍ଏଆଇର ଆଦେଶକୁ ଏକତରଫା ଓ ବିନା ଯଥେଷ୍ଟ ବିଚାରରେ ନିଆଯାଇଥିବା ବୋଲି ଦର୍ଶାଇଛି। ଏହି ଆଦେଶ ଯୋଗୁଁ ପ୍ରାୟ ୧୫୦ କୋଟି ଟଙ୍କାର ଇନ୍‌ଭେଣ୍ଟ୍ରି ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି ବୋଲି କମ୍ପାନୀ କହିଛି। ଏହି କାର୍ଯ୍ୟାନୁଷ୍ଠାନରେ ଡାବରର ୧୧ଟି ପ୍ରମୁଖ ଉତ୍ପାଦ ପ୍ରଭାବିତ ହୋଇଥିଲା। ଏଥିରେ ଡାବର ହନି, ଡାବର ଭର୍ଜିନ୍ କୋକୋନଟ୍ ଅଏଲ୍ ଓ ରିଅଲ୍ ଆକ୍ଟିଭ୍ କୋକୋନଟ୍? ୱାଟର୍ ଭଳି ଉତ୍ପାଦ ରହିଛି। କେତେକ ଉତ୍ପାଦର ଲେବଲ୍‌ରେ '୧୦୦%' ଦାବି ନଥିଲେ ମଧ୍ୟ ସେଗୁଡ଼ିକୁ ନିଷିଦ୍ଧ ତାଲିକାରେ ରଖାଯାଇଥିବା କମ୍ପାନୀ କହିଛି। ଏହାର ପ୍ରଭାବ ରିଟେଲ୍ ଓ କ୍ୱିକ୍-କମର୍ସ ବଜାରରେ ପଡ଼ିଛି। ଡାବରର କିଛି ଉତ୍ପାଦକୁ ବ୍ଲିଙ୍କିଟ୍ ଲିଷ୍ଟିଂରୁ ହଟାଇଥିବା ବେଳେ ହିଲ୍ଟନ୍ ହୋଟେଲ୍ ମଧ୍ୟ ବିବାଦର ସମାଧାନ ନହେବା ପର୍ଯ୍ୟନ୍ତ ପ୍ରଭାବିତ ଉତ୍ପାଦକୁ ସପ୍ଲାଏରୁ ବାଦ୍ ଦେବାକୁ ପ୍ରସ୍ତାବ ଦେଇଥିବା କୁହାଯାଇଛି।

## ପୁରୁଣା ପେନ୍‌ସନ୍ ବ୍ୟବସ୍ଥାକୁ ସରକାରଙ୍କ ନା




ନୂଆଦିଲ୍ଲୀ, ୧୦।୮: ସରକାରୀ କର୍ମଚାରୀଙ୍କ ପାଇଁ ପୁରୁଣା ପେନସନ୍ ଯୋଜନା (ଓପିଏସ୍) ପୁନଃ ଲାଗୁ କରିବା ନେଇ କେନ୍ଦ୍ର ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ଓପିଏସ୍‌କୁ ପୁଣିଥରେ କେନ୍ଦ୍ରୀୟ ସ୍ତରରେ ଲାଗୁ କରିବାର କୌଣସି ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ନାହିଁ। ଲୋକସଭାରେ ଏକ ଲିଖିତ ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ ରାଜସ୍ଥାନ, ଛତିଶଗଡ଼, ଝାଡ଼ଖଣ୍ଡ, ପଞ୍ଜାବ ଓ ହିମାଚଳ ପ୍ରଦେଶ ସରକାର ନ୍ୟାସନାଲ୍ ପେନସନ୍ ସିଷ୍ଟମ୍ (ଏନ୍‌ପିଏସ୍)ରୁ ଓପିଏସ୍‌କୁ ଫେରିବା ସମ୍ପର୍କରେ କେନ୍ଦ୍ର ସରକାର ଓ ପେନସନ୍?ଫଣ୍ଡ ରେଗୁଲେଟରୀ ଆଣ୍ଡ ଡେଭଲପ୍‌ମେଣ୍ଟ ଅଥରିଟି (ପିଏଫ୍ଆର୍‌ଡିଏ)କୁ ଅବଗତ କରିଥିଲେ। ରାଜ୍ୟଗୁଡ଼ିକ ନିଜସ୍ୱ ନୀତିଗତ ନିଷ୍ପତ୍ତି ନେଇ ଓପିଏସ୍‌କୁ ଫେରିପାରିବେ। କିନ୍ତୁ ଏପରି ପଦକ୍ଷେପର ଆର୍ଥିକ ପରିଣାମ ନେଇ ନିୟନ୍ତ୍ରକ ଓ ଅଡିଟ୍ ସଂସ୍ଥାଗୁଡ଼ିକ ପୂର୍ବରୁ ଚେତାବନୀ ଦେଇଆସୁଛନ୍ତି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ୍ (କ୍ୟାଗ୍)ର ବିଭିନ୍ନ 'ଷ୍ଟେଟ୍ ଫାଇନାନ୍ସ ଅଡିଟ୍ ରିପୋର୍ଟ'ରେ ଓପିଏସ୍‌କୁ ଫେରିଲେ ରାଜ୍ୟଗୁଡ଼ିକ ଉପରେ ଦୀର୍ଘମିଆଦୀ ଆର୍ଥିକ ଚାପ ଓ ରାଜକୋଷୀୟ ନିଅଣ୍ଟ ସୃଷ୍ଟିହେବ। ୨୦୦୪ ଜାନୁଆରୀ ୧ରୁ କେନ୍ଦ୍ର ସରକାରଙ୍କ ନୂଆ କର୍ମଚାରୀଙ୍କ ପାଇଁ ଏନ୍‌ପିଏସ୍ ଲାଗୁ ହୋଇଥିଲା। ଏହା ଏକ 'ଡିଫାଇନ୍ଡ କଣ୍ଟ୍ରିବ୍ୟୁସନ୍' ଆଧାରିତ ପେନସନ୍ ବ୍ୟବସ୍ଥା। ଅର୍ଥାତ୍ କର୍ମଚାରୀ ଓ ସରକାର ନିୟମିତ ଭାବେ ଅର୍ଥ ଯୋଗଦାନ କରନ୍ତି ଏବଂ ସେହି ଅର୍ଥ ବିନିଯୋଗ ହୋଇ ଅବସର ପରବର୍ତ୍ତୀ ଆର୍ଥିକ ସୁବିଧା ନିର୍ଦ୍ଧାରିତ ହୁଏ।

ଏନ୍‌ପିଏସ୍‌ରେ ପେନସନ୍ ସୁବିଧାକୁ ଅଧିକ ନିଶ୍ଚିତ ଓ ଆକର୍ଷଣୀୟ କରିବା ପାଇଁ ପରେ ଆଉ ଏକ ବିକଳ୍ପ ଆଣିଛି କେନ୍ଦ୍ର। ୨୦୨୫ ଏପ୍ରିଲ୍ ୧ରୁ ୟୁନିଫାଏଡ୍ ପେନସନ୍ ସ୍କିମ୍? (ୟୁପିଏସ୍) ଲାଗୁ ହୋଇଛି। ଏହା ଏନ୍‌ପିଏସ୍ ଅଧୀନରେ ଏକ ବିକଳ୍ପ ବ୍ୟବସ୍ଥା। ଏଥିରେ ଯୋଗ୍ୟ କର୍ମଚାରୀଙ୍କ ପାଇଁ ଅବସର ପରେ ନିଶ୍ଚିତ ପେନସନ୍ ସୁବିଧା ସହ ମହଙ୍ଗା ଭତ୍ତା ସହିତ ସଂଯୁକ୍ତ ଲାଭର ବ୍ୟବସ୍ଥା ରହିଛି। ଜୁଲାଇ ୭ ସୁଦ୍ଧା କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଏନ୍‌ପିଏସ୍ ଅଧୀନରେ ପରିଚାଳିତ ମୋଟ ସମ୍ପତ୍ତି ବା 'ଏସେଟ୍ ଅଣ୍ଡର ମ୍ୟାନେଜମେଣ୍ଟ' (ଏୟୁଏମ୍) ପରିମାଣ ପ୍ରାୟ ୩.୬୫ ଲକ୍ଷ କୋଟି ଟଙ୍କା ରହିଛି।

## ସୁନା ଉପରେ ଟିକସ: ଅଢ଼େଇ ମାସରେ ସରକାରଙ୍କ ଆୟ ୧୦୦୪୦ କୋଟି

ନୂଆଦିଲ୍ଲୀ, ୧୦।୮: ସୁନା ଓ ଅନ୍ୟ ମୂଲ୍ୟବାନ ଧାତୁର ଆମଦାନି ଉପରେ ଶୁଳ୍କ ବଢ଼ାଇବା ପରେ କେନ୍ଦ୍ର ସରକାରଙ୍କ ରାଜସ୍ୱ ଆୟରେ ବଡ଼ ବୃଦ୍ଧି ଘଟିଛି। ମେ' ୧୩ରୁ ଅଗଷ୍ଟ ୨ ମଧ୍ୟରେ ମାତ୍ର ଅଢେଇ ମାସରୁ କମ୍ ସମୟରେ ସୁନା ଆମଦାନିରୁ ସରକାର ୧୦,୦୪୦ କୋଟି ଟଙ୍କା ସୀମାଶୁଳ୍କ ଆଦାୟ କରିଛନ୍ତି। ସେହି ସମୟରେ ରୂପା ଆମଦାନିରୁ ୩୨୮ କୋଟି ଏବଂ ପ୍ଲାଟିନମ୍‌ରୁ ୯୫ କୋଟି ଟଙ୍କା ରାଜସ୍ୱ ମିଳିଛି।

ସୂଚନା ଅନୁସାରେ ୧୩ ମେ' ୨୦୨୬ରୁ ସୁନା, ରୂପା ଓ ଅନ୍ୟ ମୂଲ୍ୟବାନ ଧାତୁ ଉପରେ ପ୍ରଭାବୀ ଆମଦାନି ଶୁଳ୍କ ବୃଦ୍ଧି କରାଯାଇଥିଲା। ଏହା ପରେ ମେ' ୧୩ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ସୁନା ଆମଦାନିରୁ ୧୦,୦୪୦ କୋଟି ଟଙ୍କା ରାଜସ୍ୱ ମିଳିଛି । ସୁନା ଓ ରୂପାର ଆମଦାନି ଉପରେ ପ୍ରଭାବୀ ଶୁଳ୍କ ପୂର୍ବରୁ ପ୍ରାୟ ୬% ଥିବାବେଳେ ଏହାକୁ ୧୫%ରୁ ଅଧିକ କରାଯାଇଛି। ଏଥିପାଇଁ ୧୦% ବେସିକ୍ କଷ୍ଟମ୍ସ ଡ୍ୟୁଟି ସହିତ ୫% ଏଗ୍ରିକଲଚର୍ ଇନ୍?ଫ୍ରାଷ୍ଟ୍ରକ୍‌ଚର୍ ଆଣ୍ଡ ଡେଭଲପ୍‌ମେଣ୍ଟ ସେସ୍ ଲାଗୁ କରାଯାଇଛି। ସୁନା ଚାହିଦା ଯୋଗୁଁ ପ୍ରତିବର୍ଷ ବିପୁଳ ପରିମାଣର ସୁନା ବିଦେଶରୁ ଆମଦାନି ହୁଏ। ଏହା ଚଳନ୍ତି ଖାତା ନିଅଣ୍ଟ ଓ ବିଦେଶୀ ମୁଦ୍ରା ଉପରେ ଚାପ ବଢ଼ାଇପାରେ। ତେଣୁ ଆମଦାନି ମହଙ୍ଗା କରି ଚାହିଦା ହ୍ରାସ କରିବା ସହ ଦେଶର ବିଦେଶୀ ମୁଦ୍ରା ସଞ୍ଚୟ ଉପରେ ଚାପ କମାଇବା ଏହି ପଦକ୍ଷେପର ଅନ୍ୟତମ ଲକ୍ଷ୍ୟ ବୋଲି ସରକାର କହିଛନ୍ତି।

**ଏସ୍‌ବିଆଇ କାର୍ଡ ଓ ଗୁଗଲ୍ ପେ'ର ସହ-ବ୍ରାଣ୍ଡେଡ୍ କ୍ରେଡ଼ିଟ୍ କାର୍ଡ**

## ମିଳିବ ରିୱାର୍ଡ ଓ ଇଏମ୍‌ଆଇ ସୁବିଧା




ଭୁବନେଶ୍ୱର, ୧୦।୮: ଦେଶର ପ୍ରମୁଖ ପ୍ୟୁର୍-ପ୍ଲେ କ୍ରେଡିଟ୍ କାର୍ଡ ଜାରିକର୍ତ୍ତା ଏସ୍‌ବିଆଇ କାର୍ଡ ଏବଂ ଗୁଗଲ୍ ମିଳିତ ଭାବେ 'ଫ୍ଲେକ୍ସ ବାଏ ଗୁଗଲ୍ ପେ' ଅଫରିଂ ଅଧୀନରେ 'ଗୁଗଲ୍ ପେ ଫ୍ଲେକ୍ସ ଏସ୍‌ବିଆଇ କାର୍ଡ' ଲଞ୍ଚ କରିଛି। ଏହି କାର୍ଡରେ ଗ୍ରାହକମାନେ ଗ୍ରୋସୋରୀ, ବିଲ୍ ପେମେଣ୍ଟ, ଟ୍ରାଭେଲ୍ ବୁକିଂ, ୟୁଟିଲିଟି ପେମେଣ୍ଟ ଓ ଅନଲାଇନ୍ ତଥା ଅଫ୍‌ଲାଇନ୍ କ୍ରୟ ଉପରେ ରିୱାର୍ଡ 'ଷ୍ଟାର୍ସ' ପାଇପାରିବେ। ପ୍ରତି ୫୦୦ ଟଙ୍କାର ସଞ୍ଚିତ ଖର୍ଚ୍ଚରେ ସର୍ବାଧିକ ୮ଟି ଷ୍ଟାର୍ସ ଏବଂ ବର୍ଷକୁ ସର୍ବାଧିକ ୧୮,୦୦୦ ଷ୍ଟାର୍ସ ଅର୍ଜନର ସୁଯୋଗ ରହିଛି। ପେମେଣ୍ଟ ସମୟରେ ତୁରନ୍ତ ଏହି ରିୱାର୍ଡ ରିଡିମ୍ କରିହେବ।ଏହାବ୍ୟତୀତ ଶେଷ କ୍ରେଡ଼ିଟ୍ କାର୍ଡ ବିଲ୍‌କୁ ସୁବିଧାଜନକ ଇଏମ୍‌ଆଇରେ ପରିବର୍ତ୍ତନ କରିବାର ବିକଳ୍ପ ମଧ୍ୟ ରହିଛି। କାର୍ଡଟି ରୁପେ ଓ ଭିସା-ଦୁଇଟି ପେମେଣ୍ଟ ନେଟୱର୍କରେ ଉପଲବ୍ଧ ହେବ। ରୁପେ କାର୍ଡକୁ ୟୁପିଆଇ ସହ ଲିଙ୍କ୍ କରିହେବ। ଗୁଗଲ୍ ପେ ଆପ୍ ମାଧ୍ୟମରେ କାର୍ଡ ପାଇଁ ଆବେଦନ, ପେମେଣ୍ଟ, ରିୱାର୍ଡ ଓ ଆକାଉଣ୍ଟ ପରିଚାଳନା ଭଳି ସୁବିଧା ମିଳିବ।

## ଲକ୍ଷ୍ମୀବାଇ ନଗର-ଶ୍ରୀଗଙ୍ଗାନଗର ସ୍ପେସାଲ ଟ୍ରେନ୍ ଅବଧି ବୃଦ୍ଧି

ରତଲାମ, ୧୦।୮: ଯାତ୍ରୀଙ୍କ ସୁବିଧା ଓ ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ପଶ୍ଚିମ ରେଳବାଇ ପକ୍ଷରୁ ଲକ୍ଷ୍ମୀବାଇ ନଗର (ଇନ୍ଦୋର)-ଶ୍ରୀଗଙ୍ଗାନଗର ସାପ୍ତାହିକ ସ୍ପେସାଲ ଟ୍ରେନ୍‌ର ଚଳାଚଳ ଅବଧି ପୁଣି ବଢ଼ାଯାଇଛି। ରତଲାମ ମଣ୍ଡଳର ଜନସମ୍ପର୍କ ଅଧିକାରୀ ମୁକେଶ କୁମାରଙ୍କ ସୂଚନା ଅନୁଯାୟୀ, ଟ୍ରେନ୍ ନମ୍ବର ୦୪୭୩୬ ଲକ୍ଷ୍ମୀବାଇ ନଗର-ଶ୍ରୀଗଙ୍ଗାନଗର ସାପ୍ତାହିକ ସ୍ପେଶାଲ ଆସନ୍ତା ୨୮ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଚଳାଚଳ କରିବ। ସେହିପରି ଟ୍ରେନ୍ ନମ୍ବର ୦୪୭୩୫ ଶ୍ରୀଗଙ୍ଗାନଗର-ଲକ୍ଷ୍ମୀବାଇ ନଗର ସାପ୍ତାହିକ ସ୍ପେଶାଲ ୨୭ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଟ୍ରେନ୍‌ର ରହଣି, କୋଚ୍ ସଂରଚନା ଓ ସମୟ ସମ୍ପର୍କିତ ଅଦ୍ୟତନ ତଥ୍ୟ ପାଇଁ ଯାତ୍ରୀମାନେ ରେଳବାଇର ଏନ୍‌କ୍ୱାୟାରି ୱେବସାଇଟ୍ କିମ୍ବା ରେଲୱାନ୍ ଆପ୍ ମାଧ୍ୟମରେ ତଥ୍ୟ ପାଇପାରିବେ।

**ଜଳାଶୟ ପୁନରୁଦ୍ଧାର**

## ୩ବର୍ଷରେ ଓଡ଼ିଶା କେନ୍ଦ୍ରରୁ ପାଇଛି ୧୮୨୯ କୋଟି



ଭୁବନେଶ୍ୱର/ନୂଆଦିଲ୍ଲୀ,୧୦।୮: ଜଳାଶୟ ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ଗତ ୩ବର୍ଷରେ ଓଡ଼ିଶାକୁ ୧୮୨୯ କୋଟି ୫୬ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେଇଛନ୍ତି। ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନ ଉତ୍ତରରେ କେନ୍ଦ୍ର ଜଳଶକ୍ତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀ ଏହି ସୂଚନା ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ତଥ୍ୟ ମୁତାବକ ୨୦୧୫-୧୬ ବର୍ଷରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଆରମ୍ଭ ହୋଇଥିଲା। ଫସଲ ପାଇଁ ଜଳ ଯୋଗାଣ ବ୍ୟବସ୍ଥାକୁ ଉନ୍ନତ କରିବା ସହିତ ଜଳ ସଂରକ୍ଷଣ ଏହି ଯୋଜନାର ଲକ୍ଷ୍ୟ। ଏହି ଯୋଜନା ଅଧୀନରେ ଗଡ଼ିଆ ପୋଖରୀ ସମେତ ଅନ୍ୟାନ୍ୟ ଜଳ ଉତ୍ସଗୁଡ଼ିକର ମରାମତି, ପୁନରୁଦ୍ଧାର ଆଦି କାର୍ଯ୍ୟ କରାଯାଇଥାଏ। ଏଥିଲାଗି ସ୍ୱତନ୍ତ୍ର ଭାବେ 'ହର୍ ଖେତ୍ କୋ ପାନି' କାର୍ଯ୍ୟକ୍ରମ ଚାଲୁଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଓଡ଼ିଶାକୁ ୧୬୨.୮୭୫ କୋଟି ଟଙ୍କା ୨୦୨୩-୨୪ରୁ ୨୦୨୫-୨୬ ପର୍ଯ୍ୟନ୍ତ ତିନୋଟି ଆର୍ଥôକ ବର୍ଷରେ ମିଳିଛି। ଏଥିରେ ୪୩୩ଟି ଗଡ଼ିଆ ପୋଖରୀ ସମେତ ଅନ୍ୟାନ୍ୟ ଜଳ ଉତ୍ସର ପୁନରୁଦ୍ଧାର କରାଯାଇଛି।

ସେହିଭଳି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ ଅମୃତ ଯୋଜନାରେ ସହରାଞ୍ଚଳ ଜଳ ଉତ୍ସଗୁଡ଼ିକର ବିକାଶ ପାଇଁ କେନ୍ଦ୍ର ସରକାର ସହାୟତା ପ୍ରଦାନ କରୁଛନ୍ତି। ଅମୃତ ଯୋଜନାରେ ଗତ ୩ବର୍ଷ ଭିତରେ ରାଜ୍ୟର ବିଭିନ୍ନ ସହରରେ ୨୭ଟି ଜଳ ଉତ୍ସର ପୁନରୁଦ୍ଧାର କରାଯାଇଛି ଯେଉଁଥିପାଇଁ କେନ୍ଦ୍ର ସରକାର ୬୨୧.୪୬ କୋଟି ଟଙ୍କା ପ୍ରଦାନ କରିଛନ୍ତି।

ଶ୍ରୀ ରାୟଙ୍କୁ କେନ୍ଦ୍ରମନ୍ତ୍ରୀ ପୁଣି କହିଛନ୍ତି ଯେ ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜି ନରେଗା)ରେ କିନ୍ତୁ ଗତ ୩ବର୍ଷ ଭିତରେ ଓଡ଼ିଶାରେ ବ୍ୟାପକ ଜଳ ଉତ୍ସର ପୁନରୁଦ୍ଧାର କରାଯାଇଛି। ଏଥିପାଇଁ କେନ୍ଦ୍ରରୁ ଓଡ଼ିଶାକୁ ୧୦୪୫ କୋଟି ୨୩ଲକ୍ଷ ଟଙ୍କାର ସହାୟତା ମିଳିଛି, ଯେଉଁଥିରେ ୧୯୧୩୧ଟି ଜଳଉତ୍ସର ପୁନରୁଦ୍ଧାର କରାଯାଇପାରିଛି। ଏହାଛଡ଼ା ବର୍ଷା ଜଳ ସଂରକ୍ଷଣ ପାଇଁ ୨୦୧୯ ମସିହାରେ ଆରମ୍ଭ ହୋଇଥିବା ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମରେ ମଧ୍ୟ ଓଡ଼ିଶା ବ୍ୟାପକ ସହାୟତା ପାଇଛି, ଯେଉଁଥିରେ ୨୫,୨୫୩ଟି ଜଳ ଉତ୍ସର ପୁନରୁଦ୍ଧାର କାର୍ଯ୍ୟ ଗତ ୩ବର୍ଷ ମଧ୍ୟରେ ହୋଇପାରିଛି।

ଓଡ଼ିଶାରେ ଭୂତଳ ଜଳ ସ୍ତର ହ୍ରାସ ପାଉଥିବା କାରଣରୁ ଭବିଷ୍ୟତ ପାଇଁ ଏହା ଆହ୍ୱାନ ସୃଷ୍ଟି କରିପାରେ ବୋଲି ସାଂସଦ ଶ୍ରୀ ରାୟ ଉଦ୍‌ବେଗର ସହ କହିଛନ୍ତି। ଏଭଳି ଘଟିଲେ କୃଷି କ୍ଷେତ, ପାନୀୟ ଜଳ ଓ ପଶୁ ପାଳନ କ୍ଷେତ୍ର ପ୍ରତି ଗୁରୁତର ସଂକଟ ସୃଷ୍ଟି ହୋଇପାରେ। ଏହି ସମସ୍ୟାକୁ ଆଖି ଆଗରେ ରଖି ରାଜ୍ୟର ସମସ୍ତ ନଦୀ, ହ୍ରଦ, ଝରଣା, ଗଡ଼ିଆ, ପୋଖରୀ, ଯୋର ଓ ଅନ୍ୟାନ୍ୟ ଜଳ ଉତ୍ସଗୁଡ଼ିକରେ ଯେପରି ବର୍ଷ ତମାମ ଜଳ ଭର୍ତ୍ତି ହୋଇ ରୁହେ ସେ ଦିଗରେ ଓଡ଼ିଶା ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଆର୍ଥିକ ସହାୟତା ଦେବା ଲାଗି ଏକ ବିବୃତିରେ ଶ୍ରୀ ରାୟ ଦାବି କରିଛନ୍ତି।

**୧୧ତମ ଶ୍ରାଦ୍ଧବାର୍ଷିକୀରେ**

## ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ...

ଯଶସ୍ୱିନୀ ପଦ୍ମିନୀ ରଥଙ୍କ ପ୍ରୟାଣକୁ ଚାହୁଁ ଚାହୁଁ ୧୧ ବର୍ଷ ହୋଇଗଲା। ଆଜି ବି ସହଜରେ ବିଶ୍ୱାସ କରି ହେଉନି ସେ ଇହଜଗତରେ ନାହାଁନ୍ତି ବୋଲି। ସମୟ ଯେତିକି ବିତୁଛି ସ୍ମୃତି ସେତିକି ସତେଜ ହେଉଛି। ତାଙ୍କର ବ୍ୟକ୍ତିତ୍ୱର ବର୍ଣ୍ଣାଳି ଆଜି ବି ସଭିଙ୍କୁ ଅନୁରଣିତ କରୁଛି। 'ଡ୍ରିମ୍‌ସ' ଭଳି ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ ରେ ରୂପାନ୍ତରିତ ହେବା ପଶ୍ଚାତ୍ ଭାଗରେ ପଦ୍ମିନୀଙ୍କ ପ୍ରେରଣା ଯେ ନିହିତ ଏହା କହିବାରେ ଦ୍ୱିଧା ନାହିଁ। ଡ୍ରିମ୍‌ସ ବିଶ୍ୱିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପଦ୍ୟୋଗୀ ପ୍ରମୋଦ ଚନ୍ଦ୍ର ରଥଙ୍କ ଧର୍ମପତ୍ନୀ ଭାବରେ କେବଳ ନୁହେଁ, ଜଣେ ସୁଗୃହିଣୀର ସୁଖ୍ୟାତିରେ ପଦ୍ମିନୀଙ୍କର ବିତିଥିଲା ସାଂସାରିକ ଜୀବନ...।



କଟକ ଜିଲ୍ଲା ସାଲେପୁର ଅନ୍ତର୍ଗତ ସୋରୀ ଗ୍ରାମରେ ୧୯୬୨ ଅକ୍ଟୋବର ୨୬ରେ ପିତା ଗୋଲକ ଚନ୍ଦ୍ର ଶତପଥୀ ଓ ମାତା ଭବାନୀ ଙ୍କର ଔରସରୁ ଜନ୍ମ ଗ୍ରହଣ କରିଥିଲେ ପଦ୍ମିନୀ। 'ତୁଳସୀ ଦୁଇ ପତ୍ରରୁ ବାସିଲା ପରି' ବାଲ୍ୟକାଳରୁ ହିଁ ପଦ୍ମିନୀଙ୍କର ସୁଗୁଣ ଆକର୍ଷିତ କରିଥିଲା ସମସ୍ତଙ୍କୁ। କୃତିତ୍ୱର ସହ ସ୍କୁଲ ଶିକ୍ଷା ସମାପ୍ତ କରି କଲେଜରୁ ସ୍ନାତକ ଡିଗ୍ରୀ ହାସଲ କଲେ। ଏହି ସମୟରେ ତାଙ୍କର ବିବାହ ହେଲା କର୍ମଯୋଗୀ ଧନେଶ୍ୱର ରଥଙ୍କ ତୃତୀୟ ପୁତ୍ର ଶିଳ୍ପଦ୍ୟୋଗୀ ପ୍ରମୋଦ ଚନ୍ଦ୍ର ରଥଙ୍କ ସହ। ସୌରୀରୁ ଆସିଲେ ଟାଙ୍ଗୀର କଏରାପାରୀ। ସମୟକ୍ରମେ ଗୋଟିଏ ପୁତ୍ର ଓ କନ୍ୟା ସନ୍ତାନର ଜନନୀ ହେଲେ। ବହୁ କୁଟୁମ୍ବୀ ପରିବାରର ବୋହୂ ଭାବରେ ନିଜର କର୍ତ୍ତବ୍ୟ ଓ ଗୁରୁ ଦାୟିତ୍ୱ ସମ୍ଭାଳିବାକୁ ହେଲେ ସ୍ନେହ ଓ ଭଲ ପାଇବାର ଡୋରିରେ ସମସ୍ତଙ୍କୁ ବାନ୍ଧି ରଖିବାକୁ ହେବ-ଏହି ମହନୀୟ ଗୁଣ ଭରି ରହିଥିଲା ତାଙ୍କ ପାଖରେ । କେବଳ ପରିବାର ଲୋକଙ୍କ ନୁହେଁ ଅନ୍ୟ ଅନ୍ୟମାନଙ୍କ ପାଇଁ ମଧ୍ୟ ସେଥିଲେ ଅତ୍ୟନ୍ତ ସ୍ନେହୀ ଓ ଦୟାଶୀଳା। ତାଙ୍କରି ସାହାଯ୍ୟ ଓ ସଦିଚ୍ଛା ଯୋଗୁ ଅନେକ ଆଜି ଆଗକୁ ବଢିବାକୁ ସକ୍ଷମ ହୋଇପାରିଛନ୍ତି। ପଦ୍ମିନୀ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା ଓ ଈଶ୍ୱରବିଶ୍ୱାସୀ। କୋଟେଶ୍ୱର, ବଟେଶ୍ୱର, ଝାଡେଶ୍ୱର, ଚାଟେଶ୍ୱର, ଅଡମ୍ବରୁର ଶ୍ରୀ ଶନିଶ୍ଚରଙ୍କ ଭଳି ବିଭିନ୍ନ ମନ୍ଦିରର ଉନ୍ନତିକରଣ ଏବଂ ଧାର୍ମିକ କାର୍ଯ୍ୟକ୍ରମରେ ତାଙ୍କର ଅକୁଣ୍ଠ ସହଯୋଗ ରହିଥିଲା। ବିଧିର ବିଧାନ ବିଚିତ୍ର । ଜୀବନ ସାରା ଅନ୍ୟକୁ ଖୁସି ବାଣ୍ଟି ଆସିଥିବା ପଦ୍ମିନୀଙ୍କୁ ରୋଗ ଶଯ୍ୟାର ଯନ୍ତ୍ରଣା ଭିତରେ ଜୀବନ ବିତାଇବାକୁ ପଡିଥିଲା। ଶ୍ରାବଣ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ। ୨୦୧୫ ଅଗଷ୍ଟ ୧୩ ତାରିଖରେ, ମାତ୍ର ୫୩ବର୍ଷ ବୟସରେ ପଦ୍ମିନୀ ଅନେକଙ୍କ ଆଖିରେ ଲୁହ ଭରିଦେଇ ଇହଲୀଳା ସମ୍ବରଣ କଲେ। ତାଙ୍କ ମୃତ୍ୟୁରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟହେଲା। ହେଲେ ଆଜି ସେ ଶୂନ୍ୟ ସ୍ଥାନ ପୂର୍ଣ୍ଣତାର ରୂପ ନେଇଛି। ସୁପୁତ୍ର ଦୁର୍ଗା ପ୍ରସାଦଙ୍କ ଅକ୍ଳାନ୍ତ ପ୍ରଚେଷ୍ଟା, ପିତା ପ୍ରମୋଦ ବାବୁଙ୍କ ପ୍ରେରଣା ଓ ପ୍ରିୟପରିଜନଙ୍କ ସହଯୋଗରେ ତାଙ୍କ ଅମ୍ଳାନ ସ୍ମୃତିରେ ସ୍ଥାପିତ ହୋଇଛି କର୍ମଭୂମି ଟାଙ୍ଗୀର କଏରାପାରରେ 'ପଦ୍ମିନୀ କେୟାର' ଅତ୍ୟାଧୁନିକ ହସ୍‌ପିଟାଲ ଓ ମେଡିକାଲ କଲେଜ। ଏଥିସହିତ ଶୁଭାରମ୍ଭ ହୋଇଛି ଗରିବ ତଥା ଅସହାୟ ରୋଗୀଙ୍କ ପାଇଁ 'ସଂକଳ୍ପ'- ନିଃଶୁଳ୍କ ଜନ ଔଷଧି ସେବା ଯୋଜନା। ରୋଗ ଯନ୍ତ୍ରଣାକୁ ଅଙ୍ଗେ ଲିଭାଇଥିବା ପଦ୍ମିନୀ ଦେବୀଙ୍କ ପାଇଁ ଏହା ସବୁଠୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି କୁହାଯିବ। ପାର୍ଥିବ ଶରୀର ପଞ୍ଚଭୂତରେ ଲୀନହୋଇଥିଲେ ହେଁ ସବୁରି ହୃଦୟ ଓ ମନରେ ସେ ଚିର ଆୟୁଷ୍ମାନ୍। ଆଜି ସେହି ମହୀୟସୀଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ। ଏହି ଅବସରରେ ତାଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ଜଣାଉଛୁ ବିନମ୍ର ପ୍ରଣତି।

ନିରାକାର ସାହୁ
ଆବାହକ, ଧନେଶ୍ୱର ରଥ ଫାଉଣ୍ଡେସନ୍,
ଡ୍ରିମ୍‌ସ, ଟାଙ୍ଗୀ, କଟକ

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମଧୁର କଥା କହି ପରକୁ ଆପଣାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**ବୃଷ:** ଧର୍ମକର୍ମ ପ୍ରତି ମନ ବଳିପାରେ। ଆୟ ଆଶାନୁରୂପ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମିଥୁନ:** ବ୍ୟବସାୟ ଲାଭଜନକ ହେବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାନ ଧର୍ମ କରନ୍ତୁ।

**କର୍କଟ:** ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପରୋପକାରୀ ହେବେ।

**ସିଂହ:** ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଅତିଥି ସତ୍କାର କରିପାରନ୍ତି। ଭାଇଭାଇଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ।

**କନ୍ୟା:** ଛାତ୍ରଛାତ୍ରୀମାନଙ୍କୁ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ରାଜନୀତିରେ ସାମିଲ ହୋଇପାରନ୍ତି।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ପାଇବେ। ପିଲାମାନେ ଖେଳମନସ୍କ ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧୈର୍ଯ୍ୟ ରଖି କାମ କରନ୍ତୁ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୋଜନା ମୁତାବକ କାମ କରିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ:** ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**ମକର:** ଦିନଟି ବ୍ୟସ୍ତ ଭିତରେ କଟିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ନିଜ ଲୋକ ଶତ୍ରୁ ସାଜିବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**ମୀନ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଯୋଜନା ମୁତାବକ କାମ କରିବେ । ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

## ଆଜିର ଦିନରେ

- ୧୯୦୮ - କ୍ରାନ୍ତିକାରୀ ଖୁଦିରାମ ବୋଷଙ୍କୁ ଫାଶୀ।
- ୧୯୧୪- ଅଷ୍ଟ୍ରିଆ ଓ ହଙ୍ଗେରୀ ଉପରେ ଫ୍ରାନ୍ସର ଆକ୍ରମଣ ଘୋଷଣା।
- ୧୯୪୮ -ଲଣ୍ଡନରେ ସମର୍ ଅଲିମ୍ପିକର ଆରମ୍ଭ।
- ୧୯୬୦- ଫ୍ରାନ୍ସଠାରୁ ଆଫ୍ରିକୀୟ ଦେଶ ଚାଦ୍‌ର ସ୍ୱାଧୀନତା ଲାଭ।
- ୧୯୮୫- ରୋନାଲ୍ଡ ରିଗନ୍ ଆମେରିକାର ରାଷ୍ଟ୍ରପତି ହେଲେ।

## ୧୫ ଅଗଷ୍ଟରେ 'ଲଭ୍ ଆଣ୍ଡ ୱାର୍'ର ଫାଷ୍ଟ ଲୁକ୍

ବଲିଉଡ୍ ଅଭିନେତା ରଣବୀର କପୁର, ଆଲିଆ ଭଟ୍ଟ ଏବଂ ଭିକ୍କି କୌଶଲଙ୍କ ଅଭିନୀତ ରୋମାଣ୍ଟିକ ପିରିୟଡ୍ ଡ୍ରାମା 'ଲଭ୍ ଆଣ୍ଡ ୱାର୍'ର ରିଲିଜ୍‌କୁ ଦର୍ଶକେ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଫିଲ୍ମ ନିର୍ମାତା ଏବେ ଏହାର ପ୍ରଥମ ଝଲକ ରିଲିଜ୍ କରିବା ପାଇଁ ପ୍ରସ୍ତୁତି ଚଳାଇଥିବା କୁହାଯାଉଛି। ଫିଲ୍ମର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲି ସ୍ୱାଧୀନତା ଦିବସ ଅବସରରେ ଫିଲ୍ମର ମୁଖ୍ୟ କଳାକାରମାନଙ୍କ ଫାଷ୍ଟ ଲୁକ୍ ଜାରି କରିବାକୁ ଯୋଜନା କରିଥିବା ନେଇ ଖବର ଆସୁଛି। ସଞ୍ଜୟ କେବଳ ପୋଷ୍ଟର୍ ଆଣିବେ ନାହିଁ ଭିଡିଓ ଫର୍ମାଟ୍‌ରେ ଏହାର ଫାଷ୍ଟ ଲୁକ୍ ମଧ୍ୟ ସେୟାର୍ କରିବେ। ଏହାହିଁ ବିଧିବଦ୍ଧ ଭାବେ ଫିଲ୍ମର ଫାଷ୍ଟଲୁକ୍ ହେବ। ଅବଶ୍ୟ ପୂର୍ବରୁ ସମୟ ସମୟରେ ସୁଟିଂ ସେଟ୍‌ରୁ ଏହାର ଫଟୋଗୁଡ଼ିକ ଭାଇରାଲ ହୋଇଛି। 'ଲଭ୍ ଆଣ୍ଡ ୱାର୍' ର ସୁଟିଂ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭିକ୍କି ପ୍ରଥମରୁ ହିଁ ନିଜର ସୁଟିଂ ଶେଷ କରି ଦେଇଛନ୍ତି। ରଣବୀର ଏବଂ ଆଲିଆ ଅଗଷ୍ଟ ଶେଷ ସୁଦ୍ଧା ସେମାନଙ୍କର ସୁଟିଂ ସାରିଦେବେ ବୋଲି କୁହାଯାଉଛି। ଏହି ଫିଲ୍ମରେ ଦୀପିକା ପାଦୁ୍ୟକୋନ୍ ବି ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଫିଲ୍ମର କଳାକାରମାନଙ୍କ ତାଲିକାରେ ଦୀପିକାଙ୍କ ନାଁ ଥିବାରୁ ସେ ଅତିଥି କଳାକାର ଭାବେ ନଜର ଆସିପାରନ୍ତି ବୋଲି ଦର୍ଶକେ ଅନୁମାନ କରୁଛନ୍ତି। 'ଲଭ୍ ଆଣ୍ଡ ୱାର୍'ର ବଜେଟ୍ ରହିଛି ୩୦୦ କୋଟି। ଏହା ଜାନୁଆରୀ ୨୦୨୭ରେ ସିନେମାହଲ୍‌ରେ ମୁକ୍ତିଲାଭ କରିବ।



## ଦୁର୍ଲଭ ଫୁଲ 'ହିମାଳୟ ହୀରା'



ପ୍ରକୃତି କୋଳରେ ଏମିତି ଅନେକ ଦୁର୍ଲଭ ଫୁଲ ଅଛି ଯାହା ତାହାର ଅନନ୍ୟ ରୂପ, ସୁଗନ୍ଧ ଏବଂ ସୀମିତ ସଂଖ୍ୟା ପାଇଁ ଜଣାଯାଏ। ଏହି ଫୁଲଗୁଡ଼ିକ ମଧ୍ୟରୁ କେତେକ ବର୍ଷ ବର୍ଷ ପରେ ମାତ୍ର ଥରେ ଫୁଟିଥାଏ। ହିମାଳୟରେ ଦୃଶ୍ୟମାନ ହେଉଥିବା ଏଭଳି ଏକ ଦୁର୍ଲଭ ଫୁଲ ହେଉଛି 'କେଞ୍ଜୋ'। ଏହି ଫୁଲଟି ସମୁଦ୍ର ପତ୍ତନରୁ ୪ ହଜାର ମିଟରରୁ ଅଧିକ ଉଚ୍ଚତାରେ ଫୁଟିଥାଏ। ଏହା ହିମାଳୟନ୍ ଡାଇମଣ୍ଡ ବା ହିମାଳୟ ହୀରା ନାମରେ ମଧ୍ୟ ପରିଚିତ। ଏହି ଫୁଲ ଅତ୍ୟଧିକ ଥଣ୍ଡାରେ ବି ସହଜରେ ବଞ୍ଚିରହିପାରେ। ଏହା ଉତ୍ତରାଖଣ୍ଡର ଭ୍ୟାଲି ଅଫ୍ ଫ୍ଲାୱାର୍ସ, ହିମକୁଣ୍ଡ ସାହିବ ଏବଂ ଗଙ୍ଗୋତ୍ରୀ ନ୍ୟାସନାଲ ପାର୍କ ଭଳି ଉଚ୍ଚ ହିମାଳୟ ଅଞ୍ଚଳରେ ଫୁଟିଥାଏ । ଏହି ଗଛଟି ପ୍ରାୟ ୨ ମିଟର (୬.୫ ଫୁଟ) ପର୍ଯ୍ୟନ୍ତ ଲମ୍ବା ହୋଇପାରେ, ଯାହା ଜଣେ ସାଧାରଣ ମଣିଷର ଉଚ୍ଚତାଠାରୁ ମଧ୍ୟ ଅଧିକ। ଗଛଟି ତା'ର ଜୀବନକାଳ ମଧ୍ୟରେ ମାତ୍ର ଥରେ ଫୁଲ ଫୁଟାଏ। ଏଥିପାଇଁ ଗଛକୁ ପ୍ରାୟ ୭ ରୁ ୧୫ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ ଏବଂ ଫୁଲ ଫୁଟିବା ପରେ ଏହା ମରିଯାଏ। ଏହାର ହାଲୁକା ହଳଦିଆ-ଧଳା ରଙ୍ଗର ପତ୍ରଗୁଡ଼ିକ ଫୁଲକୁ ସୂର୍ଯ୍ୟକିରଣ ଏବଂ ଅତ୍ୟଧିକ ଶୀତରୁ ରକ୍ଷା କରିବା ପାଇଁ ଏକ ପ୍ରକୃତିଦତ୍ତ ଗ୍ରୀନହାଉସ୍ ଭଳି କାମ କରେ। ଜୁଲାଇ ଓ ଅଗଷ୍ଟ ମାସ ଏହି ଫୁଲ ଫୁଟିବାର ମୁଖ୍ୟ ସମୟ ହୋଇଥିବାବେଳେ, ଅତ୍ୟନ୍ତ କଠିନ ରାସ୍ତା ଓ କମ୍ ଅମ୍ଳଜାନ ଥିବା ଅଞ୍ଚଳରେ ହେଉଥିବାରୁ ଏହାକୁ ଫୁଟିଥିବା ଦେଖିବା ଟ୍ରେକରମାନଙ୍କ ପାଇଁ କୌଣସି ସୌଭାଗ୍ୟଠାରୁ କମ୍ ମନେ କରାଯାଏନାହିଁ। ନିକଟରେ ଏହି ଫୁଲର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି।

## ଆଜି ଆସିଥିଲେ

# ଔପନ୍ୟାସିକ କାହ୍ନୁଚରଣ



କାହ୍ନୁଚରଣ ମହାନ୍ତି ଓଡ଼ିଆ ସାହିତ୍ୟ ଜଗତର ଜଣେ ଅତ୍ୟନ୍ତ ଲୋକପ୍ରିୟ ଏବଂ ପ୍ରଭାବଶାଳୀ ଔପନ୍ୟାସିକ ଥିଲେ। ଛଅ ଦଶନ୍ଧିରୁ ଅଧିକ ସମୟର ସାହିତ୍ୟିକ ସାଧନା ମଧ୍ୟରେ ସେ ପ୍ରାୟ ଛପନଟି ଉପନ୍ୟାସ ରଚନା କରି ଆଧୁନିକ ଓଡ଼ିଆ କଥାସାହିତ୍ୟକୁ ସମୃଦ୍ଧ କରିଛନ୍ତି। ତାଙ୍କ ଲେଖନୀରେ ଓଡ଼ିଶାର ଗ୍ରାମ୍ୟ ଜୀବନ, ସାମାଜିକ ବାସ୍ତବତା, ମହିଳାମାନଙ୍କ ସମସ୍ୟା ଏବଂ ମାନବୀୟ ସମ୍ପର୍କର ସୂକ୍ଷ୍ମ ଚିତ୍ର ଅତି ସୁନ୍ଦର ଭାବେ ଫୁଟିଉଠିଛି। ପରିବେଶ ଓ ଘଟଣା ବର୍ଣ୍ଣନା ମାଧ୍ୟମରେ ସେ ଚରିତ୍ରମାନଙ୍କର ମାନସିକତାକୁ ଅବିକଳ ଭାବେ ପ୍ରଦର୍ଶନ କରିବାରେ ଥିଲେ ସିଦ୍ଧହସ୍ତ। ଓଡ଼ିଆ ଉପନ୍ୟାସ ଜଗତରେ ସେ ବାସ୍ତବବାଦୀ ଧାରାର ପ୍ରବର୍ତ୍ତକ ଥିଲେ। ସେ ସେହି ସମୟର ସମାଜରେ ଘଟୁଥିବା ଘଟଣାକୁ ଅତି ନିଖୁଣ ଭାବେ ଉପସ୍ଥାପନ କରୁଥିଲେ। କାହ୍ନୁଚରଣ ୧୯୦୬ ମସିହା ଆଜିର ଦିନରେ କଟକ ଜିଲ୍ଲାସ୍ଥିତ ନାଗବଳି ଗାଁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିଲାଟି ବେଳୁ ସାହିତ୍ୟ ତଥା ଲେଖାଲେଖି ପ୍ରତି ଆଗ୍ରହ ଥିଲା। ପ୍ୟାରୀମୋହନ ଏକାଡେମୀରେ ପାଠ ପଢ଼ିବା ସମୟରେ ବିଦ୍ୟାଳୟ ପତ୍ରିକାରେ ତାଙ୍କର କେତୋଟି କବିତା ପ୍ରକାଶ ପାଇଥିଲା। ତେବେ ସେ କବିତା ଲେଖିବା ଜାରି ରଖି ନ ଥିଲେ। କାହ୍ନୁଚରଣ ଭାବୁଥିଲେ ସଂସ୍କୃତ ଭାଷାରେ କବିତା ଲେଖିଲେ ହିଁ, ପ୍ରକୃତ କବିର ପରିଚୟ ମିଳିପାରିବ। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ହୃଦ୍‌ବୋଧ ହେଲା ଯେ, ବାପା, ମାଆ, ମାଉସୀ ଆଦି ଯେଉଁ ଭାଷାରେ କଥାବାର୍ତ୍ତା ହେଉଛନ୍ତି, ସେହି ଭାଷାରେ ବି ଲେଖାଲେଖି କରାଯାଇପାରିବ। ଆଉ ତା'ପରେ କାହ୍ନୁଙ୍କର ଲେଖନୀ ଯାତ୍ରା ଆରମ୍ଭ ହୋଇଥିଲା। ସେ ଫକୀର ମୋହନ ସେନାପତିଙ୍କ ରଚନାରେ ବେଶ୍ ପ୍ରଭାବିତ ଥିଲେ। ଗ୍ରାଜୁଏସନ୍ ଶେଷ ପରେ କାହ୍ନୁଚରଣ ସରକାରୀ ସେବାରେ କିରାଣି ଚାକିରି କରିଥିଲେ। ଆଉ ୧୯୬୪ରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ସରକାରୀ ସେବାରୁ ଅବସର ନେଲେ। ଏ ସବୁ ଭିତରେ ସେ ଲେଖାଲେଖି ଜାରି ରଖିଥିଲେ। କାହ୍ନୁଙ୍କ ପ୍ରଥମ ଉପନ୍ୟାସ ଥିଲା 'ଉତ୍ସବେ ବ୍ୟସନେ', କିନ୍ତୁ ଦୁଃଖର ବିଷୟ ତାହା ପ୍ରକାଶିତ ହୋଇ ନ ଥିଲା। ଏହାପରେ ୧୯୩୦ 'ଅନ୍ନ' ଓ 'ପଳାତକ' ନାମରେ ଦୁଇଟି ଉପନ୍ୟାସ ଲେଖିଲେ। ସେହିପରି ତାଙ୍କ ରଚିତ ତୃତୀୟ ଉପନ୍ୟାସ 'ନିଷ୍ପତ୍ତି' ୧୯୩୨ରେ ପ୍ରକାଶ ପାଇଥିଲା। ତାଙ୍କର ଲୋକପ୍ରିୟ ଉପନ୍ୟାସ ମଧ୍ୟରୁ 'ବାଲିରାଜା', 'କା', 'ତୁଣ୍ଡବାଇଦ', 'ଅଦେଖା ହାତ', 'ହା ଅନ୍ନ', 'ଶାସ୍ତି', 'ଏପାରି ସେପାରି' ପ୍ରଭୃତି ଅନ୍ୟତମ । ତାଙ୍କର ଲୋକପ୍ରିୟ ଉପନ୍ୟାସ 'କା', 'ତୁଣ୍ଡବାଇଦ', 'ଅଭିନେତ୍ରୀ' ଆଦିକୁ ନେଇ ଫିଲ୍ମ ମଧ୍ୟ ତିଆରି ହୋଇଛି। 'କା' ଉପନ୍ୟାସ ଲାଗି ସେ ୧୯୫୮ ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇଥିଲେ। ଏହାପରେ ତାଙ୍କୁ ସାହିତ୍ୟ ଏକାଡେମୀ ଫେଲୋସିପ୍ ମଧ୍ୟ ମିଳିଥିଲା। ୧୯୯୪ ମସିହା ଅପ୍ରେଲ ୬ ତାରିଖରେ ୮୭ ବର୍ଷ ବୟସରେ ଏହି ମହାନ ସାରସ୍ୱତ ସାଧକଙ୍କର ପରଲୋକ ଘଟିଥିଲା।

## ଭାଗ୍ୟ ବଦଳାଇଲା ଡ୍ରାଗନ୍

**ମଧୁମେହ ପାଇଁ ରାମବାଣ ଡ୍ରାଗନ୍ ଫ୍ରୁଟ୍। ଏହି ଫଳର ମାର୍କେଟ ଦର ଭଲ ରହୁଥିବାରୁ ଅଧିକାଂଶ ଏହାକୁ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ବିହାର, କିଶନଗଞ୍ଜ ଜିଲ୍ଲାର ହଂସରାଜ ନଖତ।**



ହଂସରାଜ ଆଧୁନିକ କୌଶଳରେ ଡ୍ରାଗନ ଫ୍ରୁଟ୍ ଚାଷକୁ ଆପଣାଇଥିଲେ। ଏହି ଚାଷ ପାଇଁ ବାଲିଆ, ମାଙ୍କଡ଼ିଆ ପଥର ଏବଂ ଲାଲ ମାଟି ଉପଯୁକ୍ତ। ଚାଷ ପାଇଁ ମାଟିକୁ ସମତଳ କରି ପରେ ହଳ କିମ୍ବା ଟ୍ରାକ୍ଟର ଜରିଆରେ ମାଟିକୁ ଉପର ତଳ କରାଯାଏ। ଡ୍ରାଗନ ଫ୍ରୁଟ୍ ଗଛ ମୋଡ଼ି ମୋଡ଼ି ହୋଇ ଉପରକୁ ଉଠୁଥିବାରୁ ଜମିରେ ପୋଲ ବା ଗାତ କରି ସିମେଣ୍ଟଖୁଣ୍ଟ କରାଯାଏ। ଉପରେ ଗୋଲାକାର କିମ୍ବା ଚାରିକୋଣିଆର ବାଡ଼ ରଖାଯାଏ। ଫୁଲ ଆସିବାର କିଛି ଦିନ ପରେ ଫଳ ଫଳିଥାଏ। ଏହି ଚାଷ ପାଇଁ ହଂସରାଜ ବୁନ୍ଦା ଜଳ ସେଚନ, ପ୍ରାକୃତିକ ମଲ୍‌ଚିଂ ଆଦି କୌଶଳ ଆପଣାଇଛନ୍ତି। ଏହାଦ୍ୱାରା ଗଛକୁ ଆବଶ୍ୟକ ମୁତାବକ ପାଣି ମିଳିଥାଏ। ମାଟିର ଆର୍ଦ୍ରତା ବଜାୟ ରହେ। ତେବେ ଆଧୁନିକ କୌଶଳ ଆପଣାଇ ହଂସରାଜ ଏହି ଚାଷରୁ ଏବେ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି।



# ସୁବର୍ଣ୍ଣା

## ପିଜୁଳି ଗଛକୁ କାଳ ଅଙ୍ଗମାରୀ ଓ ଝାଉଁଳା

**ବର୍ଷାଦିନେ ପିଜୁଳି ଗଛ ପାଇଁ ଅଙ୍ଗମାରୀ ଏବଂ ଝାଉଁଳା ରୋଗ ବଡ଼ ଶତ୍ରୁ। ପତ୍ର ଉପରେ ଦୀର୍ଘ ସମୟ ପାଣି ପଡ଼ିବା, ଗଛକୁ ଠିକ୍ ବାୟୁ ଚଳାଚଳ ନ ହୋଇ ପାରିଲେ ଏହି ରୋଗ ଆଶଙ୍କା ବଢ଼ିଥାଏ। ଏହି ରୋଗ ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥାଏ।**



ଅଙ୍ଗମାରୀ କବକଜନିତ ରୋଗ। ଏହି ରୋଗରେ କଅଁଳିଆ ପତ୍ର, ଡାଳ, ଫୁଲ କିମ୍ବା ଫଳରେ କଳା, ପାଉଁଶିଆ କିମ୍ବା ଗାଢ଼ବାଦାମୀ ରଙ୍ଗର ଦାଗ ହୋଇ ଏହା ସେହି ଅଂଶକୁ ଶୁଖାଇଦିଏ। ପତ୍ର, କଅଁଳିଆ ଡାଳ, କଢ଼ ଝଡ଼ିପଡ଼େ। ଫଳକୁ ପଚାଇ ଦିଏ। ସେଥିପାଇଁ ନଷ୍ଟ ହୋଇଥିବା ପତ୍ର ଓ ଫୁଲକୁ ବାହାର କରି ନଷ୍ଟ କରିଦେବା ଉଚିତ। କଟା ଯାଇଥିବା ଅଂଶ ଉପରେ କପର ଅକ୍ସିକ୍ଲୋରାଇଡ ଲେପ ଦିଆଯାଏ। ରୋଗର ପ୍ରାରମ୍ଭିକ ଲକ୍ଷଣ ଦେଖିଲେ, ହେକ୍ସାକୋନାଜୋଲ୍ କିମ୍ବା ପ୍ରୋପିକୋନାଜୋଲ୍ ଔଷଧ ୨ ମିଲିଲିଟର ମାତ୍ରା ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ। ସେହିପରି ପିଜୁଳି ଗଛରେ ଝାଉଁଳା ରୋଗ ହେଲେ ଗଛର ଶିରାପ୍ରଶିରା ପ୍ରଭାବିତ ହୁଏ। ମାଟିରେ ଥିବା କବକ କିମ୍ବା ଜୀବାଣୁ ମୂଳ ଦ୍ୱାରା ଗଛ ଭିତରକୁ ପ୍ରବେଶ କରି ଏହି କ୍ଷତି ଘଟାନ୍ତି। ଗଛ ଖାଦ୍ୟ ଓ ପାଣି ପାଇପାରେନାହିଁ। ପତ୍ର ହଳଦିଆ ପଡ଼ି ଚେର ନଷ୍ଟ ହୁଏ। ତେଣୁ ଗଛ ମୂଳରେ ପାଣି ଜମିବାକୁ ଦେବା ଅନୁଚିତ। ମେଟାଲାକ୍ସିଲ +ମାଙ୍କୋଜେବ ୨ ଗ୍ରାମ୍ କିମ୍ବା କପର ଅକ୍ସିକ୍ଲୋରାଇଡ ୩ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ।

## ଆଳୁଚୋପାରୁ ଜୈବିକ ଖତ



ଆଳୁଚୋପାକୁ ବର୍ଜ୍ୟଭାବି ଅନେକ ଏହାକୁ ଫିଙ୍ଗି ଦିଅନ୍ତି। ହେଲେ ଆଳୁଚୋପାରେ ପୋଟାସିୟମ, ମ୍ୟାଗ୍ନେସିୟମ, ଫସ୍‌ଫରସ ଏବଂ ଭିଟାମିନ୍ ଆଦି ମିଳୁଥିବାରୁ ଏହାକୁ ଜୈବିକ ଖତ ଭାବେ ବ୍ୟବହାର କରାଯାଏ। ଆଳୁ ଚୋପାରୁ ତିଆରି ଖତ ବା ତରଳଔଷଧ ଗଛ ବୃଦ୍ଧିରେ ସାହାଯ୍ୟ କରେ। ଏହା ଗଛ ମୂଳକୁ ଶକ୍ତି ଯୋଗାଏ।

ଆଳୁ ଚୋପାକୁ ଶୁଖାଇ ଏହାକୁ ଛୋଟ ଖଣ୍ଡ କରି ଡବାରେ ରଖାଯାଏ। ଏହାସହ ଶୁଖିଲା ପତ୍ର, ପନିପରିବା ଚୋପା ମିଶାଇ କିଛି ସପ୍ତାହ ପାଇଁ ରଖିଲେ ଏହା ଶଢ଼ି ଖତ ପାଲଟେ। ସେହିପରି ଆଳୁଚୋପାର ଶୁଖିଲା ଖତ ସହ ମାଟି ମିଶାଇ ବ୍ୟବହାର କଲେ ମାଟିର ଗୁଣବତ୍ତା ବୃଦ୍ଧି କରେ। ଫୁଲ ଓ ଫଳ ଧରିବାରେ ସାହାଯ୍ୟ କରେ।

ବୋତଲରେ ଏକ ଲିଟର ପାଣିରେ ଏକ ମୁଠା ଆଳୁ ଚୋପା ମିଶାଇ ତିନିରୁ ଚାରି ଦିନ ଠିପି ବନ୍ଦ କରି ରଖାଯାଏ । ପ୍ରତି ୨୪ ଘଣ୍ଟାରେ ଡବାକୁ ଖୋଲି ଏହି ପାଣିକୁ ଉପର ତଳ କରି ପରେ ପାଣିକୁ ଛାଣି ଏଥିରେ ପାଣି ମିଶାଇ ଗଛ ମୂଳରେ ପ୍ରୟୋଗ କରିପାରିବେ। ଆଳୁ ଚୋପାରୁ ପ୍ରସ୍ତୁତ ଖତ ବା ତରଳ ଔଷଧକୁ ସପ୍ତାହରେ ଥରେ ବ୍ୟବହାର କରିବା ଆବଶ୍ୟକ।

## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ଏବଂ ପବନର ପୂର୍ବାନୁମାନ ଥିବାରୁ ଲତାଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛ ଆଦିକୁ ବାଡ଼ି/ଖୁଣ୍ଟ ସାହାଯ୍ୟରେ ଡେରା ଦେବାର ବ୍ୟବସ୍ଥା କରନ୍ତୁ।
- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ।
- ବର୍ତ୍ତମାନ ବିଲାତି ବାଇଗଣ ଲଗାଇବାର ଉପଯୁକ୍ତ ସମୟ।
- ବର୍ତ୍ତମାନ କାକୁଡ଼ି ଓ କଖାରୁରେ ସାହେବୀ ରୋଗ ଲାଗିବାର ସମ୍ଭାବନା ଅଛି। ବର୍ଷା ଛାଡ଼ିଗଲା ପରେ ଏହି ରୋଗର ନିୟନ୍ତ୍ରଣ ପାଇଁ ଥାୟୋମିଥୋକ୍ସାମ @ ୮୦ ଗ୍ରାମ କିମ୍ବା ଏସିଟାମିପ୍ରିଡ @ ୮୦ ଗ୍ରାମ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଅଗଷ୍ଟରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇ ପାରିବ।

## ଗାଈଙ୍କ ଥନହରା ରୋଗ

ବର୍ଷାଋତୁରେ ଗାଈଙ୍କୁ ଥନହରା ରୋଗ ହେବାର ଆଶଙ୍କା ଅଧିକ ଥାଏ। ଗୁହାଳ ଓଦା, ଅପରିଷ୍କାର ରହିଲେ, ହାତ ନଧୋଇ କ୍ଷୀର ଦୁହିଁଲେ ଏହି ରୋଗ ବିଭିନ୍ନ ଜୀବାଣୁ ଦ୍ୱାରା ହୋଇଥାଏ। ଥନହରା ରୋଗ ଲକ୍ଷଣଯୁକ୍ତ ବା ଲକ୍ଷଣ ବିହୀନ ହୋଇପାରେ।

ରୋଗର ଲକ୍ଷଣରେ କ୍ଷୀର ରକ୍ତ ବା ପୂଜ ମିଳିତ, ପାଣିଚିଆ ଓ ଦୁର୍ଗନ୍ଧଯୁକ୍ତ ହେବା ସହିତ ପହ୍ନା ଫୁଲିଯାଏ। ଏହି ସମୟେ ପହ୍ନାକୁ ଛୁଇଁଲେ ଏହା ହାତକୁ ଗରମ ଲାଗେ। ପହ୍ନା ଲାଲ୍‌ପଡ଼ି ଟାଣ ଲାଗିଥାଏ। ବେଳେବେଳେ ଗାଈର ପହ୍ନା ରନ୍ଧ୍ର ଆଂଶିକ ବା ପୂରା ବନ୍ଦ ହୋଇଯାଏ। ଗାଈଙ୍କୁ ଯନ୍ତ୍ରଣା ସହ ଜ୍ୱର ହୋଇଥାଏ। କମ୍‌ଖାଇବା ଯୋଗୁଁ ଗାଈ ମାନ୍ଦା ହୋଇଯାନ୍ତି। ସେହିପରି ଲକ୍ଷଣ ବିହୀନ ଥନହରା ଗାଈ ଧୀରେ ଧୀରେ କ୍ଷୀର ଦେବା କମ୍ କରି ଆର୍ଥିକ କ୍ଷତି ଘଟାଏ। ଏହାର ଚିକିତ୍ସା ଅର୍ଥସାପେକ୍ଷ ଓ ସମୟ ସାପେକ୍ଷ। ତେଣୁ ଏହି ରୋଗର ପ୍ରତିରୋଧ ପାଇଁ ଉତ୍ତମ ପରିପାଳନ ଓ ସ୍ୱଚ୍ଛତା ବିଧି ଅବଲମ୍ବନ କରିବା ଆବଶ୍ୟକ। କ୍ଷୀର ଦୁହିଁବା ପୂର୍ବରୁ ହାତକୁ ଯେକୌଣସି ସାବୁନରେ ଧୋଇ ପହ୍ନାକୁ ଧୋଇ ସଫା ଶୁଖିଲା କପଡ଼ାରେ ପୋଛିବା ଆବଶ୍ୟକ। କ୍ଷୀର ଦୁହିଁ ସାରିବା ପରେ ଚିର ରନ୍ଧ୍ର କିଛି ସମୟ ପାଇଁ ଖୋଲା ରହୁଥବାରୁ ଗାଈକୁ ଛିଡ଼ା ରଖିବା ପାଇଁ ତା ସାମ୍ନାରେ ନଡ଼ା କିମ୍ବା କୁଟା ଦେଇ ପାରିବେ। କ୍ଷୀର ଦୁହିଁସାରିବା ପରେ ଯେକୌଣସି ଆଣ୍ଟିସେପ୍‌ଟିକ ଦ୍ରବଣରେ ଚିରକୁ ପୋଛିବେ। ପହ୍ନାରେ ଅସ୍ୱାଭାବିକ ଲକ୍ଷଣ ହେଲେ ପ୍ରାଣୀଚିକିତ୍ସକଙ୍କୁ ପରାମର୍ଶ କରିବା ଆବଶ୍ୟକ। ନିୟମିତ କ୍ଷୀରକୁ ନିକଟସ୍ଥ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇ ପରୀକ୍ଷା କରିବା ଦ୍ୱାରା ଏହି ରୋଗ ଅଛି କି ନାହିଁ ଜଣାପଡ଼ିଥାଏ। ବ୍ୟୟ ସାପେକ୍ଷ ଚିକିତ୍ସାକୁ ମୁକ୍ତି ମିଳିଥାଏ।

## ବର୍ଷାଦିନେ କୁଣ୍ଡର ଯତ୍ନ

**ଗଛଲତା ବୃଦ୍ଧି ପାଇଁ ବର୍ଷା ପାଣି ଉପଯୋଗୀ। ହେଲେ ଅତ୍ୟଧିକ ପାଣି ଫସଲକୁ ନଷ୍ଟ କରିଦିଏ। ତେଣୁ ବର୍ଷାଦିନେ ପନିପରିବା ଓ ଫୁଲକୁଣ୍ଡର ସଠିକ୍ ଯତ୍ନ ନେବା ଆବଶ୍ୟକ।**

କୁଣ୍ଡରୁ ମାଟି ଶୁଖିଲେ ଜଳ ସେଚନ କରିବା ଜରୁରି। ଛୋଟ କୁଣ୍ଡରେ ଅଳ୍ପ କଣା କରି ଅତିରିକ୍ତ ପାଣି ନିଷ୍କାସନ କରାଯାଏ। ବଡ଼ ଏବଂ ଭାରିଯୁକ୍ତ କୁଣ୍ଡକୁ ତେରଛା କରି ଏହା ତଳେ ପଥର ଦେଇ ରଖିବା ଦ୍ୱାରା ଜମିଥିବା ପାଣି ବାହାରିଯାଏ। ସପ୍ତାହରେ ଥରେ କୁଣ୍ଡକୁ ସଫା କରିବା ସହ ମାଟିକୁ ଉପର ତଳ କରାଯାଏ। କୁଣ୍ଡରୁ ଶୁଖିଲା ପତ୍ର ସଫା କଲେ ଗଛକୁ ବାୟୁ ଚଳାଚଳ ହୋଇଥାଏ।

ପତ୍ର ହଳଦିଆ ବା ଝାଉଁଳୁଥିଲେ ଗଛକୁ କୁଣ୍ଡରୁ କାଢ଼ି ମୂଳକୁ ସଫା କରି ଭଲ ମାଟି ଦେଇ ପୁନଶ୍ଚ ଲଗାଇ ପାରିବେ। ବର୍ଷା ସମୟରେ କୁଣ୍ଡକୁ ଶୁଖିଲା ସ୍ଥାନରେ ରଖିବା ଉଚିତ। ଦୁଇଥର କବକନାଶକ ସିଞ୍ଚନ କରିବା ସହ ଅନାବନା ଘାସ ଉପାଡିଦେବା ଉଚିତ।



### ଏଫ୍‌ଆଇଏଚ୍ ହକି ବିଶ୍ୱକପ୍-୨୦୨୬

# ୱେଲ୍ସ ଓ ଚୀନ୍ ମୁକାବିଲାରୁ ଭାରତର ଅଭିଯାନ

ଆମଷ୍ଟଲଭିନ୍,୧୦।୮ (ଏଜେନ୍ସି)




ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମ ମିଳିତଭାବେ ଚଳିତ ବର୍ଷ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଆୟୋଜନ କରୁଛନ୍ତି। ଅଗଷ୍ଟ ୧୫ରୁ ଏହି ପ୍ରତିଯୋଗିତା ଆରମ୍ଭ ହେଉଥିଲାବେଳେ ୨୯ରେ ମହିଳା ଓ ୩୦ରେ ପୁରୁଷ ବିଭାଗରେ ପ୍ରତିଯୋଗିତା ଶେଷ ହେବ। ପ୍ରଥମଥର ଲାଗି ହକି ବିଶ୍ୱକପ୍ ମିଳିତ ଭାବେ ଦୁଇଟି ଦେଶ ଆୟୋଜନ କରୁଥିବାବେଳେ ନେଦରଲ୍ୟାଣ୍ଡସର ଆମଷ୍ଟଲଭିନ ଓ ବେଲ୍‌ଜିୟମ୍‌ର ୱାଭରେ ସହରରେ ସମସ୍ତ ମ୍ୟାଚ୍ ଖେଳାଯିବ। ୨୦୧୮ ଓ ୨୦୨୩ ବିଶ୍ୱକପ୍ ଭଳି ଏଥର ମଧ୍ୟ ଉଭୟ ବିଭାଗରେ ୧୬ଟି ଲେଖାଏଁ ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ୧୬ଟି ଦଳକୁ ୪ଟି ପୁଲ୍‌ରେ ଭାଗ କରାଯାଇଛି। ପୁଲ୍ ପର୍ଯ୍ୟାୟରେ ରାଉଣ୍ଡ ରବିନ ଲିଗ୍ ଭିତିରେ ମ୍ୟାଚ୍ ଖେଳାଯିବ। ଏହା ପରେ ପ୍ରତ୍ୟେକ ପୁଲ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ରସ୍ ଓଭରରେ ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ପ୍ରତ୍ୟେକ ପୁଲ୍‌ର ଦୁଇ ଶ୍ରେଷ୍ଠ ଦଳ ଟାଇଟଲ ଲାଗି ଲଢ଼େଇ କରିବାକୁ ଥିବାବେଳେ ଶେଷ ଦୁଇଟି ଦଳ କ୍ଲାସିଫିକେସନ ଲାଗି ଖେଳିବେ।

ଏହି ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଦଳ ପୁଲ୍-ଡି'ରେ ଓ ମହିଳା ଦଳ ମଧ୍ୟ ପୁଲ-ଡି'ରେ ସ୍ଥାନ ପାଇଛନ୍ତି। ପୁରୁଷ ଦଳ ସହ ଏହି ପୁଲ୍‌ରେ ୱେଲ୍ସ, ଇଂଲଣ୍ଡ ଓ ପାକିସ୍ତାନ ସ୍ଥାନ ପାଇଛି। ଅଗଷ୍ଟ ୧୫ରେ ୱେଲ୍ସ ସହ ଖେଳି ଭାରତୀୟ ପୁରୁଷ ଦଳ ଅଭିଯାନ ଆରମ୍ଭ କରିବ। ଅଗଷ୍ଟ ୧୭ରେ ଇଂଲଣ୍ଡ ଓ ୧୯ରେ ପାକିସ୍ତାନ ସହ ହାଇଭୋଲ୍ଟେଜ ମୁକାବିଲା ହେବ। ସେହିପରି ଭାରତୀୟ ମହିଳା ଦଳ ସହ ଚୀନ, ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡକୁ ଗୋଟିଏ ପୁଲ୍‌ରେ ସ୍ଥାନ ମିଳିଛି। ମହିଳା ଦଳ ଅଗଷ୍ଟ ୧୬ରେ ଚୀନ୍ ସହ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୧୮ରେ ଦକ୍ଷିଣ ଆଫ୍ରିକା ଓ ୨୦ରେ ଇଂଲଣ୍ଡ ସହ ଖେଳି ପୁଲ ପର୍ଯ୍ୟାୟ ଶେଷ କରିବ। ହରମନପ୍ରୀତ୍ ସିଂହ ପୁରୁଷ ଓ ସଲିମା ଟେଟେ ମହିଳା ଦଳର ନେତୃତ୍ୱ ନେଉଛନ୍ତି। ଭାରତ ୫୧ ବର୍ଷ ହେଲା ବିଶ୍ୱକପ୍ ଚାମ୍ପିଅନ ହୋଇନାହିଁ। ୧୯୭୫ରେ ଦଳ ଥରେ ମାତ୍ର ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଏହାପରେ ଆଉ ସେଭଳି ସଫଳତା ମିଳିନାହିଁ। ମହିଳା ଦଳ ସେମିଫାଇନାଲ ଖେଳିଲେ ବଡ଼ କଥା ବୋଲି କୁହାଯାଉଛି।

**ଭାରତର ପୁଲ୍ ଖେଳ ସୂଚୀ-ପୁରୁଷ ଦଳ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଅଗଷ୍ଟ ୧୫ | ୱେଲ୍ସ | ଆମଷ୍ଟଲଭିନ୍ | ଅପରାହ୍ଣ ୪.୩୦ |
| ଅଗଷ୍ଟ ୧୭ | ଇଂଲଣ୍ଡ | ଆମଷ୍ଟଲଭିନ୍ | ସନ୍ଧ୍ୟା ୬ଟା ୩୦ |
| ଅଗଷ୍ଟ ୧୯ | ପାକିସ୍ତାନ | ଆମଷ୍ଟଲଭିନ୍ | ସନ୍ଧ୍ୟା ୬ଟା ୩୦ |

**ଭାରତର ପୁଲ୍ ଖେଳ ସୂଚୀ-ମହିଳା ଦଳ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଅଗଷ୍ଟ ୧୬ | ଚୀନ୍ | ଆମଷ୍ଟଲଭିନ୍ | ଅପରାହ୍ଣ ୪.୩୦ |
| ଅଗଷ୍ଟ ୧୮ | ଦ.ଆଫ୍ରିକା | ଆମଷ୍ଟଲଭିନ୍ | ସନ୍ଧ୍ୟା ୬ଟା ୩୦ |
| ଅଗଷ୍ଟ ୨୦ | ଇଂଲଣ୍ଡ | ଆମଷ୍ଟଲଭିନ୍ | ସନ୍ଧ୍ୟା ୬ଟା ୩୦ |

### ୨୦ ବର୍ଷରୁ କମ୍ ୱାର୍ଲ୍ଡ ଆଥଲେଟିକ୍ସ

## ୨୭ତମ ସ୍ଥାନରେ ରହିଲା ଭାରତ

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଆମେରିକାର ଓରେଗାଓଁଠାରେ ଚାଲିଥିବା ୨୦ ବର୍ଷରୁ କମ୍ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ଏଥିରେ ଆମେରିକା ୧୨ ସ୍ୱର୍ଣ୍ଣ ସହ ୧୮ଟି ପଦକ ଜିତି ପ୍ରଥମ, କେନିଆ ୪ଟି ସ୍ୱର୍ଣ୍ଣ ସହ ୧୧ଟି ପଦକ ଜିତି ଦ୍ୱିତୀୟ ଓ ଇଟାଲୀ ତୃତୀୟ ସ୍ଥାନ ଅଧିକାର କରିଛି। ୩ଟି ପଦକ ଜିତିବା ସହ ଭାରତ ୨୭ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଭାରତ ପକ୍ଷରୁ ପୁରୁଷ ବିଭାଗ ଜାଭେଲିନ୍‌ରେ ଆଶିଷ କୁମାର ଯାଦବ ଓ ହାଇଜମ୍ପରେ ବସନ୍ତ କୁମାର ମେଘୱାଲ ୨ଟି ରୌପ୍ୟ, ପୁରୁଷ ଲଙ୍ଗ୍‌ଜମ୍ପରେ ସାହନୱାଜ୍ ଖାନ୍ କାଂସ୍ୟ ପଦକ ଜିତିଥିଲେ। ୨୦୧୬ରେ ନୀରଜ ଚୋପ୍ରାଙ୍କ ସ୍ୱର୍ଣ୍ଣ ବିଜୟ ପରେ ଆଶିଷ ଭାରତ ଲାଗି ଦ୍ୱିତୀୟ ପଦକ ଜିତିଥିଲେ। ସେହିପରି ହାଇ ଜମ୍ପରେ ବସନ୍ତ ଭାରତ ଲାଗି ପ୍ରଥମ ପଦକ ବିଜୟୀ ହୋଇଥିଲେ।

## ଦୁଲୀପ ଟ୍ରଫି: ସର୍ଫରାଜଙ୍କ ସ୍ଥାନରେ ଜୟ ଗୋହିଲ


ମୁମ୍ବଇ,୧୦।୮ (ଏଜେନ୍ସି): ସୌରାଷ୍ଟ୍ର ପକ୍ଷରୁ ରଣଜୀ ଖେଳୁଥିବା ଜୟ ଗୋହିଲଙ୍କୁ ଦୁଲୀପ୍ ଟ୍ରଫି ଲାଗି ପଶ୍ଚିମାଞ୍ଚଳ ଦଳରେ ସାମିଲ କରାଯାଇଛି। ସେ ସର୍ଫରାଜ ଖାନଙ୍କ ସ୍ଥାନରେ ଦଳରେ ସ୍ଥାନ ପାଇଛନ୍ତି। ଫିଟ୍ ହୋଇ ନ ଥିବାରୁ ସାଇ ସୁଦର୍ଶନଙ୍କୁ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ରୁ ବାଦ୍ ଦେବା ପରେ ସର୍ଫରାଜଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା। ଫଳରେ ଦୁଲୀପ୍ ଟ୍ରଫି ଲାଗି ଖାଲି ପଡ଼ିଥିବା ପଶ୍ଚିମାଞ୍ଚଳ ଦଳରେ ଗୋହିଲଙ୍କୁ ସାମିଲ କରାଯାଇଥିଲା। ଷ୍ଟାଣ୍ଡବାଇରେ ଥିବା ଗୋହିଲ ଗତ ରଣଜୀ ସିଜନରେ ସୌରାଷ୍ଟ୍ର ପକ୍ଷରୁ ୬ଟି ମ୍ୟାଚ୍ ଖେଳି ୫୮.୧୧ ହାରରେ ଗୋଟିଏ ଶତକ ଓ ୪ଟି ଅର୍ଦ୍ଧଶତକ ସହ ୫୨୩ ରନ୍ କରିଥିଲେ। ଦୁଲୀପ୍ ଟ୍ରଫିରେ ଋତୁରାଜ ଗାଏକ୍ୱାଡଙ୍କ ନେତୃତ୍ୱରେ ପଶ୍ଚିମାଞ୍ଚଳ ତାହାର ପ୍ରଥମ ମ୍ୟାଚ୍ ଉତ୍ତରାଞ୍ଚଳ ସହ ଅଗଷ୍ଟ ୨୩ରେ ଖେଳିବ।

## ବ୍ରିଟେନ୍‌ରେ ବୋଧନା ଓ ଶ୍ରେୟସ ଚେସ୍ ଚାମ୍ପିଅନ

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଦୁଇ ଖେଳାଳି ବୋଧନା ଶ୍ରୀବାସ୍ତବ ଓ ଶ୍ରେୟସ ରୟାଲ ବ୍ରିଟେନ ସିନିଅର ଚେସ୍ ଚାମ୍ପିଅନ ହୋଇଛନ୍ତି। ମହିଳା ବିଭାଗରେ ସର୍ବାଧିକ ପଏଣ୍ଟ ରଖି ବୋଧନା ବ୍ରିଟେନର ଅନ୍ୟ ଖେଳାଳିମାନଙ୍କୁ ପଛରେ ପକାଇଦେଇଥିଲେ। ସବୁଠାରୁ ବଡ଼ କଥା ହେଲା ବୋଧନାଙ୍କ ବୟସ ଏବେ ୧୧ ଓ ସିନିଅର ଲେଭଲରେ ଏହା ତାଙ୍କର ତୃତୀୟ ବ୍ରିଟିଶ ଟାଇଟଲ। ସେହିପରି ମହିଳାମାନେ ଖେଳିବାକୁ ଥିବା ଓପନ (ପୁରୁଷ) କାଟେଗୋରୀରେ ଆଉ ଜଣେ ଭାରତୀୟ ଖେଳାଳି ଶ୍ରେୟସ ରୟାଲ ମଧ୍ୟ ଚାମ୍ପିଅନ ହୋଇଛନ୍ତି। ସେ ୯ ରାଉଣ୍ଡରୁ ୯ ପଏଣ୍ଟ ପାଇ ପ୍ରଥମଥର ବ୍ରିଟେନ ସିନିଅର ଚେସ୍ ଟାଇଟଲ ଜିତିଛନ୍ତି।

## ୬ ବଲ୍‌ରେ ୬ ଛକା; ଆଲବର୍ଟଙ୍କ କୀର୍ତ୍ତିମାନ

ଲଣ୍ଡନ,୧୦।୮ (ଏଜେନ୍ସି): ଏଠାରେ ଚାଲିଥିବା ଇଂଲଣ୍ଡ ୱାନ୍‌ଡେ କପ୍‌ରେ ହାମ୍ପାସାୟରର ବ୍ୟାଟର ଟୋବି ଆଲବର୍ଟ କ୍ରମାଗତ ୬ଟି ବଲରେ ୬ଟି ଛକା ମାରି ରେକର୍ଡ ବୁକ୍‌ରେ ସାମିଲ ହୋଇଛନ୍ତି।



ହୋଭ୍ ଠାରେ ସୋମବାର ଖେଳାଯାଇଥିବା ସସେକ୍ସ ବିପକ୍ଷ ମ୍ୟାଚ୍‌ରେ ହାମ୍ପାସାୟରର ୪୩ତମ ଓଭରର ଶେଷ ୨ ବଲ୍‌ରେ ଆଲବର୍ଟ ଛକା ମାରିଥିଲେ। ପରବର୍ତ୍ତୀ ଓଭରରେ ସେ କ୍ରମାଗତ ୪ଟି ଛକା ମାରିବା ଫଳରେ ହାମ୍ପାସାୟର ୫୧ ରନ୍‌ରେ ସସେକ୍ସକୁ ପରାସ୍ତ କରି ୱାନ୍‌ଡେ କପ୍‌ରେ ଚତୁର୍ଥ ବିଜୟ ହାସଲ କରିଛି। ଆଲବର୍ଟ ୨୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ୩୭ଟି ବଲ୍‌ରେ ୮୬ ରନ୍ କରି ଆଉଟ ହୋଇଥିଲେ।

## ଡେଭିସ କପ୍: ଭାରତୀୟ ଦଳରେ ଧାମ୍‌ନେ

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଦକ୍ଷିଣ କୋରିଆ ବିପକ୍ଷ ଡେଭିସ କପ୍ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡ ମୁକାବିଲା ଲାଗି ସୋମବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ପ୍ରଥମଥର ମାନସ ଧାମ୍‌ନେଙ୍କ ଭଳି ପ୍ରତିଭାବାନ ଖେଳାଳିଙ୍କୁ ସାମିଲ କରାଯାଇଛି।



ଦଳରେ ସ୍ଥାନ ପାଇଥିବା ଅନ୍ୟ ସଦସ୍ୟମାନେ ହେଲେ ସୁମିତ ନାଗଲ, ଦକ୍ଷିଣେଶ୍ୱର ସୁରେଶ, ୟୁକି ଭାମ୍ବ୍ରୀ ଓ ଏନ୍ ଶ୍ରୀରାମ ବାଲାଜୀ। ଏହି ମୁକାବିଲାଟି ସିଓଲର ହାର୍ଡକୋର୍ଟ ଟେନିସ କୋର୍ଟରେ ସେପ୍ଟେମ୍ବର ୧୮ ଓ ୧୯ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ରୋହିତ ରାଜପାଲ ଭାରତୀୟ ଦଳର ନନ୍ ପ୍ଲେଇଂ କ୍ୟାପ୍ଟେନ ରହିଛନ୍ତି।

# ଆଇପିଏଲ୍‌ରେ ଟ୍ରେଡ୍; ପାଣ୍ଡ୍ୟାଙ୍କୁ ନେଇ ପୁଣି ଚର୍ଚ୍ଚା

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଚର୍ଚ୍ଚ ସର୍ବଦା ରହିଛି। ଆଇପିଏଲ୍ ଚାଲିଥାଇ କିମ୍ବା ଅଫ୍ ସିଜନରେ ପାଣ୍ଡ୍ୟା ପ୍ରାୟତଃ ଚର୍ଚ୍ଚାରେ ରହିଆସିଛନ୍ତି। ଗତ କିଛି ଦିନର ଅବ୍ୟାହତି ପରେ ମୁମ୍ବଇ ଇଣ୍ଡିଆନ୍ସର ଅଧିନାୟକ ରହିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଟ୍ରେଡ଼ ବା ଦଳବଦଳକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ବର୍ତ୍ତମାନ ତାଙ୍କର ଦଳ ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ ଏ ସମ୍ପର୍କରେ ଗୋଟିଏ ହେଲେ ଶବ୍ଦ ଶୁଣିବାକୁ ମିଳିନାହିଁ। ସେମାନେ ହୁଏତ ପାଣ୍ଡ୍ୟାଙ୍କୁ ଛାଡ଼ି ନ ପାରନ୍ତି। ଏହା ସତ୍ତ୍ୱେ ମୁମ୍ବଇ ଦଳରେ ତାଙ୍କର ଉପସ୍ଥିତି ଫ୍ରାଞ୍ଚାଇଜ୍ ମ୍ୟାନେଜମେଣ୍ଟର ଗ୍ରହଣୀୟ ହୋଇପାରି ନାହିଁ। ଯାହା ଫଳରେ ତାଙ୍କର ଦଳ ବଦଳକୁ ନେଇ ଚର୍ଚ୍ଚା ବାରମ୍ବାର ହେଉଛି।




ଯାହା ଚର୍ଚ୍ଚା ଚାଲିଛି ସେଥିରେ ୨୦୨୭ ସିଜନରେ ପାଣ୍ଡ୍ୟାଙ୍କୁ ଦଳରେ ସାମିଲ କରିବାକୁ କୋଲକାତା ନାଇଟ୍ ରାଇଡର୍ସ ଓ ଚେନ୍ନଇ ସୁପର କିଙ୍ଗ୍‌ସ ଆଗ୍ରହୀ ରହିଛି। ଏବେ ଚେନ୍ନଇ ସୁପର କିଙ୍ଗ୍‌ସରେ କେହି କୋଚ୍ ନାହାନ୍ତି। ନୂଆ କୋଚ୍ ନିଯୁକ୍ତ ହେବା ପରେ ପାଣ୍ଡ୍ୟାଙ୍କ ଟ୍ରେଡ୍ ସମ୍ପର୍କରେ ଚେନ୍ନଇ ଚିନ୍ତା କରିବ। କୋଲକାତା ନିକଟରେ ମଧ୍ୟ ଶୀର୍ଷ ଖେଳାଳି ବଦଳ କରିବାକୁ ସୂଚନା ନାହିଁ। ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟ ଦଳରେ ନେବାକୁ ଆଗ୍ରହୀ ରହିଛି। ସବୁଠାରୁ ବଡ଼ କଥା ହେଲା ଆହତ ସମସ୍ୟା। ପାଣ୍ଡ୍ୟା ଫିଟ୍ ହେବା ପରେ ଯାହା କିଛି ଚର୍ଚ୍ଚା ହେଉଛି ସେଥିରେ ଖୋରାକ ଯୋଗାଇବ। ଏବେ କିନ୍ତୁ ଟ୍ରେଡ୍ ହେବା ନେଇ କୌଣସି କିମ୍ବା କାହା ମଧ୍ୟରେ ଆଲୋଚନା ହୋଇନାହିଁ।

### ଟରୋଣ୍ଟୋ ମାଷ୍ଟର୍ସ

## କ୍ୱାର୍ଟରରେ, ରିବାକିନା, ବେନସିକ୍, ଗଫ୍



ଟରୋଣ୍ଟୋ, ୧୦।୮ (ଏଜେନ୍ସି): ବିଶ୍ୱର ଦୁଇ ନମ୍ବର ମହିଳା ଟେନିସ ଖେଳାଳି ଏଲିନା ରିବାକିନା ଏଠାରେ ଚାଲିଥିବା ଟରୋଣ୍ଟୋ ମାଷ୍ଟର୍ସ/କାନାଡିଆନ୍ ଓପନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କାଜାଖସ୍ତାନର ତାରକା ରିବାକିନା ପ୍ରି-କ୍ୱାର୍ଟରରେ ୬-୪, ୪-୬, ୬-୪ ସେଟରେ ରୁଷିଆର ଲିଉଡମିଲା ସାସନୋଭାଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲରେ ରିବାକିନାଙ୍କ ମୁକାବିଲା ଜାପାନର ନାଓମି ଓସାକାଙ୍କ ସହ ହେବ। ଅନ୍ୟ ଏକ ରାଉଣ୍ଡ-୧୬ ମ୍ୟାଚରେ ଓସାକା ୬-୪, ୬-୪ ସିଧାସଳଖ ସେଟରେ ଘରୋଇ ଖେଳାଳି ଲେଲା ଫର୍ଣ୍ଣାଡିଜଙ୍କୁ ହରାଇଥିଲେ। ସେହିଭଳି ବିଶ୍ୱର ୪ ନମ୍ବର ଖେଳାଳି ଆମେରିକାର କୋକୋ ଗଫ୍ ୬-୩, ୬-୧ ସେଟରେ ଯୋଗ୍ୟତା ଅର୍ଜନକାରୀ ରୁଷିଆର ଆଲିନା କୋର୍ନିଭାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଫଳରେ ଗଫ୍ ୨୦୨୩ ପରେ ପ୍ରଥମଥର ଲାଗି ଏଠାରେ କ୍ୱାର୍ଟର ଫାଇନାଲ ଖେଳିବେ। କ୍ୱାର୍ଟର ଫାଇନାଲରେ ଗଫ୍ ଓ ସୁଇଜରଲାଣ୍ଡର ବେଲିଣ୍ଡା ବେନସିକଙ୍କ ମଧ୍ୟରେ ଲଢ଼େଇ ହେବ। ବେନସିକ ୬-୪, ୬-୦ ସେଟରେ ଫିଲିପାଇନ୍ସର ଆଲେକ୍ସଜାଣ୍ଡର ଇଲାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

## ପେରୁ ପାରା ବ୍ୟାଡ୍‌ମିଣ୍ଟନରେ ଦୀପ୍‌ଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୦।୧୨ (ସମିସ): ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଦୀପରଞ୍ଜନ ବିଶୋୟୀ ତାଙ୍କ କ୍ୟାରିୟରରେ ଆଉ ଏକ ଅନ୍ତର୍ଜାତୀୟ ପଦକ ଯୋଡ଼ିଛନ୍ତି। ପେରୁର ଲିମାରେ ଅନୁଷ୍ଠିତ ପେରୁ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲରେ ଦୀପରଞ୍ଜନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଦୀପରଞ୍ଜନ ପୁରୁଷ ଡବଲ୍ସର ଏସଏଲ-୩ ଓ ଏସୟୁ-୫ କାଟାଗୋରୀରେ ଏହି ସଫଳତା ପାଇଛନ୍ତି। ଇଜିପ୍ଟର ବିରି ଟକରଙ୍କୁ ସାଥୀ କରି ଖେଳିଥିବା



ଦୀପରଞ୍ଜନ ଫାଇନାଲରେ ୨୧-୧୨, ୨୧-୧୮ ଗେମରେ ମେକ୍ସିକୋ ଯୋଡ଼ିଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ବିଜୟ ସହ ଦୀପରଞ୍ଜନ ମଧ୍ୟ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଗତବର୍ଷ ଏହି ଟୁର୍ଣ୍ଣାମେଣ୍ଟର ସମାନ କାଟାଗୋରୀରେ ଦୀପରଞ୍ଜନ ଓ ମନୋଜ ସରକାର ଯୋଡ଼ି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଫଳରେ ଦୀପରଞ୍ଜନ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଏଠାରେ ଟାଇଟଲ ହାସଲ କରିଛନ୍ତି।

## ଅସ୍ମିତା କାୟାକିଂ-କାନୋଇଂ ଲିଗ୍: ୨୬ ପଦକ ସହ ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର, ୧୦।୮ (ସମିସ): ଭୋପାଳର ଲୋୟର ଲେକ୍ ଓ ବୋଟ୍ କ୍ଲବରେ ଗତ ଦୁଇଦିନ ଧରି ଚାଲିଥିବା ଅସ୍ମିତା ଜାତୀୟ ଜୁନିଅର କାୟାକିଂ ଓ କାନୋଇଂ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ପ୍ରତିଯୋଗୀମାନେ ଦମ୍‌ଦାର ପ୍ରଦର୍ଶନ କରି ମୋଟ୍ ୨୬ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୮ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ଅନ୍ତର୍ଭୁକ୍ତ ରହିଛି। ଏଥିସହ ଓଡ଼ିଶା ଦଳ ମଧ୍ୟ ଓଭରଅଲ୍ ରନର୍ସଅପ୍ ହୋଇଛି। ଏହି ପ୍ରତିଯୋଗିତାରେ ମଧ୍ୟପ୍ରଦେଶ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା।

### ଆନ୍ତଃସ୍କୁଲ୍ ଟେବୁଲ ଟେନିସ

## ଶ୍ୱେତା, ଉର୍ଜା, ଆୟୁଷ୍ମାନ, ସୋମନାଥ ଚାମ୍ପିଅନ




ଭୁବନେଶ୍ୱର,୧୦।୮ (ସମିସ): କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ୍‌ରେ ଚାଲିଥିବା ଆନ୍ତଃସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତା ସୋମବାର ଶେଷ ହୋଇଛି। ଏହାପରେ ୱାଇଜିଟିଟିଏ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିନରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଖେଳ ଶେଷ ହୋଇଛି। ଓଡ଼ିଶା ରାଜ୍ୟ ଟିଟି ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃସ୍କୁଲ ପ୍ରତିଯୋଗିତାର ଏକକ ପର୍ଯ୍ୟାୟ ଖେଳ ହୋଇଛି। ଏଥିରେ ବାଳିକା ଜୁନିଅରରେ ଭୁବନେଶ୍ୱର ବିଜେ ଇଂଲିଶ ମିଡିୟମ୍ ସ୍କୁଲ୍‌ର ଆରାଧ୍ୟା ସାହୁଙ୍କୁ ୩-୦ ସେଟ୍‌ରେ ହରାଇ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ଶ୍ୱେତା ବର୍ମା ଚାମ୍ପିଅନ ହୋଇଛନ୍ତି। ବାଳିକା ସିନିଅର ବିଭାଗରେ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ୍‌ର ଉର୍ଜା ବର୍ମା ଚାମ୍ପିଅନ ଓ ଶୈଳବାଳା ଉଚ୍ଚ ମାଧ୍ୟମିକ ସ୍କୁଲ୍‌ର ଆଫିଆ ମୋହସିନ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। କନିଷ୍ଠ ବାଳକ ଏକକରେ ଡିପିଏସ୍ କଳିଙ୍ଗାର ଆୟୁଷ୍ମାନ ପତି ଚାମ୍ପିଅନ ଓ ଭୁବନେଶ୍ୱର ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍‌ର ଏପି ସିଂ ରନର୍ସ ଅପ୍ ହୋଇଛନ୍ତି। ସିନିଅର ବିଭାଗରେ କଟକ ନ୍ୟୁ ଷ୍ଟିୱାର୍ଟ ସ୍କୁଲ୍‌ର ଜାଏଦ୍ ଖାନ୍‌ଙ୍କୁ ହରାଇ ଭୁବନେଶ୍ୱର ସହିଦ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ସୋମନାଥ ସୌମ୍ୟରଞ୍ଜନ ସୁବୁଦ୍ଧି ଚାମ୍ପିଅନ ହୋଇଛନ୍ତି।

### ଫାଓ ଲିଗ୍

## ଫାଇନାଲରେ ୟଙ୍ଗ୍ ଉତ୍କଳ



ଭୁବନେଶ୍ୱର, ୧୦।୮ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା ଫାଓ ଲିଗ୍‌ର ଚଳିତ ସଂସ୍କରଣରେ ପ୍ରଥମ ଦଳ ଭାବେ ୟଙ୍ଗ ଉତ୍କଳ ଫାଇନାଲରେ ପ୍ରବେଶ କରିଛି। ସୋମବାର ଅପରାହ୍ଣରେ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ୟଙ୍ଗ ଉତ୍କଳ ଦଳ ପେନାଲ୍ଟି ସୁଟଆଉଟରେ ୯-୮ (୩-୩) ଗୋଲରେ ସନରାଇଜ କ୍ଲବକୁ ହରାଇଥିଲା। ବିଜୟୀ ଦଳର ଦୀନବନ୍ଧୁ ଦାସ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ସେହିଭଳି ଓଡ଼ିଶା ପୁଲିସ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ବର୍ଷା ଓ ବିଜୁଳି ଲାଗି ସ୍ଥଗିତ ରଖାଯାଇଥିଲା।

### ୧୧ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ରନର୍ସଅପ୍

# ସାତ୍ତ୍ୱିକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୮ (ସମିସ)



ଜାତୀୟ ୧୧ ବର୍ଷରୁ କମ୍ ଚେସ୍‌ରେ ରନର୍ସଅପ୍ ହୋଇ ଫେରିଥିବା ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁଙ୍କୁ ଆଜି ଭୁବନେଶ୍ୱର ବିମାନବନ୍ଦରରେ ତାଙ୍କ ଏକାଡେମୀ ଓ ଚେସ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା ବରିଷ୍ଠ କୋଚ୍ ବିଶ୍ୱଜିତ ରାୟ, ନ୍ୟାସନାଲ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଟ୍ରିପଲ ସି' ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ଓ ଅନ୍ୟମାନେ ବିମାନବନ୍ଦରରେ ଉପସ୍ଥିତ ରହି ସାତ୍ତ୍ୱିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଗତ ଏକମାସ ମଧ୍ୟରେ ସାତ୍ତ୍ୱିକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ୫ଟି ପଦକ ଜିତି ଓଡ଼ିଶା ତଥା ଭାରତର ଗୌରବ ବଢ଼ାଇଛନ୍ତି। ସେ ମଧ୍ୟ ବିଶ୍ୱ ଯୁବ ଚେସ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ନିକଟରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ ଚେସ୍‌ରେ ସେ ଗୋଟିଏ ରୌପ୍ୟ ଓ ୨ଟି କାଂସ୍ୟ, ବିଶ୍ୱ କ୍ୟାଡେଟ କପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ବିମାନବନ୍ଦରରେ ପିତା ବିକ୍ରମ ସ୍ୱାଇଁଙ୍କ ସହ ପରିବାର ସଦସ୍ୟ ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS